

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୩ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 23 MARCH 2024
Vol.No. 35 ■ No.82 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ଦୂର ହେଲା ବିଜେଡି-ବିଜେପି ମେଣ୍ଟ ଦ୍ୱନ୍ଦ୍ୱ ପୃଥକ୍ ପୃଥକ୍ ଲଢ଼ିବେ ନିର୍ବାଚନ

ଭୁବନେଶ୍ୱର, ୨୨/୩ (ନି.ପ୍ର): ରାଜ୍ୟରେ ବିଜେପି ଓ ବିଜେଡି ମଧ୍ୟରେ ନିର୍ବାଚନୀ ମେଂଟକୁ ନେଇ ଗତ ୧୭ଦିନ ଧରି ଚାଲିଥିବା ଅଚଳାବସ୍ଥାରେ ପୂର୍ଣ୍ଣଛେଦ ପଡ଼ିଛି । ବିଜେପି ସଭାପତି ମନମୋହନ ସାମଲ ଆଜି ଏହି ଚର୍ଚ୍ଚାରେ ପୂର୍ଣ୍ଣଛେଦ ପକାଇବା ସହ ବିଜେପି ରାଜ୍ୟର ସମସ୍ତ ୨୧ଲୋକସଭା ଓ ୧୪୭ ବିଧାନସଭା ଆସନରେ ଏକାକୀ ଲଢ଼ିବ ବୋଲି ଘୋଷଣା କରିଛନ୍ତି । ଏହାସହିତ ବିଗତ ୧୦ବର୍ଷ ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରକୁ ରାଷ୍ଟ୍ରୀୟ ମହତ୍ୱ ପ୍ରସଙ୍ଗରେ ସମର୍ଥନ ଦେଉଥିବାରୁ ସେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡିକୁ କୃତଜ୍ଞତା ଜଣାଇଛନ୍ତି ।



ଗତକାଲି ଦିଲ୍ଲୀରୁ ଫେରିଥିବା ବିଜେପି ରାଜ୍ୟ ସଭାପତି ଶ୍ରୀ ସାମଲ ଆଜି ଉଭୟ ହିନ୍ଦୀ ଓ ଓଡ଼ିଆରେ ଟ୍ୱିଟ୍ କରି ଓଡ଼ିଶାରେ ବିଜେପି ସମସ୍ତ ୨୧ ଲୋକସଭା ଓ ୧୪୭ ବିଧାନସଭା ଆସନରେ ଏକାକୀ ନିର୍ବାଚନ ଲଢ଼ିବ ବୋଲି କହିଛନ୍ତି । ସାଢ଼େ ୪କୋଟି ଓଡ଼ିଶାବାସୀଙ୍କ ଆଶା, ଅଭିଳାଷା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱରେ ବିକଶିତ ଭାରତ ତଥା ବିକଶିତ ଓଡ଼ିଶା ଗଠନ ନିମନ୍ତେ ବିଜେପି ଚଳିତ ଥର ଏକାକୀ ସବୁ ଆସନରେ ଲଢ଼ିବ ବୋଲି ସେ ଘୋଷଣା କରିଛନ୍ତି । ସମଗ୍ର ଦେଶରେ ଯେଉଁଠି ଡବଲ ଇଞ୍ଜିନର ସରକାର ରହିଛି ସେଠାରେ ବିକାଶ ଓ ଗରିବ କଲ୍ୟାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି ଓ ରାଜ୍ୟ ପ୍ରତ୍ୟେକ କ୍ଷେତ୍ରରେ ଆଗକୁ ବଢ଼ିଛି । କିନ୍ତୁ ଏବେ ଓଡ଼ିଶାରେ ମୋଦି ସରକାରଙ୍କ ଅନେକ କଲ୍ୟାଣକାରୀ ଯୋଜନା ତୃଣମୂଳସ୍ତରରେ ପହଂଚି ପାରୁନି । ଯେଉଁଥିପାଇଁ ଓଡ଼ିଶାର ଗରିବ ଭାଇଭଉଣୀମାନଙ୍କୁ ଏହାର ଫାଇଦା ମିଳିପାରୁନି । ଓଡ଼ିଶାର ଅସ୍ମିତା, ଓଡ଼ିଶା ଗୌରବ ଓ ଓଡ଼ିଶା ଲୋକଙ୍କ ସ୍ୱାର୍ଥ ସହ ଜଡ଼ିତ ଅନେକ ବିଷୟକୁ ନେଇ ଆମର ଚିନ୍ତା ରହିଛି । ସେଥିପାଇଁ ବିଜେପି ଏକାକୀ ରାଜ୍ୟରେ ଲଢ଼ିବ ବୋଲି ଶ୍ରୀ ସାମଲ ଘୋଷଣା କରିଛନ୍ତି । ଶ୍ରୀ ସାମଲ ଚଳିତ ଥର ହିନ୍ଦୀ

▶▶ପୃଷ୍ଠା ୭

## ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ପଦରୁ ବିଜୟ ପଟ୍ଟନାୟକ ବିଦା



ଭୁବନେଶ୍ୱର, ୨୨/୩ (ନି.ପ୍ର): ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇସାରିଥିବାବେଳେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପ୍ରଚାର କମିଟି ଅଧ୍ୟକ୍ଷ ପଦରୁ ବିଜୟ ପଟ୍ଟନାୟକଙ୍କୁ ଅଚାନକ ହଟାଇ ଦିଆଯାଇଛି । ତାଙ୍କ ସ୍ଥାନରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି । ବିଜୟଙ୍କୁ ଅଚାନକ ହଟାଇ ଦିଆଯିବାକୁ ନେଇ ରାଜ୍ୟ କଂଗ୍ରେସରେ ଯେ ସବୁକିଛି ଠିକଠାକ୍ ଚାଲିନାହିଁ ତାହା ସ୍ପଷ୍ଟ ହୋଇଛି । ଏଆଇସିସି ସାଧାରଣ ସମ୍ପାଦକ କେସି ବେଣୁଗୋପାଳଙ୍କ ଦ୍ୱାରା ଜାରି ଏକ ପ୍ରେସ୍ ରିଲିଜ୍ ଅନୁସାରେ ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ଭାବେ ଭକ୍ତଚରଣ ଦାସ କାର୍ଯ୍ୟ କରିବେ । ବିଜୟ ପଟ୍ଟନାୟକ ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ପରିବର୍ତ୍ତେ ନିର୍ବାଚନ ସମନ୍ୱୟ କମିଟି ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବେ । ଶ୍ରୀ ଦାସ ୨୦୧୯ ସାଧାରଣ ନିର୍ବାଚନରେ ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ । ଶ୍ରୀ ପଟ୍ଟନାୟକଙ୍କୁ ଗତବର୍ଷ ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ଦାୟିତ୍ୱ ମିଳିଥିଲା । ଅନ୍ୟପକ୍ଷରେ ଦଳର ବରିଷ୍ଠ ନେତା ପ୍ରସାଦ ହରିଚନ୍ଦନଙ୍କୁ ଗତ ମାର୍ଚ୍ଚ ୭ତାରିଖରେ ପିସିସି ନିର୍ବାଚନ ପରିଚାଳନା ଟିମ୍ ସଂଯୋଜକ ଭାବେ ଦାୟିତ୍ୱ ମିଳିଥିଲା ।

▶▶ପୃଷ୍ଠା ୭

## ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ୨୮ ଓଏଏସ୍ ଅଫିସରଙ୍କ ବଦଳି




ଭୁବନେଶ୍ୱର, ୨୨/୩ (ନି.ପ୍ର): ରାଜ୍ୟ ସରକାର ଆଜି ୨୮ଜଣ ଓଏଏସ୍ ଅଫିସରଙ୍କ ବଦଳି କରିଛନ୍ତି । ଏନେଇ ଆଜି ବିଧିବଦ୍ଧ ଭାବେ ବଦଳି ବିଜ୍ଞପ୍ତି ଜାରି ହୋଇଛି ଓ ସମ୍ପୃକ୍ତ ଅଫିସରମାନଙ୍କୁ ଆଜି ଅପରାହ୍ନରେ ରିଲିଭ୍ କରି ନୂଆ ସ୍ଥାନରେ ତୁରନ୍ତ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟରେ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ଏହି ବଦଳି ହୋଇଥିବା ଜଣାପଡ଼ିଛି । ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଶୁକ୍ରବାର ଜାରି ବିଜ୍ଞପ୍ତି ଅନୁସାରେ ପାରଳାଖେମୁଣ୍ଡି ଜିଲ୍ଲା ହସ୍ପିଟାଲର ପ୍ରଶାସନିକ ଅଫିସର ଓଏଏସ୍ ସୁକାନ୍ତ ଚନ୍ଦ୍ର ମିଶ୍ରଙ୍କୁ ରାୟଗଡ଼ା ଜିଲ୍ଲା ହସ୍ପିଟାଲର ପ୍ରଶାସନିକ ଅଫିସର ଭାବେ ବଦଳି କରାଯାଇଛି । ଓଏଏସ୍ ଅଫିସର ଜ୍ୟୋତିକାନ୍ତ ଭୁଜବଳଙ୍କୁ ଗଞ୍ଜାମ ଡିଏସଆର, କ୍ଷୀରୋଦ କୁମାର ଦାଶଙ୍କୁ ମୟୂରଭଞ୍ଜ ଜିଲ୍ଲା ହସ୍ପିଟାଲର ପ୍ରଶାସନିକ ଅଫିସର, ନିର୍ଲିପ୍ତ ମହାନ୍ତିଙ୍କୁ ସାଧାରଣ ପ୍ରଶାସନ ବିଭାଗ, ଗଜାନନ ପ୍ରଧାନଙ୍କୁ କେନ୍ଦୁଝର ଡିଏସଆର, ଇପସିତା ପାତ୍ର ବରଗଡ଼ ଜିଲ୍ଲା ହସ୍ପିଟାଲ ପ୍ରଶାସନିକ ଅଫିସର, ଆରତୀ ଭୋଇ

▶▶ପୃଷ୍ଠା ୭

## ବିଜେଡିରୁ ଇସ୍ତଫା ଦେଲେ ସାଂସଦ ଭର୍ତ୍ତୃହରି ମହତାବ୍



ଭୁବନେଶ୍ୱର/କଟକ, ୨୨/୩ (ନି.ପ୍ର): କଟକ ସାଂସଦ ଭର୍ତ୍ତୃହରି ମହତାବ୍ ଶୁକ୍ରବାର ବିଜୁ ଜନତା ଦଳ (ବିଜେଡି) ଛାଡ଼ିଛନ୍ତି । ସେ ନିଜର ଇସ୍ତଫାପତ୍ରକୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପଠାଇଛନ୍ତି । ଏଥି ସହିତ ଶ୍ରୀ ମହତାବ୍ ଦଳର ପ୍ରାଥମିକ ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି । କଟକରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନିଜେ ଶ୍ରୀ ମହତାବ୍ ଏହି ସୂଚନା ଦେଇଛନ୍ତି । ତେବେ ଶ୍ରୀ ମହତାବ୍ କେଉଁ ଦଳରେ ଯୋଗଦେବେ ସେନେଇ ଘୋଷଣା କରିନାହାନ୍ତି । ଦଳ ଛାଡ଼ିବା ଅବସରରେ ଶ୍ରୀ ମହତାବ୍ ଗଣମାଧ୍ୟମର ପ୍ରତିନିଧିଙ୍କୁ କହିଛନ୍ତି, ମୋର ଅଭିଜ୍ଞତା

▶▶ପୃଷ୍ଠା ୭

## କେଜ୍ରିୱାଲଙ୍କୁ ୬ ଦିନିଆ ରିମାଣ୍ଡରେ ନେଲା ଇଡି

ନୂଆଦିଲ୍ଲୀ, ୨୨/୩ : ଅବକାରୀ ନୀତି ଦୁର୍ନୀତି ଘଟଣାରେ ଗିରଫ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ୬ ଦିନିଆ ରିମାଣ୍ଡରେ ନେଇଛି ଇଡି । ଏହି ସମୟରେ ଅବକାରୀ ନୀତି ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ଇଡି କେଜ୍ରିୱାଲଙ୍କୁ ଜେରା କରିବ । ରାଉଜ ଆଭିନ୍ୟୁ କୋର୍ଟ କେଜିୱାଲଙ୍କୁ ୨୮ ତାରିଖ ଯାଏ ଇଡି ହେପାଜତକୁ ପଠାଇ ଦେଇଛନ୍ତି । ପ୍ରକୃତରେ ଇଡି କେଜ୍ରିୱାଲଙ୍କୁ ୧୦ ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା । ଏଥିପାଇଁ ଇଡି ପକ୍ଷରୁ ସଲିସିଟର ଜେନେରାଲ ଏସଭି ରାଜୁ ବଳିଷ୍ଠ ଯୁକ୍ତି ରଖିଥିଲେ । ଅବାକାରୀ ନୀତି ଦୁର୍ନୀତି ଘଟଣାର କିଙ୍ଗ ପିନ କେଜ୍ରିୱାଲ ବୋଲି ମଧ୍ୟ ସେ କହିଥିଲେ । ହେଲେ କେଜ୍ରିୱାଲଙ୍କ ଲିଗାଲ ଟିମ ଏହାକୁ ବିରୋଧ କରିଥିଲା । ଇଡି କରୁଥିବା ଦାବିରେ କୌଣସି ପ୍ରକାରର ସିଧାସଳଖ ପ୍ରମାଣ ନଥିବା କେଜ୍ରିୱାଲଙ୍କ ଓକିଲ କହିଥିଲେ । ଦୀର୍ଘ ଘଣ୍ଟା ଧରି ଦୁଇ ପକ୍ଷଙ୍କୁ ଶୁଣିବା ପରେ କେଜ୍ରିୱାଲଙ୍କୁ କୋର୍ଟ ୨୮ ତାରିଖ ଯାଏ ଇଡି ରିମାଣ୍ଡରେ ପଠାଇ ଦେଇଛନ୍ତି । ମାର୍ଚ୍ଚ ୨୮ ତାରିଖ ଦିନ ୨ଟା ବେଳକୁ କେଜ୍ରିୱାଲଙ୍କୁ ପୁଣି ହାଜର କରିବାକୁ କୋର୍ଟ ଇଡିକୁ କହିଛନ୍ତି । ଗୁରୁବାର ରାତି ୯ଟାରେ ଇଡି କେଜ୍ରିୱାଲଙ୍କୁ ତାଙ୍କ ଦିଲ୍ଲୀ ସ୍ଥିତ ବାସଭବନରୁ ଗିରଫ କରିଥିଲା । ସେ ଭାରତ ଇତିହାସର ପ୍ରଥମ କାର୍ଯ୍ୟରତ ମୁଖ୍ୟମନ୍ତ୍ରୀ ଯିଏ ଗିରଫ ହୋଇଛନ୍ତି । ବର୍ତ୍ତମାନ ପ୍ରତ୍ୟାହାର ହୋଇ ସାରିଥିବା



▶▶ପୃଷ୍ଠା ୭

## ମଦ୍ରାସା ଆଇନକୁ ଅସାମ୍ବିଧାନିକ କହିଲେ ହାଇକୋର୍ଟ

ନୂଆଦିଲ୍ଲୀ, ୨୨/୩ : ଉତ୍ତର ପ୍ରଦେଶ ସରକାର ଆଣିଥିବା ମଦ୍ରାସା ଆଇନକୁ ଅସାମ୍ବିଧାନିକ ଘୋଷଣା କରିଛନ୍ତି ଆହ୍ଲାବାଦ ହାଇକୋର୍ଟ । ଉତ୍ତର ପ୍ରଦେଶ ବୋର୍ଡ ଅଫ ମଦ୍ରାସା ଏଡୁକେସନ ଆକ୍ଟ ୨୦୦୪ ଅସାମ୍ବିଧାନିକ ଓ ଏହା ଧର୍ମନିରପେକ୍ଷର ମୂଳ ନୀତିକୁ



ଉଲ୍ଲଙ୍ଘନ କରୁଛି । ଉକ୍ତ ଆଇନ ଧର୍ମନିରପେକ୍ଷର ବିରୋଧୀ ବୋଲି କୋର୍ଟ କହିଛନ୍ତି । ଜଷ୍ଟିସ ବିବେକ ଚୌଧୁରୀ ଓ ଜଷ୍ଟିସ ସୁଭାଷ ବିଦ୍ୟାର୍ଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ରୁଲିଂ ଦେବା ସହ ଉତ୍ତର ପ୍ରଦେଶ ସରକାରଙ୍କୁ ବର୍ତ୍ତମାନ ମଦ୍ରାସାରେ

▶▶ପୃଷ୍ଠା ୭

## ଆରପାରିରେ ଓଡ଼ିଶା ରାଜନୀତିର ମହାଦ୍ରୁମ ଦାମୋଦର ରାଉତ

ଭୁବନେଶ୍ୱର, ୨୨/୩ (ନି.ପ୍ର): ଆରପାରିରେ ଓଡ଼ିଶା ରାଜନୀତିର ମହାଦ୍ରୁମ ତଥା ବାକ୍ୟ ବାଣ ଭାବେ ପରିଚିତ ଡାକ୍ତର ଦାମୋଦର ରାଉତ । ୮୩ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ



ଅବସ୍ଥାରେ ତାଙ୍କ ପରଲୋକ ହୋଇଛି । ଆଜି ଭୋର ୫ଟା ୨୩ ମିନିଟରେ ଏହି ବର୍ଷୀୟାନ ନେତାଙ୍କ ପରଲୋକ ନେଇ ପରିବାର ପକ୍ଷରୁ ସୂଚନା ଦିଆଯାଇଛି । ଦୀର୍ଘ ଦିନ ଧରି କିଡନୀଜନିତ ସମସ୍ୟା ସହ ଲୁଝୁଥିବା ଦାମୋଦର ରାଉତ ଗତ ୧୮ ତାରିଖ ବିଳମ୍ବିତ ରାତିରେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ । ଅକ୍ସିଜେନ୍ ସାଚୁରେସନ କମିବା ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା ଏବଂ ସେଠାରେ ସେ ହୃଦଘାତର ଶିକାର ହୋଇଥିଲେ । ଏହାପରେ

▶▶ପୃଷ୍ଠା ୭

## ନୀଳମଣି କଲେଜରେ ବସନ୍ତ ଉତ୍ସବ

### ବସନ୍ତକୁ ହଜାଇବା ନାହିଁ, ନିଜ ଭିତରେ ସାଇତି ରଖିବା

ରୂପସା, ୨୨/୩ (ନି.ପ୍ର): ରୂପସା ସ୍ଥିତ ନୀଳମଣି ମହାବିଦ୍ୟାଳୟର ଓଡିଶା ଭାଷା, ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ବସନ୍ତ ଉତ୍ସବ -୨୦୨୪ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ଡ଼ ତପନ କୁମାର ବେହେରା ଏହି ଉତ୍ସବରେ ଅଧ୍ୟକ୍ଷତା କରି ବସନ୍ତ ଉତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ସାଗରିକା ସାହିତ୍ୟ ପତ୍ରିକାର ସମ୍ପାଦିକା ତଥା ବିଶିଷ୍ଟ କବି ସୈରିନ୍ଧ୍ରୀ ସାହୁ ଯୋଗ ଦେଇ ଆମେ ସଭିଏଁ ବସନ୍ତକୁ ନିଜ ଭିତରେ ସାଇତି ରଖିଲେ ପ୍ରକୃତିରାଣୀ ହସି ଉଠିବ । ସ୍ନେହ, ପ୍ରେମରେ ସମସ୍ତେ ବାନ୍ଧି ହୋଇ ରହିଲେ ଏ ଧରଣୀ ରାଣୀ କୋଳକୁ ବସନ୍ତ ପ୍ରତି ମୁହୂର୍ତ୍ତରେ ଫେରି ଆସିବ ବୋଲି ବକ୍ତବ୍ୟରେ କହିଥିଲେ । ମୁଖ୍ୟ ବକ୍ତା ସୁପ୍ରତିଷ୍ଠିତ କବି ଦିଲ୍ଲୀପ ରଥ ଯୋଗ ଦେଇ ବସନ୍ତ ଋତୁର ଆଗମନ ତନୁ ମନ, ଯୁବ ପ୍ରାଣରେ ପ୍ରେମ ପ୍ରୀତି ଭରି ଦିଏ ବୋଲି ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥି ଓଡ଼ିଆ ଭାଷା ଓ ସାହିତ୍ୟର ଗବେଷକ ତଥା ଲେଖକ ଡ଼. ଭାଗବତ ବେହେରା, ପୂର୍ବତନ ଓଡ଼ିଆ ପ୍ରାଧ୍ୟାପିକା ରେଣୁବାଳା ଦାସ, ସାହିତ୍ୟିକ ଡ଼. ବଂଶୀଧର ଚୌଧୁରୀ, ସାହିତ୍ୟିକ ସୃଷ୍ଟିଧର ପରିଡା,କେକେଏସ ମହିଳା କଲେଜର ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ରାଜକିଶୋର ପଣ୍ଡିତ ପ୍ରମୁଖ ମଞ୍ଚାସିନ ହୋଇ ପ୍ରେମ, ଫଗୁଣର ପ୍ରତୀକ ବସନ୍ତ ଧରାପୃଷ୍ଠକୁ ସୌନ୍ଦର୍ଯ୍ୟମୟ କରିଛି ବୋଲି କହିଥିଲେ । ବିଭାଗୀୟ ଅଧ୍ୟାପକ ଶ୍ରୀଧର ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅଧ୍ୟାପିକା ରଶ୍ମିତା ମହାପାତ୍ର, ଅଧ୍ୟାପକ ଚନ୍ଦନ ଦାସଙ୍କ ସମେତ ବିଭାଗୀୟ ଛାତ୍ର ଛାତ୍ରୀ ବସନ୍ତ କବିତା ପାଠ କରିଥିଲେ । ଅଧ୍ୟାପିକା ପିନାକ୍ଷୀ ପଣ୍ଡା, ରୋଜାଲିନ ସ୍ୱାଇଁ, ଦେବସ୍ମିତା ଭୂୟାଁ, ବାସନ୍ତୀ ସାହୁ, ଡ଼ ଶାନ୍ତନୁ ଜେନା, ଶମ୍ଭୁନାଥ ଗିରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଛାତ୍ରୀ ଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ଅତିଥିମାନେ ପରସ୍ପର ରଙ୍ଗ, ଅଭିର ବୋଳି ହୋଇ ଉତ୍ସବ ମନାଇଥିଲେ । ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରିବେଷଣ ସହ ସଂଗୀତ ଗାନ କରିଥିଲେ । ଶେଷରେ ଅଧ୍ୟାପକ ହରେନ୍ଦ୍ର ଗାଁଣ ଧନ୍ୟବାଦ ଅର୍ପଣ କରିଥିଲେ ।



## ଇସ୍ରୋକୁ ଆଉ ଏକ ସଫଳତା: ପୁନଃବ୍ୟବହାର ଯୋଗ୍ୟ ଲଞ୍ଚ ଯାନ ପରୀକ୍ଷଣ ସଫଳ

ନୂଆଦିଲ୍ଲୀ, ୨୨/୩ : ଭାରତୀୟ ମହାକାଶ ଅନୁସନ୍ଧାନ ସଂସ୍ଥାନକୁ ମିଳିଛି ଆଉ ଏକ ସଫଳତା । ପୁନଃବ୍ୟବହାର ହୋଇପାରୁଥିବା ଲଞ୍ଚ ଯାନ ପରୀକ୍ଷଣ ସଫଳ ହୋଇଛି । ଏହି ଲଞ୍ଚ ଯାନର ନାମ ପୁଷ୍ପକ ରଖାଯାଇଛି । ପୁଷ୍ପକ ଆଜି ସକାଳ ୭.୧୦ରେ କର୍ଣ୍ଣାଟକର ଚିତ୍ରଦୁର୍ଗ ସ୍ଥିତ ଏରୋନେଟିକାଲ ଟେଷ୍ଟ ରେଞ୍ଜର ରନୱେରେ ସଫଳତାପୂର୍ବକ ଅବତରଣ କରିଛି । ଅବତରଣ ସମୟରେ ଇସ୍ରୋ ଅଧ୍ୟକ୍ଷ ଏସ ସୋମାନଥଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ପୁନଃବ୍ୟବହାର ଯୋଗ୍ୟ ଲଞ୍ଚ ଯାନ ଟେକନିକ୍ ସଫଳ ହୋଇଥିବା ନେଇ ଇସ୍ରୋ ଏକ୍ସ ପୋଷ୍ଟ ଯୋଗେ ସୂଚନା ଦେଇଛି । ପୁନଃବ୍ୟବହାର ଯୋଗ୍ୟ ଲଞ୍ଚ ଯାନ ପ୍ରଯୁକ୍ତିବିଦ୍ୟା ବା ଟେକନିକ୍



ହେଉଛି ଇସ୍ରୋର ସବୁଠାରୁ ଚ୍ୟାଲେଞ୍ଜିଂ ଟେକ୍ନୋଲୋଜି ମଧ୍ୟରୁ ଅନ୍ୟତମ । ଏହି ଟେକ୍ନୋଲୋଜିର ସାହାଯ୍ୟରେ ଇସ୍ରୋର ସ୍ପେସ୍ ମିଶନଗୁଡ଼ିକର ମୂଲ୍ୟ ହ୍ରାସ ପାଇବ । ଏଥିସହ ଲଞ୍ଚ ଯାନର ଟେକନିକକୁ ପୁନଃ ବ୍ୟବହାର କରାଯାଇ ପାରିବ । ଆରଏଲଭି ଟେକନିକର ପ୍ରଥମ ଦୁଇଟି ପରୀକ୍ଷା ମଧ୍ୟ ସଫଳ ହୋଇଥିଲା । ଇସ୍ରୋ ପୂର୍ବରୁ ଦୁଇଥର ପୁନଃବ୍ୟବହାର ଯୋଗ୍ୟ ଲଞ୍ଚ ଯାନ ଅବତରଣ କରିସାରିଛି । ପ୍ରାୟ ସାଢେ ଚାରି କିଲୋମିଟର ଉଚ୍ଚତାରୁ ବାୟୁସେନା ଚିନୁକ ହେଲିକପ୍ଟରରୁ ଆରଏଲଭି ଉତକ୍ଷେପଣ କରାଯାଇଥିଲା । ପରୀକ୍ଷଣ ସମୟରେ ଆରଏଲଭି ସଫଳତାର ସହ ରନୱେରେ ଅବତରଣ କରିଛି । ବ୍ରେକ୍ ପାରାଚ୍ୟୁଟ୍, ଲ୍ୟାଣ୍ଡିଂ ଗିଅର ବ୍ରେକ୍ ଏବଂ ନୋଜ୍ ହ୍ୱିଲ୍ ଷ୍ଟିଅରିଂ ସିଷ୍ଟମ ସାହାଯ୍ୟରେ ଆରଏଲଭି ସଫଳ ଅବତରଣ କରିଛି । ଆରଏଲଭି ପୁଷ୍ପକ ମିଶନ ବିକ୍ରମ ସରାବାଇ ସ୍ପେସ୍ ସେଣ୍ଟର ଦ୍ୱାରା ଲିକ୍ୱିଡ୍ ପ୍ରପୁଲସନ୍ ସିଷ୍ଟମ୍ ସେଣ୍ଟର ଏବଂ ଇସ୍ରୋର ଇର୍ଟେରିଆଲ୍ ସିଷ୍ଟମ୍ ୟୁନିଟ୍ ସହଯୋଗରେ ନିର୍ମାଣ କରାଯାଇଥିଲା ।

## ଟିପିଏସଓଡିଏଲ୍ ପକ୍ଷରୁ ଛାତ୍ରଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୨୨/୩ (ନି.ପ୍ର): ଟି.ପି. ଦକ୍ଷିଣାଚଂଳ ଓଡ଼ିଶା ବିତରଣ ଲିମିଟେଡ ଆନୁକୂଲ୍ୟରେ ୫୩ତମ ଜାତୀୟ ସୁରକ୍ଷା ସଚେତନତା ଅବସରରେ ସ୍ଥାନୀୟ ପାୱାର ହାଉସ୍ କଲୋନୀ, ପ୍ରାଥମିକ ବିଦ୍ୟାଳୟ ଜୟପୁରର ଛାତ୍ରଛାତ୍ରୀ ମାନଙ୍କ ମଧରେ ଏକ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ପଦ୍ମାଳୟା ମହାପତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ସହକାରୀ ଶିକ୍ଷୟତ୍ରୀ ଗୌରୀ ପଣ୍ଡା, ରାଧାରାଣୀ ସାହୁ ଓ ଟିପିଏସଓଡିଏଲ୍ ର କର୍ମଚାରୀମାନେ ଉପସ୍ଥିତ ଥିଲେ। ୫୩ତମ ସୁରକ୍ଷା ମାସରେ ସୁରକ୍ଷା ଆଭିମୁଖ୍ୟ ସମ୍ପର୍କରେ ଜୀବନ ଜ୍ୟୋତି ମିଶ୍ର ସମ୍ୟକ ସୂଚନା ଦେଇ କାଯ୍ୟକ୍ରମ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମଟି ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ତତ୍ୱାବଧାନରେ ହୋଇଥିଲା। ଘରୋଇ ବୈଦ୍ୟୁତିକ ସୁରକ୍ଷା ଉପରେ ଅଭିଭାଷଣ ରଖିଥିଲେ ସୌମ୍ୟ ରଞ୍ଜନ ଲେଙ୍କା । ଶେଷରେ ଛାତ୍ର ମାନଙ୍କ ମଧ୍ୟରେ ବୈଦ୍ୟୁତିକ ସୁରକ୍ଷା ସଚେତନତା ଧର୍ମୀ ସାଧାରଣ ଜ୍ଞାନ ପରୀକ୍ଷା କରାଯାଇ ଥିଲା ଏବଂ କୃତି ପ୍ରତିଯୋଗୀମାନଙ୍କୁ ଟି ପି ଏସ୍ ଓ ଡି ଏଲ୍ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ପୁରସ୍କୃତ ହୋଇଥିବା ଛାତ୍ରଛାତ୍ରୀ ମାନେ ଥିଲେ ସିୟା ମହାନ୍ତି, ଗୌତମ ବିଷୋଇ, ଦିବ୍ୟାଂଶି ମହାପାତ୍ର, ପ୍ରିୟାଶ୍ରୀ ସାନ୍ତା ଓ ସତ୍ୟମ ପ୍ରକାଶ ଗୌଡ। ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବାରେ ସହଯୋଗ କରିଥିଲେ ଆଲୋକ କୁମାର ନାୟକ, ଜ୍ଞାନ ରଞ୍ଜନ ରାଉତ, ମୋହର ସାହୁ, ଲୋକନାଥ ସାହୁ ଓ ରାଜ୍ କମର।

## ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ମାଲକାନଗିରି, ୨୨/୩ (ନି.ପ୍ର): ଓଡିଶା ଦିବସ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ସ୍ୱର୍ଣିମ ସ୍ୱାକ୍ଷର ବହନ କରେ। ଏଥି ସହିତ ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ଭାବାବେଗ ଏହି ଦିବସ ସହ ଗଭୀର ଭାବେ ଜଡ଼ିତ। ଚଳିତ ବର୍ଷ ଏହି ଉତ୍ସବକୁ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହକାରେ ପାଳନ କରିବା ନିମନ୍ତେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଆହ୍ୱାନ କରିଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ବେଦବର ପ୍ରଧାନ ଓ ଉପ ଜିଲ୍ଲାପାଳ, ଦୁର୍ଯ୍ୟୋଧନ ଭୋଇ ଯୋଗ ଦେଇ ମତାମତ ଦେଇଥିଲେ। ବୈଠକରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଓଡିଶା ଦିବସ ପାଳନ ନେଇ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ଜିଲ୍ଲାସ୍ତରୀୟ ଓଡିଶା ଦିବସ ଜିଲ୍ଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ପରିସରରେ ପୂର୍ବାହ୍ନ ୮ ଟାରେ ମାଲ୍ୟାର୍ପଣ କରାଯିବ। ଜିଲ୍ଲା ସଂସ୍କୃତି ଭବନ ଠାରେ ସନ୍ଧ୍ୟା ୬ ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ତତ୍ ସହିତ ଜିଲ୍ଲାର ସମସ୍ତ ବ୍ଲକ୍, ତହସିଲ, ଗ୍ରାମ ପଂଚାୟତ ଓ ଅନ୍ୟାନ୍ୟ କାର୍ଯ୍ୟାଳୟ ମାନଙ୍କରେ ଓଡିଶା ଦିବସ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ସରକାରୀ କାର୍ଯ୍ୟାଳୟ ଠାରେ ମାର୍ଚ୍ଚ ୩୧ ଏବଂ ଏପ୍ରିଲ ୧ ତାରିଖ ଦୁଇ ଦିନ ବିଭିନ୍ନ ରଙ୍ଗର ବିଜୁଳି ଆଲୋକରେ ଆଲୋକିତ କରିବା ପାଇଁ ସମସ୍ତ କାର୍ଯ୍ୟାଳୟର ଅଧିକାରୀ ମାନଙ୍କୁ ତଥା ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତିରେ ରଙ୍ଗ ଲଗାଇବା ସହ ପାରିପାର୍ଶ୍ୱିକ ସ୍ଥାନଗୁଡିକୁ ସଫା ଓ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ କୁହାଯାଇଛି। ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜନ କରାଯିବ। ଜିଲ୍ଲାର ସମସ୍ତ ଅନୁଷ୍ଠାନର ନାମ ଫଳକ ଓଡିଶା ଦିବସ ପୂର୍ବରୁ ଓଡ଼ିଆରେ ଲେଖିବା ପାଇଁ ବୈଠକରେ ପରାମର୍ଶ ଦିଆଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ପ୍ରତିନିଧି ଏବଂ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗର କର୍ମଚାରୀ ଏଥିରେ ଯୋଗ ଦେଇଥିଲେ।

## ଅଙ୍ଗନବାଡୀ କେନ୍ଦ୍ର ନିର୍ମାଣରେ ଅର୍ଥ ହେରଫେର ମାମଲା: ୨ଜଣ ଦଣ୍ଡିତ

ଜୟପୁର, ୨୨/୩ (ନି.ପ୍ର): କୋରାପୁଟ ଜିଲା ନାରାୟଣପାଟଣା ବ୍ଲକରେ ଅଙ୍ଗନବାଡୀ କେନ୍ଦ୍ର ନିର୍ମାଣ ରେ ଅନିୟମିତତା ମାମଲାର ଆଜି ଶୁଣାଣି ହୋଇଛି । ଜୟପୁର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଶୁଣାଣି ହୋଇଛି । ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତି କରି ଅବସରପ୍ରାପ୍ତ ବିଡିଓ ରମେଶ ଚନ୍ଦ୍ର ସାହୁ (୬୫) ଓ ଅନକାଡେଲିରେ ପିଇଓ ଭାବେ କାଯ୍ୟ କରୁଥିବା ଗୌର ହରି ରାଉତ (୫୮)କୁ ଦଣ୍ଡିତ କରିଛନ୍ତି । ବିଭିନ୍ନ ଦଫାରେ ୪ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ୫୫ ହଜାର ଟଙ୍କା ଆର୍ଥିକ ଜୋରିମାନା ରେ ଦଣ୍ଡିତ କରିଛନ୍ତି । ମାମଲା ବିବରଣିରୁ ପ୍ରକାଶ ଯେ ନାରାୟଣପାଟଣା ବ୍ଲକରେ ବିଡିଓ ରମେଶ ଚନ୍ଦ୍ର ସାହୁ (୬୫) ଓ ବର୍ତମାନର ଅନକାଡେଲିରେ ପିଇଓ ଗୌର ହରି ରାଉତ (୫୮) ସେଠାରେ କାର୍ଯ୍ୟ କରୁଥିବା ବେଳେ ୬ ଲକ୍ଷ ସରକାରୀ ଅର୍ଥର ଅପବ୍ୟବହାର କରିଛନ୍ତି । ନାରାୟଣପଟଣା ବ୍ଲକର ବିଜା ଘାଟି ଗ୍ରାମ ପଂଚାୟତର ଟଭା ପଦର ଗ୍ରାମରେ ଅଙ୍ଗନବାଡି ନିର୍ମାଣ, ପୋଡା ପଦର ଗ୍ରାମର ମାଙ୍କିଡି ରେ ଅଙ୍ଗନବାଡୀ କେନ୍ଦ୍ର ନିର୍ମାଣରେ ଦୁର୍ନିତି ହୋଇ ଥିବା ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରେ ଭିଜିଲାନ୍ସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ଭିଜିଲାନ୍ସ ମାମଲା ରୁଜୁ କରିଥିଲା । ଏହି ମାମଲାର ଶୁଣାଣି ହୋଇଛି ।

## ସାରସ୍ୱତ ବାଲ ମନ୍ଦିରର ସପ୍ତଦଶ ବାର୍ଷିକ ଉତ୍ସବ ପାଳିତ

ଜୟପୁର, ୨୨/୩ (ନି.ପ୍ର): ସାରସ୍ୱତ ବାଲ ମନ୍ଦିରର ସପ୍ତଦଶ ବାର୍ଷିକ ଉତ୍ସବ ମହା ଆଡମ୍ବରରେ ପାଳନ କରାଯାଇଛି। ସର୍ବ ପ୍ରଥମେ ଭାଗବାନଙ୍କ ନିକଟରେ ପ୍ରାର୍ଥନା କରି ପିଲାମାନେ ଶାରୀରିକ ଆସନ ବ୍ୟାୟାମ ଏବଂ ପ୍ରାଣାୟମ ପ୍ରଦର୍ଶନ କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ସହିତ ଅନୁଷ୍ଠାନର ଉପସଭାପତି ନବୀନ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାରେ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ ଉଦୟ ଶଙ୍କର ଜାନି ଏବଂ ମୁଖ୍ୟ ଅତିଥି ଭାବରେ ଅଜୟ ମିଶ୍ର । ଅନୁଷ୍ଠାନର ସହ ସମ୍ପାଦକ ଚନ୍ଦ୍ରଶେଖର ମହାପାତ୍ର, ଅଧକ୍ଷା ଶ୍ରୀମତୀ ରିତାଲି ସାହୁ, ପୂର୍ବତନ ଅଧକ୍ଷା ଶ୍ରୀମତୀ ବିଜୟଲକ୍ଷ୍ମୀ ପାଣିଗ୍ରାହି ସଭାମଂଚରେ ଉପସ୍ଥିତ ଥିବାବେଳେ ସମ୍ପାଦକ ନିରଞ୍ଜନ ପାଣିଗ୍ରାହି ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ସଭାରେ ପିଲାମାନଙ୍କୁ ଫ୍ୟାନସି, କ୍ରୀଡ଼ା ଏବଂ ସ୍ୱତନ୍ତ୍ର ପ୍ରାଇଜ ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ପରେ ପରେ ପିଲାଙ୍କ ଦ୍ୱାରା ପରିବେଷିତ ହୋଇଥିଲା ନୃତ୍ୟ, ସଙ୍ଗୀତ, ନାଟକକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଜିଲ୍ଲାର ସର୍ବପୁରାତନ ଉଚ୍ଚଶିକ୍ଷାନୁଷ୍ଠାନର ଦୁର୍ଦ୍ଦିନରେ ପରିଚ୍ଳାଳନା ପରିଷଦ ନୀରବ ଦ୍ରଷ୍ଟା କାହିଁକି ?

କେନ୍ଦ୍ରାପଡ଼ା, ୨୨/୩ (ନି.ପ୍ର): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ହେଉଛି ଏହି ଜିଲ୍ଲାର ସର୍ବପ୍ରାଚ୍ଳୀନ ଓ ସର୍ବବୃହତ ଉଚ୍ଚଶିକ୍ଷାନୁଷ୍ଠାନ। ଏହି କମ୍ପୋଜିଟ ଶିକ୍ଷାନୁଷ୍ଠାନରେ ଏବେ ଯୁକ୍ତ ଦୁଇ ସହ, ଯୁକ୍ତ ତିନି ସ୍ନାତକ ଓ କଳା, ବିଜ୍ଞାନ ଏବଂ ବାଣିଜ୍ୟ ଆଦି ୧୫ଟି ବିଷୟରେ ସ୍ନାତକୋ ର ଶିକ୍ଷା ପ୍ରଦାନ କରାଯାଏ। ଏହି ମହାବିଦ୍ୟାଳୟଟି ଏକ ସ୍ୱୟଂଶାସିତ ଶିକ୍ଷାନୁଷ୍ଠାନ ଭାବେ ବିବେଚ୍ଳିତ ଓ ବିଗତ ଦୁଇଦୁଇ ଥର ନାକ୍ ମାନ୍ୟତାରେ 'ଏ' ଗ୍ରେଡ୍ ପ୍ରାପ୍ତ। କିନ୍ତୁ ସଂପ୍ରତି ଏହି ଅଗ୍ରଣୀ ଶିକ୍ଷାନୁଷ୍ଠାନଟି ଉଭୟ ସ୍ୱୟଂଶାସନ ଓ ନାକ୍ ମାନ୍ୟତା ବିହୀନ ଏବଂ ଦୁଇବର୍ଷ ପୂର୍ବରୁ ସେହି ଅବଧି ଶେଷ ହୋଇଯାଇଛି। ପ୍ରତି ୫/୬ ବର୍ଷରେ ଏହି ସ୍ୱୟଂଶାସନ ଓ ନାକ୍ ମାନ୍ୟତା ନବୀକରଣ ହୋଇଥାଏ। ଏହାର ସ୍ୱୟଂଶାସନ ଅବଧି ୨୦୧୯ରେ ଏବଂ ନାକ୍ ମାନ୍ୟତା ୨୦୨୧ରେ ସମାପ୍ତ ହୋଇଯିବା ପରେ, ଏହି ଶିକ୍ଷାନୁଷ୍ଠାନ ଏବେ ସାଧାରଣ ଶିକ୍ଷାନୁଷ୍ଠାନରେ ପରିଣତ ହେବାକୁ ବସିଛି। ଐତିହ୍ୟପୂର୍ଣ୍ଣ ଏହି ଶିକ୍ଷାନୁଷ୍ଠାନ ଏପରି ଦୁର୍ଦ୍ଦିନ ଭିତରେ ଗଡିକରୁଥିବା ବେଳେ ତା'ର ପରିଚ୍ଳାଳନା ପରିଷଦ କିନ୍ତୁ ଏଥିରେ ନୀରବଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳିଛି। ତା'ର କାର୍ଯ୍ୟଧାରାକୁ ଦେଖିଲେ ମନେହୁଏ ଯେମିତି ଏଥିରେ ତା'ର କିଛି ଯାଏ ଆସେନାହିଁ। ନାକ୍ ମାନ୍ୟତା ନବୀକରଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବାରୁ ଗତ ଦୁଇବର୍ଷ ଆଗରୁ ଆସିଥିବା ୟୁଜିସି ଟିମ୍ କଲେଜର ସ୍ୱୟଂଶାସନର ସଂପ୍ରସାରଣକୁ ମଧ ବନ୍ଦ କରି ଦେଇଛନ୍ତି ଓ ନାକ୍ ମାନ୍ୟତା ପାଇଁ ଆନୁଷ୍ଠାନିକ ଆବେଦନ (ଏସ.ଏସ.ଆର.)କୁ ସେ ପାଇଁ ସର୍ବନିମ୍ନ ଆବଶ୍ୟକତା ବୋଲି ଜଣାଇଛନ୍ତି। ଚ୍ଳଳିତ ପରିଚ୍ଳାଳନା ପରିଷଦ ଦାୟିତ୍ୱ ନେବା ଆଜିକୁ ପ୍ରାୟ ଅଢେଇ ବର୍ଷ ହେଲାଣି। ଏହି ଅବଧିକାଳରେ ମଧ ୟୁଜିସିର ନିର୍ଦ୍ଧାରଣ ଅନୁଯାୟୀ ବିବରଣୀ ପ୍ରଦାନ ଓ ଭିତିଭୂମିର ସଂପ୍ରସାରଣ କରାଯାଇ ପାରିଲା ନାହିଁ। ବରଂ ବିଗତ ଦୁଇବର୍ଷ ନିଷ୍କ୍ରିୟତା ଅଥବା ନିର୍ମାଣ ଆଳରେ ଆକଣ୍ଠ ଦୁର୍ନୀତିରେ ବୁଡ଼ି ରହିଲା। ଯାହାର ଦୁର୍ଗନ୍ଧ ଏବେ ସୁଦ୍ଧା ନାକରୁ ଯାଉନାହିଁ। ହେଲେ ଏହି ଅପହୃତ ସ୍ୱୟଂଶାସନ ଓ ନାକ୍ 'ଏ' ଗ୍ରେଡ଼ ମାନ୍ୟତାର ଗୌରବ କିପରି ଫେରାଇ ଅଣାଯାଇ କଲେଜର ମର୍ଯ୍ୟାଦା ରକ୍ଷା କରାଯାଇ ପାରିବ ସେ ପାଇଁ ଚ୍ଳିନ୍ତା ନକରି ଏହି ପରିଚ୍ଳାଳନା ପରିଷଦ ଯେପରି ନିଘୋଡ଼ ନିଦରେ ଶୋଇଯାଇଛି। ସୁଯୋଗ ପାଇଲେ ନିଜ କ୍ଷମତା ବଳରେ ଏହି ଶିକ୍ଷାନୁଷ୍ଠାନକୁ ବରଂ ଅଧିକ ଅସ୍ଥିର ଓ ନିଷ୍କ୍ରିୟ କରୁଛି। ପରିଚ୍ଳାଳନା ପରିଷଦର ବର୍ତମାନର ସଭାପତି ହେଉଛନ୍ତି ଡ଼ାକ୍ତର ବାସୁଦେବ ପାତ୍ର। ବୃତିରେ ଜଣେ ଡ଼ାକ୍ତର। ଏହି ପଦବୀ ସେ ପାଇବା ବେଳେ, ଜିଲ୍ଲାର ଶିକ୍ଷାପ୍ରେମୀଙ୍କ ମନରେ ଏକ ଆଶାର ସଂଚାର ହୋଇଥିଲା। ହେଲେ ତାହା ବେଶି ଦିନ ରହିଲା ନାହିଁ। ଅନୁଷ୍ଠାନର ଏହି ଅବକ୍ଷୟକୁ ରୋଧ କରିବାରେ ସେ କାରଣ ହୁଅନ୍ତେ କ'ଣ ବରଂ ସେ କଲେଜର ଅଚ୍ଳଳାବସ୍ଥା ପାଇଁ ନିଜେ କାରଣ ହୋଇଯାଉଛନ୍ତି। ଗତ ନଭେମ୍ବର ମାସରେ ପ୍ରାକ୍ତନ କଲେଜ ଅଧକ୍ଷ ଅବସର ନେବା ପରେ, ଯିଏ ଦାୟିତ୍ୱ ନେଇଥାନ୍ତେ, ତାଙ୍କ ବିରୁଦ୍ଧରେ ଅକାରଣରେ ସରକାରଙ୍କୁ ସୁପାରିଶ କରି ବଦଳି କରାଇଦେଲେ। ସେ ଥିଲେ କଲେଜର ଏକମାତ୍ର ୟୁଜିସି ବେତନପ୍ରାପ୍ତ ଆସୋସିଏଟ୍ ପ୍ରଫେସର ଡ଼କ୍ଟର ସଞ୍ଜୀବ କୁମାର ମହାନ୍ତି। ତାଙ୍କ ବଦଳରେ ଯାହାଙ୍କୁ ଅଧକ୍ଷ ପଦବୀରେ ବସାଇବାକୁ ସେ ଯେଉଁ ଖେଳ ଖେଳିଲେ, ତା'ର ପରିଣତିରେ ଏହି କଲେଜର ଅଧକ୍ଷ ପଦ ଆଜି ଉଚ୍ଚନ୍ୟାୟାଳୟର ଆଇନ କସରତ ଭିତରେ ବନ୍ଧା ପଡ଼ି ଯାଇଛି। ଶେଷରେ ଉଚ୍ଚନ୍ୟାୟାଳୟ ନିର୍ଦ୍ଦେଶରେ ନିକଟସ୍ଥ ବିରୂପା କଲେଜର ଅଧକ୍ଷଙ୍କୁ ଏହି ମହାବିଦ୍ୟାଳୟର କାମଚ୍ଳଳା ଦାୟିତ୍ୱ ଦିଆଯାଇଛି। ସେପଟେ ୟୁଜିସି ଓ ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ନାକ୍ ମାନ୍ୟତା ପାଇଁ ସବୁ ଦଲିଲ୍ ଚ୍ଳଳିତ ମାର୍ଚ୍ଚ ୩୦ ମଧରେ ଦାଖଲ ପାଇଁ ହୁଲିଆ ଜାରି କରିଛନ୍ତି। ତା' ସାଙ୍ଗକୁ ନିର୍ବାଚନ କାମ ପାଇଁ କଲେଜ ପ୍ରାୟତଃ ଅଧା ବନ୍ଦ। କାମଚ୍ଳଳା ଅଧକ୍ଷଙ୍କ ଆଗରେ ହଠାତ୍ ଠିଆ ହୋଇଯାଇଛି ପାହାଡପରି ବିରାଟ ଆହ୍ୱାନ। କ୍ଷମତାର ବିବେକହୀନ ପ୍ରୟୋଗ କିପରି ଏକ ଉଚ୍ଚଶିକ୍ଷାନୁଷ୍ଠାନକୁ ତଳିତଳାନ୍ତ କରିଦେଇପାରେ ଏବେ କେନ୍ଦ୍ରାପଡ଼ା କଲେଜ ତା'ର ନମୁନା ବନିଯାଇଛି। ଏହି ଶିକ୍ଷାନୁଷ୍ଠାନର ଯାତନା ମଧ ଏତିକିରେ ସରୁନାହିଁ। ଅବସରପ୍ରାପ୍ତ ପୂର୍ବର୍ତନ ଅଧକ୍ଷ ପରିଚ୍ଳାଳନା ପରିଷଦର ଅନେକ ସୁଚ୍ଳିନ୍ତିତ ପ୍ରସ୍ତାବକୁ କାର୍ଯ୍ୟକାରୀ ନ କରି କଲେଜକୁ ଅଧିକ ବିପର୍ଯ୍ୟୟ ଭିତରକୁ ଠେଲିଦେଇଛନ୍ତି ଏବଂ ତାକୁ ରୋଧ କରିବାକୁ ଯେପରି କେହି ନାହାନ୍ତି। ଉଦାହରଣ ସ୍ୱରୂପ ଅବସରପ୍ରାପ୍ତ କର୍ମଚ୍ଳାରୀଙ୍କୁ ଆବଶ୍ୟକ ସ୍ଥଳେ ଖୋଦ ସରକାର ଷାଠିଏ ବର୍ଷ ପରେ ଆଉ ମାତ୍ର ପା ବର୍ଷ ଅତିରିକ୍ତ ନିଯୁକ୍ତି ଦେଉଥିବା ବେଳେ ଏଠାରେ ପ ସ୍ତରୀ ବର୍ଷପାର କର୍ମଚ୍ଳାରୀଙ୍କୁ ଏହି ସେବାରୁ ନିବୃତ ପାଇଁ ପ୍ରସ୍ତାବ ଗ୍ରହଣ ସତ୍ତ୍ୱେ ରଖାଯାଇଛି ଓ ଦରମା ମଧ ଦିଆଯାଉଛି। ସେଭଳି ଏକ କର୍ମଚ୍ଳାରୀଙ୍କୁ ଅଫିସରେ ବସାଇ ସର୍ଭିସବୁକ୍ ଓ ପେନସନ୍ ଆଦି କାମ କରିବାକୁ ଦିଆଯାଉଛି। ସେ ସେଥିରେ ବି ଦସ୍ତଖତ କରୁଛନ୍ତି। ଏହା ଅବୈଧ ଓ ଅନୁଚ୍ଳିତ୍। ଏତଦଭିନ୍ନ କଲେଜକୁ ଆଦୌ ଆସୁନଥିବା କର୍ମଚ୍ଳାରୀଙ୍କୁ ଛଟେଇ ପାଇଁ ନିଷ୍ପତି ହୋଇଥିଲେ ମଧ ତାକୁ କାର୍ଯ୍ୟକାରୀ କରାଯାଉନାହିଁ ବରଂ ଛାତ୍ରଛାତ୍ରୀଙ୍କ ଠାରୁ ଆଦାୟ ହେଉଥିବା କଷ୍ଟଲବ୍ଧ ବିକାଶ ପାଣ୍ଠିକୁ ସେମାନଙ୍କୁ ଦରମା ନାମରେ ବରବାଦ କରିବାକୁ ଦ୍ୱାର ଉନ୍ମୁକ୍ତ ରଖାଯାଇଛି। ଏତାଦୃଶ କାମପଛରେ ସଭାପତିଙ୍କର ସ୍ୱୀକୃତି ନରହିଲେ ଏହା କଣ କେବେ ହୋଇପାରନ୍ତା ବୋଲି ଜନସାଧାରଣ ଚର୍ଚ୍ଚା କରିବା ଆରମ୍ଭ କରିଦେଇଛନ୍ତି। ଏଇ ଅନୁଷ୍ଠାନର ନିର୍ମାଣ ତଥା ବିକାଶ କାର୍ଯ୍ୟରେ ଦିନେ ଜିଲ୍ଲାର ମାନ୍ୟଗଣ୍ୟ ବ୍ୟକ୍ତି ଯଥା ସ୍ୱର୍ଗତଃ ଦୀନବନ୍ଧୁ ସାହୁ, ନିମାଇଁ ଚ୍ଳରଣ ଦାସ, ପ୍ରହ୍ଲାଦ ମଲ୍ଲିକ, ଭାଗବତ ପ୍ରସାଦ ମହାନ୍ତି, ଡା. ସରୋଜକାନ୍ତ କନୁନଗୋ, ବେଦପ୍ରକାଶ ଅଗ୍ରୱାଲ, ଭାବଗ୍ରାହୀ ମିଶ୍ର ଓ ଡକ୍ଟର ବେଣୁଧର ପ୍ରଧାନଙ୍କ ଭଳି ପ୍ରବୀଣ ବ୍ୟକ୍ତିମାନେ ସଂପୃକ୍ତ ଥିଲେ ଓ ଏହାକୁ ଏକ ସମୃଦ୍ଧ ଶିକ୍ଷାନୁଷ୍ଠାନରେ ପରିଣତ କରିବାକୁ ଆପ୍ରାଣ ଚ୍ଳେଷ୍ଟା କରିଥିଲେ। ସେଇ ପୃଷ୍ଠଭୂମିରେ ଆଜିର ପରିଚ୍ଳାଳନା ପରିଷଦ ଅନ୍ତତଃ ନିଦ୍ରାରୁ ଉଠି କଣ କରିବା ଉଚ୍ଳିତ୍ ହେଜିବା ଦରକାର ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଉଛି। ଶୁଭସ୍ୟ ଶୀଘ୍ରମ୍।

## ମୋ ବସ ଅଟୋକୁ ବାଡେଇଲା

ଭୁବନେଶ୍ୱର, ୨୨/୩ (ନି.ପ୍ର): ମୋ ବସ ଭୁବନେଶ୍ୱରରେ ଏକ ଅଟୋକୁ ବାଡେଇଛି । ଭୁବନେଶ୍ୱର ରାଜମହଲ ଛକ ରେ ଏହି ଘଟଣା ଘଟିଛି । ସକାଳୁ ସକାଳୁ ଅଟୋ ଟି ରାଜମହଲ ଛକ ରେ ଯାତ୍ରୀ ଓହ୍ଲାଇଥିବା ବେଳେ ବସ ଟି ଧକ୍କା ଦେଇଥିଲା। ବସ ଟି ସାଇଡ ରୁ ଅଟୋ କୁ ଧକ୍କା ଦେଇଥିଲା। ଅଟୋ ଟି ସମ୍ମୁଖରୁ ଭାଙ୍ଗିଯାଇଥିବା ବେଳେ କେହି ଆହତ ହୋଇନାହାନ୍ତି। କ୍ୟାପିଟାଲ ଥାନା ପୋଲିସ ମୋ ବସ ଡ୍ରାଇଭର କୁ ପଚରାଉଚରା କରୁଥିବା ଜଣା ପଡିଛି ।

## ବିଶ୍ୱ କଣ୍ଢେଇ ଦିବସ ପାଳିତ

ଜୟପୁର, ୨୨/୩ (ନି.ପ୍ର): ଜୟପୁର ଶାରଦା ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିଶୁ ବାଟିକା ବିଭାଗର ଶିଶୁ ମାନଙ୍କ ସହ ଅଭିଭାବକ ଅଭିଭାବିକା ମାନଙ୍କୁ ନେଇ ବିଶ୍ୱ କଣ୍ଢେଇ ଦିବସ ପାଳିତ ହୋଇଥିଲା । ଶିଶୁ ବାଟିକା ପ୍ରମୁଖ ମମିତା ବରାଡଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା ଏବଂ ପ୍ରାଥମିକ ବିଭାଗର ପର୍ଯ୍ୟାୟ ପ୍ରମୁଖ ରାମଚନ୍ଦ୍ର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ କଣ୍ଢେଇ ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥାପନ କରିଥିଲେ । ଏହାଦ୍ୱାରା ଶିଶୁଙ୍କ ଭାଷାର ବିକାଶ ଏବଂ ଆତ୍ମୀୟ ବିକାଶ କଣ୍ଢେଇ ମାଧ୍ୟମରେ କିପରି କରାଯାଇ ପାରିବ ସେ ବିଷୟରେ ମାର୍ଗ ଦର୍ଶନ କରାଯାଇଥିଲା । ବିଭିନ୍ନ ପ୍ରକାରର କଣ୍ଢେଇ ଗୁଡ଼ିକର ପ୍ରଦର୍ଶନୀ ମାଧ୍ୟମରେ ଶିଶୁଙ୍କର ସୃଜନଶୀଳତାର ବିକାଶ କିଭଳି ହୋଇପାରିବ ସେ ସମ୍ବନ୍ଧରେ ଧାରଣା ପାଇଥିଲେ । ପରିଚାଳନା ସମିତିର ସମ୍ପାଦକ ପଙ୍କଜ କୁମାର ପାତ୍ର, ସଦସ୍ୟା ଅମ୍ବିକା ନାୟକ ଏବଂ ଶିଶୁ ବାଟିକା ବିଭାଗର ସମସ୍ତ ଗୁରୁମା ଓ ସେବକ ସେବିକାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା ।

## ସଦର ଥାନା ଅଂଚଳରେ ପୋଲିସର ଫ୍ଲାଗ ମାର୍ଚ୍ଚ

କେନ୍ଦ୍ରାପଡ଼ା, ୨୨/୩ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ପକ୍ଷରୁ ଡେରାବିଶ ଅଂଚଳର ପାଟକୁରା ନିର୍ବାଚନ ମଣ୍ଡଳୀ ଅଂଚଳରେ ଫ୍ଲାଗ ମାର୍ଚ୍ଚ କରାଯାଇଛି । ଗୁରୁବାର ଅପରାହ୍ନ ୪ଟା ୨୦ ମିନିଟ ସମୟରୁ ସଂନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦୀର୍ଘ ୯ କମି ବ୍ୟାପି ଫ୍ଲାଗ ମାର୍ଚ୍ଚ କରାଯାଇ ଥିଲା । ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଅସାମଜିକ ବ୍ୟକ୍ତିମାନଙ୍କ ପ୍ରଭାବକୁ ପ୍ରତିହତ କରିବା ସହ ଭୋଟରମାନେ ନିର୍ଭୟରେ ଶାନ୍ତି ଶୃଙ୍ଖଳାର ସହ ନିଜର ମନୋନିତ ପ୍ରତିନିଧିଙ୍କୁ ଭୋଟ ଦେଇ ବାଛିବା ପାଇଁ କୌଣସି ଚାପର ବଶବର୍ତୀ ନହେବାକୁ ବାର୍ତା ଦିଆଯାଇ ଥିଲା । ଡେରାବିଶ ବ୍ଲକ ଛକ ଠାରୁ ଛାଂଚୁଣିଆ, ମିର୍ଜାପାଟଣା, ଠାକୁରପାଟଣା, ଖସାପଡିଆ, ବାଲିପାଟଣା, କୁଶିଆପାଳ, ସେଖ ପାଟଣା, ଘନଶ୍ୟାମପୁର ପ୍ରଭୃତି ଅଂଚଳ ପରିକ୍ରମା କରି ହଳଦିଆ ଛାକ ଠାରେ ଫ୍ଲାଗ ମାର୍ଚ୍ଚ ଶେଷ ହୋଇଥିଲା । ସଦର ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ରିଜର୍ଭ ଇନିସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ, ଏସଆଇ ଆଜମେର ସିଂହ, ଏଏସଆଇ ଡିଏମ ପ୍ରଧାନ, ଏଏନ ନାୟକଙ୍କ ସମେତ ୧୬ ଜଣ ହାବିଲଦାର ଓ ୨୮ ଜଣ କେନ୍ଦ୍ରୀୟ ବାହିନୀ କନେଷ୍ଟବଲ ଓ ସଦର ଥାନାର କଳ୍ପତରୁ ଜେନା, ସାଗର ପ୍ରଧାନ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଚାକିରୀ କରାଇଦେବା ନାମରେ ୧୮ ଲକ୍ଷ ଟଙ୍କା ଠକେଇ ଅଭିଯୋଗ : ଅଭିଯୁକ୍ତ ଗିରଫ

ଗଞ୍ଜାମ, ୨୨/୩ (ନି.ପ୍ର): ଚାକିରୀ କରାଇଦେବା ନାମରେ ୧୮ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଗୋପାଳପୁର ଥାନା ପୋଲିସ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ଗଜେନ୍ଦ୍ର ସାହୁଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ, ଗଜେନ୍ଦ୍ର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୧୯୮୩ ମସିହାରେ କନିଷ୍ଠ ସହକାରୀ ଭାବେ ନିଯୁକ୍ତି ପାଇଥିଲେ । ୧୯୮୯ ମସିହାରେ କୌଣସି କାରଣରୁ ନିଲମ୍ବିତ ହୋଇଥିବା ବେଳେ ଗତବର୍ଷ ଜୁଲାଇ ମାସରେ ଅବସର ଗ୍ରହଣ କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କାର୍ଯ୍ୟରତ ଥିବା ଜଣେ କର୍ମଚାରୀଙ୍କ ଝିଅକୁ ଆସିଷ୍ଟାଂଟ ସେକ୍ସନ ଅଫିସର ଚାକିରୀ କରାଇଦେବି କହି ଗଜେନ୍ଦ୍ର ତାଙ୍କ ଠାରୁ ୧୮ ଲକ୍ଷ ୧୬ ହଜାର ୨୫୦ ଟଙ୍କା ନେଇଥିଲେ । ଗତବର୍ଷ ଡିସେମ୍ବର ୩୦ ତାରିଖରେ ଏଏସଓ ଫଳାଫଳ ଆସିବା ପରେ ଝିଅର ନାମ ନଥିବାରୁ କର୍ମଚାରୀ ଜଣକ ଟଙ୍କା ଫେରାଇବାକୁ ଗଜେନ୍ଦ୍ରଙ୍କୁ କହିଥିଲେ । ଫୋନ୍ କରି ଟଙ୍କା ମାଗିବାରୁ ଗଜେନ୍ଦ୍ର ବିଭିନ୍ନ ପ୍ରକାର ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଏନେଇ ଯୁବତୀ ଜଣକ ଗୋପାଳପୁର ଥାନାରେ ଏତଲା କରିବା ପରେ କେସ୍ ନଂ ୧୧୧/୨୪ ରେ ମାମଲା ରୁଜୁ ହେବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା ପୋଲିସ । ଗଜେନ୍ଦ୍ର କଟକରେ ରହୁଥିବା ଜଣାପଡିବା ପରେ ଥାନା ଅଧିକାରୀ ଶରତ କୁମାର ମହାଳିକଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଶିଶିର କୁମାର ସାହାଣିଙ୍କ ନେତୃତ୍ୱରେ ଏକ ଟିମ୍ ସେଠାକାର ପୋଲିସ ସହାୟତାରେ ତାଙ୍କୁ କାବୁ କରିଛି । ଗୋପାଳପୁର ଥାନାକୁ ଆଣି ଗଜେନ୍ଦ୍ରଙ୍କୁ ପଚରା ଉଚରା କରିବା ସହ ତାଙ୍କୁ ଗିରଫ କରିଛି ।

## ଠେମରା ନଦୀ ବାଲିଘାଟରେ ବାଲି ଉଠାଣକୁ ନେଇ ଗ୍ରାମବାସୀ ବିରୋଧ: ଜିଲ୍ଲାପାଳଙ୍କୁ ଦାବିପତ୍ର

ଭବାନୀପାଟଣା , ୨୨/୩ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଠେମରା ଗ୍ରାମ ସହ ସହ ମହିଳା ଓ ଗ୍ରାମ ବାସି ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ଆସି ଦାବି ପତ୍ର ପ୍ରଦାନ କରିଛନ୍ତି । କାରଣ ଇତି ପୂର୍ବରୁ ୭ତାରିଖ ଫେବୃଆରୀ ରେ ଦାବି ପତ୍ର ଦେଇ ଥିଲେ ଯେ ଠେମରା ଠାରେ ଥିବା ନଦୀ ରୁ ବେଆଇନ ବା ଆଇନ ରେ ହେଲେ ମଧ ନଦୀ ରୁ ବାଲି ଚାଲାନ କୁ ଗ୍ରାମ ବାସି ମହିଳା ଗୋଷ୍ଠୀ ବିରୋଧ କରି ଆସୁଛନ୍ତି । କାରଣ ଠେମରା ଗ୍ରାମ ଏକ ସଂକୀର୍ଣ୍ଣ ରାସ୍ତା ଥିବା ଗ୍ରାମ ଯାତାୟାତ ରେ ବିଶେଷ ଅସୁବିଧା ହେଉଥିବା ବେଳେ ବାଲି ବୋଝେଇ ହାଇୱା ଗାଡି ଦିନ ରାତି ବାଲି ବୋଝେଇ ଗାଡି ଯାତାୟାତ ରେ ରାସ୍ତା ଘାଟ ଖାଲ ଖମା ହୋଇ ରାସ୍ତା ଖରାପ ହେଲାଣି । ଛୁଆ ପିଲାକୁ ଯାତାୟାତ ରେ ବିପଦ ହେଉଛି । ଗାଁ ମଝିରେ ବାଲି ବୋଝେଇ ଟ୍ରକ ଯିବା ଫଳରେ ଧୂଳି ଧୂସର ହୋଇ ନିଶ୍ୱାସ ପ୍ରଶ୍ୱାସ ରେ ଅସୁସ୍ଥ ହେଲେଣି ଗ୍ରାମବାସୀ । ଜନସମାଜ, ଅତିଷ୍ଠ ହେଲେଣି ଲୋକ ମାନେ, ପୁଣି ବାଲି ନେବାରୁ ନଦୀରେ ବଡ଼ ବଡ଼ ଖାଲ ହୋଇ ପାଣି ଜମି ଥିବାରୁ ଗାଧୋଇବାକୁ ବୃଦ୍ଧ ବୃଦ୍ଧା ଶିଶୁ ଗର୍ଭବତୀ ପ୍ରସୂତି ମହିଳା ମାନେ ବିଶେଷ ଅସୁବିଧା ର ସମ୍ମୁଖୀନ ହେବାକୁ ପଡୁଛି । ଗ୍ରାମବାସୀ ଏହି ବାଲି ଉଠାଣକୁ ବିରୋଧ କରିବାରୁ ଦଳର ଠିକାଦାର ଦବଙ୍ଗ ଗିରି କରିବା ସହ ପୋଲିସ ଅଧିକାରୀ ମାନେ ଗ୍ରାମ ବାସୀଙ୍କୁ ଧମକ ଚମକ ଦେଇ ବାନ୍ଧି କରି ଜେଲ ପଠାଇ ଦେବି ବୋଲି ଚାପ ପ୍ରୟୋଗ କରୁଥିବା ଅଭିଯୋଗ କାରିଙ୍କ ପ୍ରକାଶ । ଏହି ବାଲି ଘାଟକୁ ବନ୍ଦ କରିବାକୁ ଜିଲ୍ଲାପାଳ, ତହସିଲଦାର, ଖଣି ଅଧିକାରୀଙ୍କୁ ଦରଖାସ୍ତ କଲେ ମଧ କୌଣସି ପ୍ରତିକାର କିମ୍ବା ସମାଧାନ କରି ନ ଥିବାରୁ ଆଜି ଦାବିପତ୍ର ମାଧ୍ୟମରେ ଜିଲ୍ଲା ପ୍ରଶାସନଙ୍କୁ ଜଣାଇ ଦେଇଛନ୍ତି ଯେ ଆଗାମୀ ୩୦ ମାର୍ଚ୍ଚ ୨୦୨୪ ସୁଦ୍ଧା ସମାଧାନ ନ ହେଲେ ରାଜ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ।

## ଜିଲ୍ଲା ଯାତ୍ରା କମିଟି ମହାସଙ୍ଘ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ

କେନ୍ଦ୍ରାପଡ଼ା, ୨୨/୩ (ନି.ପ୍ର): ଜିଲ୍ଲା ଯାତ୍ରା କମିଟି ମହାସଙ୍ଘ, କେନ୍ଦ୍ରାପଡ଼ା ଏବଂ ଓଡିଆ କଳା ସଂସ୍କୃତି ପୁନରୁଦ୍ଧାର ସମିତିର ମିଳିତ ଆନୁକୂଲ୍ୟରେ ସହର ସନ୍ନିକଟ ଶ୍ୟାମସୁନ୍ଦରପୁର ଗଡାସ୍ଥିତ ଚଣ୍ଡିଆ ପ୍ୟାଲେସରେ ଆଜି ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା ଯାତ୍ରା କମିଟି ମହାସଙ୍ଘର ସଭାପତି ମିହିର କୁମାର ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ସମାଜସେବୀ, ଓଡିଆ କଳା ସଂସ୍କୃତି ପୁନରୁଦ୍ଧାର ସମିତି ସଭାନେତ୍ରୀ ତଥା ଆଇନଜୀବୀ ଜ୍ୟୋତ୍ସ୍ନାମୟୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଆ ଜାତିର ଖାଦ୍ୟ ଅସ୍ମିତାର ପ୍ରତୀକ ତଥା ଗର୍ବ ଓ ଗୌରବ ହେଉଛି ପଖାଳ। ସାଧାରଣ ଲୋକଟିର ଜୀବନ ସହିତ ଏହି ପଖାଳ ଓତୋପ୍ରୋତ ଭାବେ ଜଡିତ। ସକାଳୁ କଂସାଏ ପଖାଳ ଓ ଆଳୁ ଚକଟା ସହ ପିଆଜ, ଲଙ୍କା ହେଉଛି ଜଣେ ସାଧାରଣ ଓଡିଆ ଘରର ପାରମ୍ପରିକ ଖାଦ୍ୟ। ପଖାଳ ସହିତ ଓଡିଆଙ୍କ ଧାର୍ମିକ ଭାବନାର ମଧ ପ୍ରତ୍ୟେକ୍ଷ ସମ୍ପର୍କ ରହିଛି। ଓଡିଆ ଜାତିର ଆରାଧ ମହାପ୍ରଭୁ ଶ୍ରୀଜଗନାଥ ମଧ ପଖାଳପ୍ରିୟ ବୋଲି ସେ କହିଥିଲେ। ଶ୍ରୀଜଗନ୍ନାଥଙ୍କ ଟଙ୍କ ତୋରାଣୀ ସାରା ବିଶ୍ୱ ପ୍ରସିଦ୍ଧ ହୋଇଥିବା ବେଳେ ତାକୁ ପାଇବା ପାଇଁ ଭକ୍ତ ପାଗଳ ପ୍ରାୟ ହୋଇଥାଏ। ପଖାଳକୁ ଖାଦ୍ୟ ଭାବରେ ଗ୍ରହଣ କରୁଥିବା ପ୍ରତ୍ୟେକ ଲୋକର ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ସହିତ ଅନେକ ଉପକାରୀ ଗୁଣର ବାର୍ତାବହନ କରିଥାଏ।

## ଦୂର ସଂଚାର ଓ ପ୍ରଯୁକ୍ତି ବିଜ୍ଞାନ କ୍ଷେତ୍ରରେ ଓଡ଼ିଶାରେ ଅପାର ସମ୍ଭାବନା ଓ ସୁଯୋଗ ରହିଛି: ସୂର୍ଯ୍ୟବଂଶୀ ସୂରଜ

ଭୁବନେଶ୍ୱର, ୨୨/୩ (ନି.ପ୍ର): ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ ଶାସନକୁ ଆସିବା ପରେ ଆଇଟି ତଥା ପ୍ରଯୁକ୍ତି ବିଜ୍ଞାନ କ୍ଷେତ୍ରରେ ଭାରତବର୍ଷରେ ଏକ ବୈପ୍ଳବିକ ପରିବର୍ତନ ଆସିଛି। ଓଡିଶାରେ ମଧ ଏହାର ପ୍ରଭାବ ସ୍ପଷ୍ଟ ପରିଲକ୍ଷିତ ହେଉଛି। ୨୦୧୪ ମସିହାରେ ୭୫୬୨ଟି ମୋବାଇଲ ଟାୱାର ଓଡ଼ିଶାରେ ଥିବାବେଳେ ଏବେ ପାଖାପାଖି ୪ଗୁଣ ଅଧିକ ଟାୱାର ଯଥା ୨୭ହଜାର ୫୧୩ ବସିଛି। ସେହିପରି ବ୍ରଡ୍ ବ୍ୟାଣ୍ଡ ସଂଯୋଗ ମାତ୍ର ୬ ଲକ୍ଷରୁ କମ୍ ଥିବାବେଳେ ଆଜି ୨କୋଟି ୩୬ଲକ୍ଷ ଲୋକଙ୍କ ପାଖରେ ବ୍ରଡ୍ ବ୍ୟାଣ୍ଡ ସଂଯୋଗ ପହଂଚିପାରିଛି। ଓଡ଼ିଶାର ୫୧ହଜାର ୧୭୬ଟି ଗାଁରୁ ୪୬ହଜାର ୮୦୧ଟି ଗାଁକୁ ଇଂଟରନେଟ୍ ସଂଯୋଗୀକରଣ କରାଯାଇଛି। ଗତ ୧୦ବର୍ଷ ଭିତରେ ଓଡିଶାର ୩ହଜାର ଆଦିବାସୀ ଗାଁରେ ଟାୱାର ସ୍ଥାପନା ହୋଇଛି ବାଲି ବିଧାୟକ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି ଯ, ଓଡିଶାର ଅନେକ ଆଦିବାସୀ ଅଂଚଳରେ ଗମନା ଗମନ, ମାଲପରିବହନ ବ୍ୟବସ୍ଥା ଆଜି ବି ସମ୍ଭବ ହୋଇପାରିନାହିଁ, କିନ୍ତୁ ସେ ଗାଁରେ ମଧ ଟାୱାର ଖୁଂଟି ବସିଛି। ୧ ଜିବି ଡାଟା ପାଇଁ ୨୫୦ ଟଙ୍କା ଦେବାକୁ ପଡୁଥିବାବେଳେ ଆଜି ବିଶ୍ୱରେ ସବୁଠୁ କମ୍ ମୂଲ୍ୟରେ ଡାଟା ଭାରତବର୍ଷରେ ଉପଲବ୍ଧ ହେଉଛି। ୟୁପିଏ ଶାସନ କାଳ ୨୦୧୨ରେ ୪-ଜି ଲଂଚ ହେଲା, କିନ୍ତୁ ଓଡ଼ିଶାକୁ ପହଂଚିବାକୁ ୩ବର୍ଷ ଲାଗିଥିଲା। ଅନ୍ୟ ପଟେ ମୋଦି ସରକାର ଶାସନରେ ୨୦୨୨ରେ ୫-ଜି ଲଂଚ ହେଲା ଏବଂ ଓଡ଼ିଶାକୁ ମାତ୍ର ୩ମାସ ମଧ୍ୟରେ ପହଂଚିଗଲା। ଏଥିରୁ ମୋଦି ସରକାରଙ୍କ ଓଡିଶା ପ୍ରତି ଥିବା ସକରାତ୍ମକ ଆଭିମୁଖ୍ୟ ସ୍ପଷ୍ଟ ହେଇଛି। କଥାରେ ଅଛି "କ୍ରାନ୍ତି ବିନା ଶାନ୍ତି ନାହିଁ"। ମୋଦିଜୀ ଅଣିଥିବା 'ଡିଜିଟାଲ କ୍ରାନ୍ତି' ଜରିଆରେ ଦେଶବାସୀ ଏବଂ ବିଶେଷ ଭାବେ ଯୁବବର୍ଗଙ୍କ ମଧ୍ୟରେ ଶାନ୍ତି ଆଣିଦେଇଛି। ରାସ୍ତାକଡ ବ୍ୟାପାରୀ, ଫଳ ଓ ପନିପରିବା ବିକାଳିଙ୍କ ପାଇଁ ସ୍ୱନିଧି ଯୋଜନା ମାଧ୍ୟମରେ ଗ୍ୟାରେଂଟି ଯୁକ୍ତ ଋଣ ପ୍ରଦାନ କରାଯିବା ଫଳରେ ଗରିବ ବେପାରୀଙ୍କ ଆର୍ଥୀକ ଅଭିବୃଦ୍ଧି ଘଟିଛି। ୟୁପିଆଇ ଆପ୍ ବ୍ୟବହାର ତଥା ପେମେଂଟ କାରଣରୁ ଡିଜିଟାଲ କ୍ରାନ୍ତି ସୃଷ୍ଟି ହୋଇଛି। ସେମାନେ ଜଣେ ଜଣେ ଡିଜିଟାଲ ବ୍ରାଣ୍ଡ ଆମ୍ବାସଡର ଭାବେ ପରିଗଣିତ ହେଉଛନ୍ତି । ନାରୀ ସଶକ୍ତିକରଣ ନେଇ ବିଭିନ୍ନ ବିଜ୍ଞାପନ ବାହାରୁଛି କିନ୍ତୁ ଆଇଟି ମାଧ୍ୟମରେ ନାରୀ ଶକ୍ତିକରଣ କରିବା ମୋଦିଜୀଙ୍କ ଦୂରଦୃଷ୍ଟି ସମ୍ପର୍ଣ୍ଣକୁ ପ୍ରମାଣିତ କରୁଛି। ସ୍ୱୟଂ ସହାୟକ ଗୋଷ୍ଠୀର ଯେଉଁ ମାଁ ଓ ଭଉଣୀମାନେ କେବଳ ପାମ୍ପଡ, ଫିନାଇଲ, ଆଚାର କାରବାରରେ ସୀମିତ ରହୁଥିଲେ, ସେମାନଙ୍କୁ 'ନମୋ ଡ୍ରୋନ' ଯୋଜନା ମାଧ୍ୟମରେ ଡ୍ରୋନ ପ୍ରଦାନ କରିଛନ୍ତି ମୋଦିଜୀ। ଏହା ଦ୍ୱାରା ଚାଷ କାର୍ଯ୍ୟରେ ମହିଳାମାନଙ୍କ ଭୂମିକା ଅନେକ ବୃଦ୍ଧି ପାଇଛି । ସେହିପରି 'ଇ-ସଞ୍ଜୀବନୀ ଆପ୍' ଜରିଆରେ ଏବେ ଗରୀବ ଲୋକମାନେ ବିଭିନ୍ନ ସୁଚିକିତ୍ସକଙ୍କ ପରାମର୍ଶ ନେଇ ଚିକିତ୍ସିତ ହେଉଛନ୍ତି । ପଲ୍ଲୀ ରହି ଦିଲ୍ଲୀ ଡାକ୍ତରଙ୍କ ସହ ଇ-ସଞ୍ଜୀବନୀ ଆପ୍‌ରେ ନିଜର ସମସ୍ୟା ସମ୍ପର୍କରେ ଅବଗତ ହୋଇପାରୁଛନ୍ତି। ଓଡ଼ିଶାର ପାଖାପାଖି ୭୦-୮୦ଲକ୍ଷ ଲୋକ ସିଧାସଳଖ ଏହାର ଲାଭ ଉଠାଇପାରିଛନ୍ତି। ଏପରିକି ନିର୍ବାଚନକୁ ଭୟ, ହିଂସା, ପ୍ରଭାବମୁକ୍ତ କରିବା ପାଇଁ ସାଧାରଣ ନାଗରିକ ସି-ଭିଜିଲ ଆପ୍ ଜରିଆରେ ନିଜ ପକ୍ଷ ଓ ଅଭିଯୋଗ ଉପସ୍ଥାପନ କରିପାରିବେ । ଏଭଳି ଅନେକ ପ୍ରକାରର ସମସ୍ୟାର ସମାଧାନ ଖୁବ୍ ଶୀଘ୍ର ହୋଇପାରୁଛି ବୋଲି ଶ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି ।

# ସ୍କ୍ରୋଲିଂ ଆଡିକ୍ସନ

ଡାକ୍ତର ସମ୍ରାଟ କର

ଆପଣ ଆଜିର ସମୟରେ ଅନେକ ଲୋକମାନଙ୍କୁ ଦେଖିଥିବେ ସେମାନେ ସେପରି ଘଣ୍ଟା ଘଣ୍ଟା ଧରି ମୋବାଇଲ ଫୋନ ବ୍ୟବହାର କରନ୍ତି ନାହିଁ କିନ୍ତୁ ବେଳେ ବେଳେ ସେମାନେ ନିଜର କୌଣସି କାମ ସରୁ କି କାମ ଚାଲିଥାଉ ତାହା ଭିତରେ ମୋବାଇଲ ସ୍କ୍ରୋଲରେ ବ୍ୟସ୍ତ ରହିଯାଆନ୍ତି। କହିବାକୁଗଲେ ସେମାନେ ଏକ ପ୍ରକାର ମୋବାଇଲରେ ସେହିପରି ବ୍ୟସ୍ତ ରହିବାକୁ ଭଲ ପାଆନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ପ୍ରଥମେ ଏହା କିଛି ମିନିଟର ଅବଧି ରହିଥାଏ କିନ୍ତୁ ପରବର୍ତ୍ତୀ ସମୟରେ ଏହା ଘଣ୍ଟାରେ ପରିଣତ ହୋଇଯାଏ ଯାହାଦ୍ୱାରା ସେମାନଙ୍କର କାର୍ଯ୍ୟକାରିତା, ଖାଦ୍ୟ ପ୍ରଣାଳୀ ଓ ବିଶ୍ରାମ ସବୁକିଛି ଏପଟ ସେପଟ ହୋଇଯାଏ। ନିଦ ପ୍ରଭାବିତ ହୁଏ ଏବଂ ଏହାକୁ ନେଇ ଅନେକ ରୋଗ ମଧ୍ୟ ସୃଷ୍ଟି ହୁଏ।

ଦିନରେ ହେଉ ବା ବିଶେଷକରି ରାତିରେ ଏହି ମୋବାଇଲ ସ୍କ୍ରୋଲ କରିବା ଦ୍ୱାରା ବିଳମ୍ବରେ ନିଦ ହୋଇଥାଏ ଯାହାଦ୍ୱାରା ହାଇବ୍ଲଡ଼ ପ୍ରେସର ଠାରୁ ଡାଇବେଟିସ, ଓଜନ ବୃଦ୍ଧି ଠାରୁ ହୃଦରୋଗ ଏପରିକି ଏହା ଅବସାଦର କାରଣ ହୋଇଥାଏ। ସ୍କ୍ରିନ ସ୍କ୍ରୋଲ ଅଭ୍ୟାସ ଠାରୁ ଦୂରେଇ ରହିବାକୁ ହେଲେ ଆପଣଙ୍କୁ ଏକ ନିଜର ମାନସିକତାକୁ ବଦଳାଇବାକୁ ପଡ଼ିବ। ଯଦି ଆପଣ ଶୋଇବା ପୂର୍ବରୁ ଏହି ଅଭ୍ୟାସ ରଖିଥାନ୍ତି ତେବେ ଆପଣଙ୍କ ଫୋନରେ ଏକ ଟାଇମର ସେଟ କରନ୍ତୁ। ଶୋଇବା ପୂର୍ବରୁ ପ୍ରିୟ ବହି ପଢ଼ିବା, ମେଡ଼ିଟେସନ କରିବା ଏକ ଭଲ ଅଭ୍ୟାସ ଯାହାଦ୍ୱାରା ଭଲ ନିଦ ହୋଇଥାଏ ଓ ସ୍କ୍ରୋଲିଂ କରିବା ଅଭ୍ୟାସ ମଧ୍ୟ କମ ହୋଇଯାଏ। ସେହିପରି ଯେଉଁ ଲୋକମାନେ ନିଜ ବେଡ଼ରେ ମୋବାଇଲ ରଖି ଶୋଇବାକୁ ପସନ୍ଦ କରିଥାନ୍ତି ସେମାନଙ୍କୁ ନିଦ କମ ହୋଇଥାଏ। ତେଣୁ ବିଛଣାକୁ ଯିବା ପୂର୍ବରୁ ମୋବାଇଲ ଠାରୁ ଯଥା ସମ୍ଭବ ନିଜକୁ ଦୂରେଇ ରଖନ୍ତୁ। ଅନେକ ହୁଏତ ଏହାକୁ ଏକ ମାମୁଲି କଥା ଭାବି ପାରନ୍ତି କିନ୍ତୁ ବାସ୍ତବରେ ଏହା ଜଣଙ୍କ ଜୀବନ ଚର୍ଯ୍ୟାକୁ ଗୁରୁତର ଭାବେ ପରବର୍ତ୍ତୀ ସମୟରେ ପ୍ରଭାବିତ କରିଥାଏ।

ଆପଣ ଏପରି ବି ଅଦ୍ଭୁତ ଲୋକମାନଙ୍କୁ ଦେଖିଥିବେ। ସେମାନେ କୌଣସି କାର୍ଯ୍ୟ କରୁଥିବେ, ସେମାନଙ୍କ ପାଖରେ କାର୍ଯ୍ୟକାରୀ କରୁଥିବା କୌଣସି ଲୋକ ନିଜେ ବି ବ୍ୟସ୍ତ ଥିବେ କିନ୍ତୁ ସେମାନେ ଟିକିଏ ମୁହୂର୍ତ୍ତ ଫୁରସତ୍ ପାଇଲା ମାତ୍ରେ ତତ୍‌କ୍ଷଣାତ ମୋବାଇଲ ସ୍କ୍ରୋଲିଂରେ ବ୍ୟସ୍ତ ରହିଯାଆନ୍ତି। ଏହା ଏକ ମାରାତ୍ମକ କୁ ଅଭ୍ୟାସ। ସର୍ବପ୍ରଥମେ ଆପଣଙ୍କର, ଯେଉଁ କାର୍ଯ୍ୟରେ ବ୍ୟସ୍ତ ଥିବେ ସେ କାର୍ଯ୍ୟ ନିଶ୍ଚିନ୍ତ ବାଧାପ୍ରାପ୍ତ ହେବ ଏବଂ ଆପଣଙ୍କ ଏକାଗ୍ରତା ନିଶ୍ଚିନ୍ତ ନଷ୍ଟ ହେବ। ଯାହାଦ୍ୱାରା ଆପଣ ଯେଉଁ କାର୍ଯ୍ୟରେ ପ୍ରଥମରୁ ମନୋନିବେଶ କରିଥିବେ ସେଥିରେ ବ୍ୟତିକ୍ରମ ସୃଷ୍ଟି ହେବ ଏବଂ ଅନେକ ଭୁଲ ଭଟକା ମଧ୍ୟ ରହିବ। ସେହିପରି ଆଜିକା ସମୟରେ ପରିବାରର ଜଞ୍ଜାଳ ମୁଣ୍ଡାଇଥିବା ସ୍ତ୍ରୀଲୋକମାନେ ରୋଷେଇ କରୁ କରୁ ଏପରିକି ଅନ୍ୟ ମାନଙ୍କ ସହ କଥା ହେଲା ଭିତରେ ବି ମୋବାଇଲରେ ନିଜକୁ ବ୍ୟସ୍ତ ରଖନ୍ତି। ସିଆଡ଼େ ରୋଷେଇରେ ତାଙ୍କ ଭାତ ଯାଉ ହୋଇଯାଉ, ଚା ପୋଡ଼ି ଯାଉ କିମ୍ବା ଟ୍ୟାପରୁ ପାଣି ବୋହି ଘର ସାରା ଜଳାର୍ଣ୍ଣବ ହୋଇଯାଉ। ସେମାନେ ସେ ଦିଗକୁ ନଜର ଅନ୍ଦାଜ କରିଦେଇଥାନ୍ତି। କିନ୍ତୁ ଏହାର ପଛପଟେ ସେମାନଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଥାଏ। ସେମାନେ ଏହାକୁ କର୍ଣ୍ଣପାତ କରିବେ କ'ଣ ଦୋଷ ମାନିବା ପାଇଁ ବି ପୁରା ନାରାଜ ଥାଆନ୍ତି ଆଉ ବିତଣ୍ଡା ଯୁକ୍ତିକରି ଆପଣଙ୍କ ମାନସିକତାକୁ ବିକୃତ କରିବା ପାଇଁ ଚେଷ୍ଟା କରିଥାନ୍ତି। ସେମାନେ ବୁଝି ପାରିନଥାନ୍ତି ସେମାନେ ପରୋକ୍ଷ ଭାବରେ ନିଜର କେତେ କ୍ଷତି କରିଥାନ୍ତି। ଏହିସବୁ କଥା ଗୁଡ଼ିକ ଆପଣଙ୍କୁ ସାଧାରଣ ଲାଗିପାରେ କିନ୍ତୁ ଏହା ଆଜିର ସମୟର ଅତ୍ୟନ୍ତ ମର୍ମନ୍ତୁଦ ସତ୍ୟ। ଛୋଟିଆ କଥାଟି ବିଚାର କରନ୍ତୁ ନିଜେ ଯଦି ଆପଣ ଏହିପରି ନିଜକୁ ଅଯଥା ବ୍ୟସ୍ତ ରଖି ସମୟ ନଷ୍ଟ କରି ଆପଣଙ୍କ କାମ, ପରିବାରର କାମ, ଆପଣଙ୍କ ଗୁଜୁରାଣର କାମ ଯଦି ନିଜେ ନଷ୍ଟ କରୁଥାନ୍ତି ତାହାହେଲେ ଆପଣଙ୍କ ପରି ସବ୍ ଜାନତା ଲୋକମାନଙ୍କୁ କିଏ ବା ବୁଝେଇ ପାରିବ? ମୋବାଇଲ ସ୍କ୍ରୋଲିଂ ଆଡିକ୍ସନର ଅତ୍ୟନ୍ତ ଦୁଃଖଦ ଦିଗ ଜଣ ଜଣଙ୍କୁ ବିପଦଗାମୀ କରାଇଥାଏ। କେତେକ କ୍ଷେତ୍ରରେ ଏହା ଆତ୍ମହତ୍ୟାର କାରଣ ହୋଇଥାଏ ଆଉ କେତେକ କ୍ଷେତ୍ରରେ ଏହା ପ୍ରଥମେ ବିରକ୍ତି ପରେ ଉତ୍ତେଜନା ଆଉ ବାକବିତଣ୍ଡା ଶେଷରେ ଏହା ହିଂସାତ୍ମକ ରୂପ ନେଇଥାଏ। ଛୋଟିଆ କଥାଟିର ଶେଷ କେଉଁ ପରିସ୍ଥିତିରେ ପହଞ୍ଚିଥାଏ ଆପଣ ଲକ୍ଷ୍ୟ ରଖନ୍ତୁ। ବଡ଼ କଥା ହେଉଛି ଆଜିର ସମୟରେ ସୋସିଆଲ ମିଡ଼ିଆର ବହୁତ ଉପଯୋଗ ରହିଛି ଏହା ମଣିଷ ସମାଜ ପାଇଁ ଏକ ବରଦାନ ନିଶ୍ଚୟ। କିନ୍ତୁ ଏହା ଅଭିଶାପରେ ପରିଣତ ହେଲାଣି। ସ୍କ୍ରୋଲିଂ ଆଡ଼ିକ୍ସନ ଏପରି ଭୟାନକ ରୂପ ନେଲାଣି ଯେ ଜଣେ ଜଣେ ସେମାନଙ୍କର ନିର୍ଦ୍ଦିଷ୍ଟ ସମୟର ଦୃଶ୍ୟାବଳୀକୁ ଶେଷ କରିବା ପର୍ଯ୍ୟନ୍ତ ନିଜର ପରିପାର୍ଶ୍ୱିକ ପରିସ୍ଥିତି ବା କ୍ଷେତ୍ରକୁ ନଜର ଅନ୍ଦାଜ କରିଦିଅନ୍ତି ଯାହାକି ଅନେକ ବଡ଼ ବଡ଼ ଦୁର୍ଘଟଣାର କାରଣ ମଧ୍ୟ ହୋଇଥାଏ। ଏହା ଭାବିବାକୁଗଲେ ମାମୁଲି କିନ୍ତୁ ଏହା ଅତ୍ୟନ୍ତ ଗୁରୁତର। ସ୍କ୍ରୋଲିଂର ପରିସ୍ଥିତି ବେଳେ ବେଳେ ଜଣକୁ ଏପରି ଅବସାଦର ଗଭୀର ଭିତରକୁ ଠେଲି ଦିଏ ଯେଉଁଠି ଜଣେ ନିଜକୁ ମୁକୁଳେଇବା କଷ୍ଟକର ହୋଇପଡ଼େ। ସେହିପରି ମୋବାଇଲ ସ୍କ୍ରୋଲିଂରେ ହିଂସାତ୍ମକ ଦୃଶ୍ୟ ବା ଆପତ୍ତିଜନକ ଅଶୀଳ ଦୃଶ୍ୟାବଳୀ ଜଣକୁ ମାନସିକ ଭାବେ ବିକୃତି ଆଡ଼କୁ ନେଇଯାଏ। ସେହିପରି ଏହା ଯଦି ପରିବାରର ଛୋଟ ପିଲାମାନଙ୍କ ହାତରେ ପଡ଼େ ସେମାନଙ୍କ ଉପରେ କି ପ୍ରଭାବ ପଡ଼ିବ ଆପଣ ବିଚାର କରନ୍ତୁ। ଏହା ସେପରି ଏକ ମାନସିକ ରୋଗ ବା ବଡ଼ ସମସ୍ୟା ନୁହେଁ। ଏହାପାଇଁ ଜଣେ ଇଛା କଲେ ନିଜକୁ ମୁକୁଳାଇପାରି ଏକ ଭଲ ଜୀବନ ଅତିବାହିତ କରିପାରିବ। ଆପଣ କେତେ ସମୟ ମୋବାଇଲ ଦେଖିବେ? କେତେ ସମୟ ସ୍କ୍ରୋଲିଂରେ ବ୍ୟସ୍ତ ରହିବେ ଏବଂ ଏହାର ଆଖପାଖର କାର୍ଯ୍ୟାବଳୀ ସହିତ ଲକ୍ଷ୍ୟ କରି ଏକ ସମୟ ନିର୍ଘଣ୍ଟ କରନ୍ତୁ। କାରଣ ଅନେକ ଏଥିରେ ଏପରି ବ୍ୟସ୍ତ ରହିଯାଆନ୍ତି ଯେ ସେମାନଙ୍କ ପାଇଁ ରାତିଟି ନିଅଣ୍ଟ ପଡ଼ିଯାଏ। ତେଣୁ ଏହାପାଇଁ ସମୟ ନିର୍ଘଣ୍ଟ ରଖି ଏକ ତ୍ରିଭୁଜ ପରି ଆପଣଙ୍କ ଖାଦ୍ୟ, ବିଶ୍ରାମ ଓ ଆପଣଙ୍କ ନିତିଦିନିଆ ରୁଟିନବନ୍ଧା ଜୀବନକୁ ଲକ୍ଷ୍ୟ ରଖି କାର୍ଯ୍ୟ କରନ୍ତୁ। ଆଜିର ସମୟରେ ଜ୍ଞାନର ଭରପୁର ଭଣ୍ଡାର କୁହାଯାଉଥିବା ମୋବାଇଲ ବା ସୋସିଆଲ ମିଡ଼ିଆ ଅନେକ ସମୟରେ ଆମ ମାନଙ୍କ ପାଇଁ ଘାତକ ମଧ୍ୟ ସାବ୍ୟସ୍ତ ହେଉଛି। ଏହା ଅନେକଙ୍କୁ



ବାଟବଣା କରୁଛି, ଆଳସ୍ୟ, ବିଭିନ୍ନ ଖରାପ କାର୍ଯ୍ୟ, ଅବସାଦ, ହିଂସାତ୍ମକ ଆଚରଣ ଓ ନୈତିକ ସ୍ଖଳନ ପାଇଁ ମଧ୍ୟ ପ୍ରେରଣା ଯୋଗାଉଛି। ତେଣୁ ଏକ ଭଲ ରୁଟିନବନ୍ଧା ଜୀବନ ଭିତରେ ଆପଣ ଏସବୁକୁ ଚିନ୍ତା କରି କିପରି ନିଜକୁ ସୋସିଆଲ ମିଡ଼ିଆ ସହ କିପରି ଅଭ୍ୟସ୍ତ ରଖି ଜୀବନକୁ ଆଗେଇ ନେବେ ଏହାକୁ ଚିନ୍ତା କରନ୍ତୁ। କାରଣ ଆପଣଙ୍କ ସହିତ ଆପଣଙ୍କର ଏକ ବହୁତ ବଡ଼ ଦୁନିଆ ରହିଛି। ଆପଣଙ୍କ ପରିବାର, ପିଲାଛୁଆ, ଆତ୍ମୀୟ ସ୍ୱଜନ, ବନ୍ଧୁବର୍ଗ, କର୍ମ ସଂସ୍ଥାନ ଓ ସମାଜ। ଏସବୁ ଭିତରେ ଆପଣ ଭଲ ଭାବେ ସୁସମ୍ପର୍କ ରଖି ଏକ ଭଲ ଜୀବନ ବିତାଇବା ହିଁ ଆଜିର ସମୟ ପାଇଁ ବଡ଼ ଆହ୍ୱାନ। ତେଣୁ ସ୍କ୍ରୋଲିଂ ଆଡିକ୍ସନକୁ ନେଇ ଏତେଟା ଉଦବିଗ୍ନ ହେବା ଅନୁଚିତ। ଅଧିକ ସମସ୍ୟା ବା ପରାମର୍ଶ ଇଛା କଲେ ଆପଣ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇପାରିବେ।

+ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,
ମୋ : ୯୧୩୨୪୩୩୩୩୩

# ସ୍ୱପ୍ନରେ ଦେଖୁଛନ୍ତି କି ଏହି ୫ ଜିନିଷ: ଜାଣନ୍ତୁ କିଏ ଶୁଭ କିଏ ଅଶୁଭ



ସ୍ୱପ୍ନର ଦୁନିଆ ବାସ୍ତବରେ ଭିନ୍ନ ହୋଇଥାଏ। ସ୍ୱପ୍ନ ଦେଖିବା ଶୋଇବା ପରି ସ୍ୱାଭାବିକ ହୋଇଥାଏ। ଅନେକ ସମୟରେ ଏମିତି ହୁଏ ଯେ ଆମେ ସ୍ୱପ୍ନ ଦେଖି ଡରିଯିବା, ଦ୍ୱନ୍ଦ୍ୱରେ କିମ୍ବା ବିବ୍ରତ ହୋଇ ଉଠିପଡିବା। ତେବେ ଏହି ସ୍ୱପ୍ନ କେବଳ ତୁଚ୍ଛାଟାରେ ଘଟେ ନାହିଁ, ଏସବୁ ମଧ୍ୟ ଅନେକ କିଛି କୁହେ।

ସ୍ୱପ୍ନର ଦୁନିଆ ବାସ୍ତବରେ ଭିନ୍ନ ହୋଇଥାଏ। ସ୍ୱପ୍ନ ଦେଖିବା ଶୋଇବା ପରି ସ୍ୱାଭାବିକ ହୋଇଥାଏ। ଅନେକ ସମୟରେ ଏମିତି ହୁଏ ଯେ ଆମେ ସ୍ୱପ୍ନ ଦେଖି ଡରିଯିବା, ଦ୍ୱନ୍ଦ୍ୱରେ କିମ୍ବା ବିବ୍ରତ ହୋଇ ଉଠିପଡିବା। ତେବେ ଏହି ସ୍ୱପ୍ନ କେବଳ ତୁଚ୍ଛାଟାରେ ଘଟେ ନାହିଁ, ଏସବୁ ମଧ୍ୟ ଅନେକ କିଛି କୁହେ।

ଏପରି ପରିସ୍ଥିତିରେ, ଏହା ଜରୁରୀ ଯେ ସେହି ସ୍ୱପ୍ନର ଅର୍ଥ ବୁଝିବା, ଯାହା ଦ୍ୱାରା ଆପଣଙ୍କ ସହିତ ଘଟିବାକୁ ଥିବା ଭଲ ଏବଂ ଖରାପ ଘଟଣା ବିଷୟରେ ଜାଣିହେବ। ଲୋକମାନେ ଅନେକ ପ୍ରକାରର ସ୍ୱପ୍ନ ଦେଖନ୍ତି, ସେଗୁଡିକ ମଧ୍ୟରୁ କିଛି ମନେରୁହେ ଏବଂ ଆଉ କିଛି ଭୁଲିହୋଇଯାଏ।

ଆପଣ କେବେ ସ୍ୱପ୍ନରେ ଦାନ୍ତ ରଗଡିବା, ପଛରୁ କେହି ଗୋଡ଼ାଇବା କିମ୍ବା ଉପରୁ ଖସିପଡିବା ଭଳି ଜିନିଷ ଦେଖିଛନ୍ତି କି? ଯଦି ହଁ, ତେବେ ଏପରି ସ୍ୱପ୍ନ ଦେଖିବାର ଅର୍ଥ କ'ଣ ଜାଣିବା ଜରୁରୀ। ତେବେ ଆସନ୍ତୁ ଜାଣିବା ଜ୍ୟୋତିଷଶାସ୍ତ୍ର ମନରେ ଏହିପରି ସ୍ୱପ୍ନ ଦେଖିବା କ'ଣ ସୂଚାଇଥାଏ।

***ଆକାଶରୁ ଖସିପଡିବା:***

ସ୍ୱପ୍ନ ବିଜ୍ଞାନ ଅନୁଯାୟୀ, ଯଦି ଜଣେ ବ୍ୟକ୍ତି ନିଜକୁ ଆକାଶରୁ ଖସିପଡିବାର ଦେଖେ, ତେବେ ଏହି ସ୍ୱପ୍ନ ତାଙ୍କ ପାଇଁ ଏକ ଅଶୁଭ ସଙ୍କେତ ହୋଇପାରେ। ଏହି ପ୍ରକାରର ସ୍ୱପ୍ନ ଦେଖିବାର ଅର୍ଥ ହେଉଛି ଭବିଷ୍ୟତରେ କିଛି ବିପଦ ଆସିପାରେ। ଏଭଳି ପରିସ୍ଥିତିରେ, ଏହାକୁ ଧ୍ୟାନରେ ରଖିବା ଆପଣଙ୍କ ପାଇଁ ଜରୁରୀ ଅଟେ। ସେହିପରି, ଯଦି ଆପଣ ନିଜକୁ ଏକ ପାହାଡ କିମ୍ବା ପର୍ବତରୁ ଖସିପଡିବାର ଦେଖନ୍ତି, ତେବେ ଏହା ମଧ୍ୟ ରୋଜଗାରକୁ ହ୍ରାସ କରିବାର ସଙ୍କେତ ହୋଇପାରେ।

***ପଛରୁ କେହି ଗୋଡେଇବା:***

ସ୍ୱପ୍ନ ବିଜ୍ଞାନ ବିଶ୍ୱାସ କରେ ଯେ ଯଦି ସ୍ୱପ୍ନରେ କେହି ପଛରୁ ଗୋଡେଇବା ଦେଖନ୍ତି ତେବେ ଏହାର ଅର୍ଥ ହେଉଛି ବାସ୍ତବ ଜୀବନରେ କିଛି ବଡ ଚିନ୍ତାର ସମ୍ମୁଖୀନ ହେବା। ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ ନିକଟ ଭବିଷ୍ୟତରେ ତୁମର କାହା ସହିତ ବିବାଦ ହୋଇପାରେ। ତେଣୁ, ଯେତେବେଳେ ଏପରି ସ୍ୱପ୍ନ ଆସେ ସତର୍କ ହେବା ଆବଶ୍ୟକ।

***ସ୍ୱପ୍ନରେ ଦାନ୍ତ ଭାଙ୍ଗିବା:***

ସ୍ୱପ୍ନରେ ଦାନ୍ତ ପଡିବା ଏକ ଅଶୁଭ ସଙ୍କେତ ଭାବରେ ବିବେଚନା କରାଯାଏ। ଦାନ୍ତ ଭାଙ୍ଗିବାର ସ୍ୱପ୍ନ ମଧ୍ୟ ଅନେକ ଲୋକମାନଙ୍କ ମଧ୍ୟରେ ସାଧାରଣ। ଏହା ନିକଟରେ ପଦ-ପଦବୀ କିମ୍ବା ଟଙ୍କା ହରାଇବାର ସଂକେତ। ଅନ୍ୟପକ୍ଷରେ, ଯଦି ଏହି ସ୍ୱପ୍ନର ଅର୍ଥ ହେଉଛି ଆତ୍ମବିଶ୍ୱାସର ଅଭାବ।

***ନିଜକୁ ଉଡୁଥିବାର ଦେଖିବା:***

ସ୍ୱପ୍ନରେ ନିଜକୁ ଉଡ଼ିବା ଦେଖିବା ଏକ ସକରାତ୍ମକ ଏବଂ ଭଲ ସ୍ୱପ୍ନ ଭାବରେ ବିବେଚନା କରାଯାଏ। ସ୍ୱପ୍ନ ବିଜ୍ଞାନ ଅନୁଯାୟୀ, ଯଦି ଜଣେ ବ୍ୟକ୍ତି ସ୍ୱପ୍ନରେ ଉଡୁଥିବାର ଦେଖେ, ଏହାର ଅର୍ଥ ହେଉଛି ତାଙ୍କର କିଛି ବିଚାରାଧୀନ କାମ ଭବିଷ୍ୟତରେ ଶେଷ ହେବାକୁ ଯାଉଛି। ଜଣେ ବ୍ୟକ୍ତି ଚାକିରି କିମ୍ବା ବ୍ୟବସାୟରେ ସଫଳତା ପାଇପାରେ। ସ୍ୱପ୍ନରେ ଉଡ଼ିବାର ଅର୍ଥ ହେଉଛି ଜଣେ ବ୍ୟକ୍ତି ଜୀବନରେ କିଛି ନୂଆ କାମ ଆରମ୍ଭ କରିପାରିବ ଏବଂ ସେ ସେହି କାମରେ ଲାଭ ପାଇ ପାରିବ।

***ପ୍ରବାହିତ ଜଳ ଦେଖିବା:***

ଯଦି ସ୍ୱପ୍ନରେ ପ୍ରବାହିତ ଜଳ ଦେଖାଯାଏ ତେବେ ଏହାର ଅର୍ଥ ହେଉଛି ଜୀବନରେ ଅନେକ ଉତ୍ଥାନ-ପତନ ରହିଛି। ସମସ୍ୟା ଆସିବ କିନ୍ତୁ ଅଧିକ ସମୟ ରହିବ ନାହିଁ। ପ୍ରବାହିତ ଜଳ ଏହା ମଧ୍ୟ ସୂଚିତ କରେ ଯେ ବିନା କାରଣରେ କାହା ସହିତ ଯୁକ୍ତିତର୍କ କରିବା ଉଚିତ ନୁହେଁ। ତେବେ ପାଣିରେ କିଛି ଭାସୁଥିବା ସ୍ୱପ୍ନ ଦେଖିବା ଏକ ଭଲ ସଙ୍କେତ ଦେଇଥାଏ।



# ଫ୍ରିଜ୍‌ରେ ଦୀର୍ଘ ଦିନ ଧରି ତାଜା ରହିବ ଫଳ: ଆପଣାନ୍ତୁ ଏହି ଉପାୟ

ଦୈନଦିନ ଜୀବନରେ ଫଳ ବା ପନିପରିବାକୁ ତାଜା ରଖିବା ପାଇଁ ଆମେ ଫ୍ରିଜ୍‌ର ବ୍ୟବହାର କରିଥାଉ । ତେବେ ଅନେକ ସମୟରେ ଫଳ ଓ ପରିବା ଫ୍ରିଜ୍‌ରେ ରଖି ମଧ୍ୟ ଖରାପ ଓ ନଷ୍ଟ ହୋଇଯାଏ । ତେବେ କିଛି ଘରୋଇ ଉପାୟ ସାହାଯ୍ୟରେ ଆମେ ଫଳକୁ ଦୀର୍ଘଦିନ ଧରି ଫ୍ରିଜ୍‌ରେ ରଖିପାରିବା । ତେବେ ଚାଲନ୍ତୁ ଜାଣିବା ଏ ନେଇ କିଛି ଟିପ୍‌ସ ।



***ଫ୍ରୀଜ୍‌ରେ ରଖନ୍ତୁ ନାହିଁ ପିଆଜ***

ଫ୍ରିଜ୍‌ରେ ଫଳ ବା ପନିପରିବା ସବୁବେଳେ ତାଜା ରହି ନଥାଏ । ବେଳେବେଳେ ଆମ ମାନଙ୍କର ଅବହେଳା ଯୋଗୁଁ ଫଳ ଓ ପନିପରିବା ନଷ୍ଟ ହୋଇଯାଏ । ଯାହାକି ଫଳର ତାଜାପଣ ନଷ୍ଟ ହୋଇଥାଏ । ତେବେ ଆମେମାନେ ପ୍ରାକୃତିକ ଉପାୟରେ ଫଳ ଓ ପନିପରିବାକୁ ସତେଜ୍ ରଖିପାରିବେ । ତେବେ ଚାଲନ୍ତୁ ଜାଣିବା କିଛି ଟିପ୍‌ସ୍ ।

***ଫ୍ରିଜ୍‌ରେ ରଖନ୍ତୁ ନାହିଁ ଓଦା ଫଳ ଓ ପରିବା:***

ପ୍ରାୟ ସମୟରେ ଆମେମାନେ ବଜାରରୁ ଓଦା ପରିବା ଓ ଫଳ ଆଣି ସିଧା ଫ୍ରିଜ୍‌ରେ ରଖିଥାଉ । ଓଦା ପରିବା ଓ ଫଳ ଫ୍ରିଜ୍‌ରେ ରଖିବା ଦ୍ୱାରା ଏହା ଜଲ୍‌ଦି ଖରାପ ଓ ନଷ୍ଟ ହୋଇଯାଏ । ପରିବା ଓ ଫଳକୁ ଭଲ ଭାବେ ଧୋଇବା ପରେ ଏହା ଶୁଖି ଗଲା ପରେ ଏହାକୁ ଫ୍ରିଜ୍‌ରେ ରଖନ୍ତୁ ଯାହାଫଳରେ ଫଳ ଦୀର୍ଘ ଦିନ ଧରି ତାଜା ରହିବ ।

***ଫ୍ରିଜ୍‌କୁ ଅଧିକ ସମୟ ପର୍ଯ୍ୟନ୍ତ ଖୋଲା ରଖନ୍ତୁ ନାହିଁ :***

ବାରମ୍ବାର ଫ୍ରିଜ୍ ଖୋଲା ରଖିବା ଦ୍ୱରା ଫ୍ରିଜ୍‌ର ତାପମାତ୍ରା କମ୍ ବେଶୀ ହୋଇଥାଏ ଯାହାକି ଫ୍ରିଜ୍‌ରେ ରଖାଯାଇଥିବା ଜିନିଷ ଖରାପ ହୋଇଯାଇଥାଏ । ତେବେ ଫ୍ରିଜ୍‌କୁ ବାରମ୍ବାର ନଖୋଲି ଅଧିକ ସମୟ ବନ୍ଦ ରଖନ୍ତୁ । ଏହା ଦ୍ୱାରା ଫ୍ରିଜ୍‌ରେ ଫଳ ତାଜା ରହିଥାଏ ।

***ଛୁଟିରେ ବାହାରକୁ ଯିବା ପୂର୍ବରୁ କରନ୍ତୁ ଏହି କାମ:***

ଯଦି ଆପଣ ଛୁଟିରେ ଘରୁ ବହୁ ଦିନ ପାଇଁ ବାହାରକୁ ଯାଉଛନ୍ତି ତେବେ ଫ୍ରିଜ୍‌ରେ ଏମିତି କିଛି ଜିନିଷ ରଖନ୍ତୁ ନାହିଁ ଯାହା ଫ୍ରିଜ୍‌କୁ ଖରାପ କରିବ । ଆପଣ ବାହାରକୁ ଯିବା ପୂର୍ବରୁ ଫ୍ରିଜ୍‌ରେ ହଲିଡେ ମୋଡ୍ ଅନ୍ କରି ରଖନ୍ତୁ । ଯାହାଫଳରେ ବିଦ୍ୟୁତ୍ ବିଲ୍ କମ୍ ଆସିବ ।

**ଫ୍ରିଜ୍‌କୁ ରଖନ୍ତୁ ସଫା:**

ନିୟମିତ ଫ୍ରିଜ୍‌କୁ ସଫା ରଖନ୍ତୁ । ଫ୍ରିଜ୍‌କୁ ସଫା ରଖିବା ଦ୍ୱାରା ଖାଦ୍ୟର ଗନ୍ଧ କମ୍ ହୋଇଥାଏ । ଯାହାଦ୍ୱରା ଖାଦ୍ୟ ନଷ୍ଟ ହୋଇନଥାଏ । ଫ୍ରିଜ୍‌ରେ ପିଆଜ ରଖନ୍ତୁ ନାହି । ପିଆଜ ରଖିବା ଦ୍ୱାରା ଏହାର ଦୁର୍ଗନ୍ଧ ଅନ୍ୟ ଖାଦ୍ୟ ଓ ଜିନିଷ ଖରାପ ହୋଇଯାଏ । ଏହାଛଡ଼ା ମହୁ,କମଳା,କଦଳୀକୁ ଫ୍ରିଜ୍‌ରେ ରଖନ୍ତୁ ନାହିଁ ।

# ରଙ୍ଗକୁ ହଁ, ବିପଦକୁ ନା

ଆଗକୁ ଆସୁଛି ରଙ୍ଗର ପର୍ବ ହୋଲି। ଭାରତର କୋଣ ଅନୁକୋଣରେ ଏହା ଆବାଳବୃଦ୍ଧବନିତା ସଭିଙ୍କ ମନରେ ଅଫୁରନ୍ତ ଆନନ୍ଦ ଆଣିଦେଇଥାଏ। ଆମ ପରମ୍ପରାରେ ପ୍ରଚଳିତ ଅନ୍ୟାନ୍ୟ ପର୍ବଠାରୁ ନିଆରା ହୋଲି ପର୍ବରେ ନିଜକୁ ରଙ୍ଗିନ କରାଇବାର ମଜା ଅନନ୍ୟ। ତେବେ ବଜାରରେ ଉପଲବ୍ଧ ନାନା ପ୍ରକାର ରଙ୍ଗ ଯେତିକି ଆମୋଦଦାୟକ, ରାସାୟନିକ ଦ୍ରବ୍ୟର ଉପସ୍ଥିତି ଯୋଗୁଁ ତାହା ସ୍ୱାସ୍ଥ୍ୟ ପ୍ରତି ସେତିକି ବିପଦ ଆଶଙ୍କା ମଧ୍ୟ ଆଣିଥାଏ। ସୁତରାଂ ସାଙ୍ଗସାଥୀ ଗହଣରେ ଏ ବର୍ଷର ରଙ୍ଗଖେଳ କିପରି ନିରାପଦ ହୋଇପାରିବ, ସେ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପରାମର୍ଶ ବିଷୟରେ ଜାଣିବା।

ପ୍ରଥମ ପଦକ୍ଷେପ ସ୍ୱରୂପ, ଯାବତୀୟ ରାସାୟନିକ ରଙ୍ଗକୁ ଦୂରେଇ ଦେଇ ବିଭିନ୍ନ ପ୍ରକାର ଫୁଲ, ପରିବା ବା ଗୁଳ୍ମରୁ ପ୍ରସ୍ତୁତ ପ୍ରାକୃତିକ ରଙ୍ଗର ଗୁଣ୍ଡକୁ ଗ୍ରହଣ କରିବା ଉଚିତ। ଆଖିକୁ ଆକର୍ଷଣୀୟ ଦିଶୁଥିବା ବଜାରରେ ଉପଲବ୍ଧ ଶସ୍ତା ରଙ୍ଗଗୁଡ଼ିକରେ ବିଷାକ୍ତ





ରାସାୟନିକ, ସୀସା, କ୍ରୋମିଅମ୍ ଓ ପାରଦ ପରି କ୍ଷତିକାରକ ଭାରୀ ଧାତୁର ଅଣୁ ରହିଛି ଯାହା ଚର୍ମ ସଂସ୍ପର୍ଶରେ ଆସିଲେ ଫଳିଯିବା ପରି ବିକାର ସୃଷ୍ଟି ହୋଇଥାଏ ଏବଂ ଆଖିକୁ ବହୁତ କ୍ଷତି ପହଞ୍ଚାଇଥାଏ। ଅତର୍କିତ ପିଚକାରି ମାଡ଼ ବା ରଙ୍ଗବୋଳାରୁ ଅତି ସମ୍ବେଦନଶୀଳ ପ୍ରତ୍ୟଙ୍ଗ ଆଖିକୁ ସୁରକ୍ଷା ଦେବା ଲାଗି ଚଷମା ବ୍ୟବହାର କରିବା ଅପରିହାର୍ଯ୍ୟ। ଆଉ ଏକ ବିଶେଷ କଥା ହେଲା, ହୋଲି ଖେଳ ବେଳେ ଶୁଖିଲା ରଙ୍ଗଗୁଣ୍ଡ ସବୁ ପବନରେ ଭାସି ବୁଲୁଥା'ନ୍ତି। ତାହା ଆମ ପ୍ରଶ୍ୱାସ ଦ୍ୱାରା ଫୁସ୍‌ଫୁସ୍‌ରେ ପହଞ୍ଚି ନାନା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ହୋଲି ଖେଳ ପୂର୍ବରୁ ରଙ୍ଗକୁ ଟିକେ ଓଦା କରିଦେବା ଉଚିତ ଯଦ୍ୱାରା ତାହା ଆଉ ପବନରେ ଭାସମାନ ହୋଇ ରହିବ ନାହିଁ। ରଙ୍ଗରେ ମିଶିଥିବା ବିଭିନ୍ନ ବିଷାକ୍ତ ପଦାର୍ଥ ଚର୍ମରେ ଶୋଷି ହୋଇ ଶରୀରରେ ରାସାୟନିକ ବିଷକ୍ରିୟା ସୃଷ୍ଟି କରିପାରେ। ବିଷକ୍ରିୟା ହେଲେ ବାନ୍ତି ମାଡ଼ିବା, ତଳିପେଟରେ ଯନ୍ତ୍ରଣା ହେବା ସହ ସ୍ଥଳବିଶେଷରେ ଅନ୍ତନଳୀ କ୍ଷତିଗ୍ରସ୍ତ ହୋଇଥାଏ। ତେଣୁ କୌଣସି ରଙ୍ଗ ବ୍ୟବହାର ପୂର୍ବରୁ ପ୍ୟାକେଟ୍‌ରେ ଦର୍ଶାଯାଇଥିବା ତାହାର ବିଭିନ୍ନ ଉପାଦାନଗୁଡ଼ିକୁ ଲକ୍ଷ୍ୟ କରି କେବଳ ଜୈବିକ ରଙ୍ଗରେ ହୋଲି ଖେଳିବା ଉଚିତ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆଦର୍ଶ ଆଚରଣ...

କଥାରେ ଅଛି- ବହିଯିବା ପାଣି ଓ କହିଦେବା କଥାକୁ ଲେଉଟାଇ ହୁଏ ନାହିଁ । ସେଥିପାଇଁ କୌଣସି କଥା କହିବା ପୂର୍ବରୁ ବିଜ୍ଞ ଲୋକମାନେ ତା' ଉପରେ ଭଲ ଭାବରେ ଚିନ୍ତା କରିଥାନ୍ତି । ଅର୍ଥାତ୍ କୌଣସି ଶବ୍ଦ ବା ସେହି ଧାରାରେ ଅପଶବ୍ଦ ଉଚ୍ଚାରଣ କରିବା ପୂର୍ବରୁ ଜଣେ ଭଲ ଭାବରେ ତାହା ଭାବିଚିନ୍ତି କରିବା ଉଚିତ, କାରଣ ଶବ୍ଦର ଶକ୍ତିଶାଳୀ ପ୍ରଭାବ ରହିଛି ମନୁଷ୍ୟମାନଙ୍କ ଉପରେ। ସେହିପରି ନିଜର ଆଚରଣ ବା କର୍ମରେ ମଧ୍ୟ ସୁଧାର ଆଣିବାର ଆବଶ୍ୟକତା ରହିଛି, ଯେହେତୁ ଏହା ସମାଜ ସମ୍ମୁଖରେ ବ୍ୟକ୍ତି ବା ରାଜନୀତିକ ଦଳର ଚରିତ୍ରକୁ ପ୍ରଦର୍ଶିତ କରିଥାଏ। ଆଉ ଏସବୁରେ କିପରି ବିଚ୍ୟୁତି ନ ଘଟିବ, ତାକୁ ଦୃଷ୍ଟିରେ ରଖି ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ନିର୍ବାଚନର କାର୍ଯ୍ୟସୂଚୀ ଘୋଷଣା କରିବା ସହିତ ଆଦର୍ଶ ଆଚରଣ ବିଧି (ଏମ୍‌ସିସି) ଲାଗୁ କରିଛନ୍ତି। ନିର୍ବାଚନ ସମୟରେ କିପରି ଉଭୟ ରାଜନୀତିକ ଦଳ ଏବଂ ମତଦାତାମାନଙ୍କ ନିମନ୍ତେ ଏକ ସମାନ ସ୍ତରର ମଇଦାନ ସୃଷ୍ଟି କରାଯାଇ ପାରିବ, ସେଥିପାଇଁ ଇସିଆଇ ଏହି ଉଦ୍ୟମ କରିଥାନ୍ତି। ଏହା ସମସ୍ତେ ଜାଣନ୍ତି ଯେ ମତଦାତା ବା ଭୋଟରମାନେ ହେଉଛନ୍ତି ସମଗ୍ର ନିର୍ବାଚନ ପ୍ରକ୍ରିୟାରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଅଭିନେତା ଏବଂ ଉପରୋକ୍ତ ଏମ୍‌ସିସି ଲାଗୁ କରାଯିବା ଦ୍ୱାରା ସେମାନଙ୍କୁ ଏକ ସୁଯୋଗ ମିଳିଥାଏ ଏକ ଉତ୍ତମ ରୂପେ ସୂଚୀତ ନିଷ୍ପତ୍ତି ଗ୍ରହଣ କରିବାକୁ ଯେ ପରବର୍ତ୍ତୀ ପାଞ୍ଚ ବର୍ଷରେ କିଏ ନୀତିଗୁଡ଼ିକ ସ୍ଥିର କରିବେ। ଏମ୍‌ସିର ପ୍ରଥମ ଅଂଶ ଉଲ୍ଲେଖ କରେ, 'କୌଣସି ଦଳ ବା ପ୍ରାର୍ଥୀ ଏପରି କୌଣସି ପ୍ରକାରର କାର୍ଯ୍ୟକଳାପକୁ ନିଜର କାର୍ଯ୍ୟଧାରା ମଧ୍ୟରେ ସାମିଲ କରିବେ ନାହିଁ, ଯାହା ଧର୍ମ ହେଉ ବା ଭାଷା ଆଧାରରେ ବିଭିନ୍ନ ଜାତି ଓ ସମ୍ପ୍ରଦାୟ ମଧ୍ୟରେ ରହିଥିବା ମତ ପାର୍ଥକ୍ୟକୁ ବୃଦ୍ଧି କରୁଥବ କିମ୍ବା ପାରସ୍ପରିକ ଘୃଣା ଓ ଉତ୍ତେଜନାର କାରଣ ପାଲଟି ବା ଭଳି ପରିସ୍ଥିତି ସୃଷ୍ଟି କରୁଥିବ।' ଏହା ମଧ ଆହୁରି ଉଲ୍ଲେଖ କରିଛି ଯେ ଅନ୍ୟାନ୍ୟ ଦଳମାନଙ୍କର ଯେତେବେଳେ ସମାଲୋଚନା କରାଯିବ, ସେହି ସମାଲୋଚନା ସେମାନଙ୍କର ନୀତି ନିୟମ ଏବଂ କାର୍ଯ୍ୟକ୍ରମ, ଅତୀତର କାର୍ଯ୍ୟ ପଦ୍ଧତି ଏବଂ କାର୍ଯ୍ୟ ଭିତରେ ସୀମିତ ରହିବ। ଅତୀତରେ ଏଭଳି ଅନେକଗୁଡ଼ିଏ ଉଦାହରଣ ରହିଛି, ଯେତେବେଳେ କି ନିର୍ବାଚନ କମିଶନ ପ୍ରାୟ ଦୈନନ୍ଦିନ ଆଧାରରେ ଦଳ ଏବଂ ପ୍ରାର୍ଥୀମାନଙ୍କୁ ଉପରୋକ୍ତ ନିୟମଗୁଡ଼ିକର ଉଲ୍ଲଙ୍ଘନ ନିମନ୍ତେ ଚେତାବନୀ ବା ଭର୍ତ୍ସନା ଜାରି କରିଛନ୍ତି । ତଥାପି ଆଗାମୀ ସମୟର ନିର୍ବାଚନ ପୂର୍ବରୁ ଘରେ ନ ପଶୁଣୁ ମୁଣ୍ଡରେ ଚାଳ ବାଜିଲାଣି, ଅର୍ଥାତ୍ ଉପରୋକ୍ତ କାର୍ଯ୍ୟର ପୁନରାବୃତ୍ତି ଘଟିଲାଣି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଶକ୍ତିକୁ ଧ୍ୱଂସ କରିବା' ମନ୍ତବ୍ୟ ଉପରେ ଚପେଟାଘାତ କରିଛନ୍ତି। ଶ୍ରୀଯୁକ୍ତ ଗାନ୍ଧୀ ସ୍ପଷ୍ଟ କରିଛନ୍ତି ଯେ ସେ ଏହା କହି କେନ୍ଦ୍ର ସରକାରଙ୍କ ଦ୍ୱାରା କ୍ଷମତାର ଅପବ୍ୟବହାର କରାଯାଉଥିବାକୁ ଦର୍ଶାଇ ଥିଲେ, ଯାହାକି ସବୁ ବିରୋଧୀ ଦଳ ବେଶ୍ କିଛି ମାସ ହେବ କରି ଆସୁଛନ୍ତି । ପରନ୍ତୁ, ଦଳମାନେ ପ୍ରାୟତଃ ଭାବିଥାନ୍ତି ଯେ ଏକ ବ୍ୟକ୍ତିଗତ ସ୍ୱଭାବର ଅଭିଯୋଗଗୁଡ଼ିକୁ କିଛି ଲୋକ ଗ୍ରହଣ କରିଥାନ୍ତି । ଚରିତ୍ର ସଂହାର ସାମ୍ପ୍ରତିକ ସମୟର ନିର୍ବାଚନୀ ସମରଗୁଡ଼ିକରେ ଏକ ପସନ୍ଦଯୋଗ୍ୟ ଅସ୍ତ୍ର ପାଲଟି ଯାଇଛି । ସେହିପରି ବିରୋଧୀମାନଙ୍କ ଉପରେ ଶାଣିତ ଆକ୍ରମଣ କରିବା ପାଇଁ ମିଥ୍ୟା ବା ଜାଲ ଆଖ୍ୟାନମାନ ବଖାଣ କରାଯାଉଛି। ଆଉ ଏହାର ପ୍ରତ୍ୟୁତ୍ତର ଦେବା ପାଇଁ ଆରୋପିତ ବ୍ୟକ୍ତି ଉଦ୍ୟମ କରିବା ବେଳେ ଅନେକ ମୂଲ୍ୟବାନ ସମୟ ନଷ୍ଟ ହୋଇଥାଏ। ଏଇ ପ୍ରସଙ୍ଗରେ ମାର୍କ ଟ୍ରେନ୍‌ଙ୍କ କଥାକୁ ଉଦ୍ଧାର କରାଯାଇପାରେ- 'ଗୋଟିଏ ମିଛ ଯେତେବେଳେ ଧାର୍ଯ୍ୟ ଲକ୍ଷ୍ୟ ସ୍ଥଳର ଅଧା ପଥ ଅତିକ୍ରମ କରି ସାରିଥାଏ, ସତ ସେତେବେଳକୁ ଯୋତାର ଫିତା ବାନ୍ଧୁଥାଏ।' ତେବେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଶକ୍ତିଶାଳୀ ହୋଇଥିବା ସାମାଜିକ ଗଣମାଧ୍ୟମ ଆଜିକା ସମୟରେ ଏ କ୍ଷେତ୍ରରେ କେତେକାଂଶରେ ଅସନ୍ତୁଳନକୁ ସଂଶୋଧନ କରି ପାରୁଛି । ଫଳରେ ଠିକ୍ ସମୟରେ ଆକ୍ଷେପର ଶିକାର ବ୍ୟକ୍ତିଙ୍କ ସପକ୍ଷରେ ସତ୍ୟର ଉପସ୍ଥାପନ ତାଙ୍କ ପାଇଁ ଏକ ସହାନୁଭୂତିର ଢେଉ ସୃଷ୍ଟି କରିବାରେ ସକ୍ଷମ ହୋଇପାରେ । ପରନ୍ତୁ, ଏସବୁର ଊର୍ଦ୍ଧ୍ୱରେ ଦଳମାନେ ପରସ୍ପରର ନୀତି ଏବଂ କାର୍ଯ୍ୟସୂଚୀ ଉପରେ ଧାନ କେନ୍ଦ୍ରିତ କରିବା ଏକ ଉତ୍ତମ ଉପାୟ ହେବ। ଅତୀତରେ ଭୋଟ୍ ହାସଲ କରିବା ପାଇଁ ଜାତିଆଣ ଓ ଧର୍ମଭିତ୍ତିକ ଆକ୍ଷେପ କାରଣରୁ କେତେକ ନିର୍ବାଚନକୁ ଅସିଦ୍ଧ ମଧ ଘୋଷଣା କରାଯାଇଛି । ନିର୍ବାଚନ ଆଚରଣ ସଂହିତା ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛି ଯେ କୌଣସି ଧାର୍ମିକ ଉପାସନା ପୀଠକୁ ନିର୍ବାଚନ ପ୍ରଚାର ମଞ୍ଚ ଭାବରେ ବ୍ୟବହାର କରାଯିବା ଉଚିତ ନୁହେଁ। ବିବିଧତାଭରା ଭାରତବର୍ଷରେ ଧର୍ମ ଓ ଜାତି ଆଧାରରେ ଭୋଟ୍ ଭିକ୍ଷା କରିବା ନିର୍ବାଚନୀ ପ୍ରକ୍ରିୟାର ସେହି ଆଧାରକୁ ଦୁର୍ବଳ କରିବ, ଯାହା ଉପରେ ଦେଶ ପ୍ରତିଷ୍ଠିତ । ଗୋଟିଏ ପକ୍ଷରେ ଉଭୟ ଆଇନ ଓ ଆଚରଣ ବିଧିର ଉଲ୍ଲଙ୍ଘନ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ନିର୍ବାଚନ କମିଶନ ତତ୍ପରତା ପ୍ରକାଶ କରିବା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଅପର ପକ୍ଷରେ ପ୍ରତ୍ୟେକ ଦଳ ଏବଂ ପ୍ରାର୍ଥୀଙ୍କ ଗତିବିଧି ଉପରେ ନଜର ରଖିବା ନିମନ୍ତେ କ୍ୱଚିତ୍ ପର୍ଯ୍ୟାପ୍ତ ସଂଖ୍ୟକ କର୍ତ୍ତୃପକ୍ଷ ରହିଛନ୍ତି । ତେଣୁ ରାଜନୀତିକ ଦଳ ଓ ସେମାନଙ୍କର ନେତାମାନେ ଦେଶର ଭୋଟରମାନଙ୍କୁ ଗଣତାନ୍ତ୍ରିକ ମନୋଭାବ ନେଇ କି ପରି ନିର୍ବାଚନ ପ୍ରଚାର କରାଯାଇପାରେ, ତାହା ଦେଖାଇ ଦେବା ଉଚିତ।



# ଗଣତନ୍ତ୍ରରେ ବଂଶବାଦ : ଭାରତୀୟ ମତଦାତାଙ୍କ ହାତରେ ଚାବୁକ

ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ମୁଣ୍ଡ ଉପରେ ନିର୍ବାଚନର ଗରମ। ଛକମୁଣ୍ଡ ପାନ ଦୋକାନରୁ ଡ୍ରିଙ୍କିଶାଳରୁ ଢେଙ୍କାନାଳ ଯାଏ ସବୁଠି ନିର୍ବାଚନକୁ ନେଇ ଚର୍ଚ୍ଚା ଆଉ ଅନେକ ଗୁଡ଼ି ଉଡା। ରାଜନୀତିରେ ପରିବାରବାଦକୁ ନେଇ କିଛି ଦିନ ତଳେ ଆରଜେଡ଼ି ନେତା ଲାଲୁ ପ୍ରସାଦ ଯାଦବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କର ପରିବାର ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ। ଆଉ ରାଜନୀତିରେ ପ୍ରତିପକ୍ଷଙ୍କ ଶବ୍ଦକୁ ନେଇ କିପରି ଏହାକୁ ଜନତାଭିମୁଖୀ କରିହେବ ସେ କୌଶଳ ବେଶ ଜଣା। ତେବେ ରାଜନୀତିରେ ପରିବାରବାଦ, ବଂଶବାଦ ଆଉ ରାଜତନ୍ତ୍ର ଯୋଡ଼ାଯୋଡ଼ି ଶବ୍ଦ କହିଲେ ଅତ୍ୟୁକ୍ତି ହେବନାହିଁ। ଏହା ପରସ୍ପରର ପ୍ରତିରୂପ କିନ୍ତୁ ଗଣତନ୍ତ୍ର ସହ ପରିବାର ବାଦର ଦୂର ଯୋଜନା ପର୍ଯ୍ୟନ୍ତ ବିନ୍ଦୁଏ ସମ୍ପର୍କ ନଥାଏ। ସମସ୍ତଙ୍କ ପାଇଁ ସମାନ ଅଧିକାର, ସମାନ ସୁଯୋଗର ପବିତ୍ର ନାମଯପ କରୁଥିବା ଗଣତନ୍ତ୍ର ଓ ଜନ୍ମଗତ ସମ୍ପର୍କ ଆଧାରରେ ଉତ୍ତରାଧିକାରୀ ସୂତ୍ରେ ସୁଯୋଗ ଓ ଅଧିକାରର ପୃଷ୍ଠପୋଷକତା କରୁଥିବା ବଂଶବାଦ ପରସ୍ପରର ପରିପନ୍ଥୀ। ଭାରତୀୟ ଗଣତନ୍ତ୍ର ପରିବାରବାଦକୁ ଉଦାର ପୃଷ୍ଠପୋଷକତା ଦେଇ ଆସିଛି। ଏହି ନିଷ୍ଠୁର ବାସ୍ତବତା ପଛରେ ବିଡ଼ମ୍ବନା ବେଶ ଜଳ ଜଳ। ଏହା ନିଃସନ୍ଦେହ ଭାରତରେ ଗଣତନ୍ତ୍ର ଯେତିକି ଆଗକୁ ବଢୁଛି ଆଉ ପୁରୁଣା ହୋଇଚାଲୁଛି ରାଜନୈତିକ ବ୍ୟବସ୍ଥାରେ ପରିବାରବାଦର ମୋଟା ଚଉଡା ଚେରଟି ତଳକୁ ତଳ ବେଶ ଲମ୍ବି ଚାଲିଛି। ଚଳିତ ଲୋକସଭାର ତିନି ଭାଗରୁ ଭାଗେ ସାଂସଦଙ୍କର ପାରିବାରିକ ପୃଷ୍ଠଭୂମି ରହିଛି। ପାରିବାରିକ ପୃଷ୍ଠଭୂମିର ବିଶ୍ଳେଷଣ କରି ଅଶୋକ ବିଶ୍ୱବିଦ୍ୟାଳୟର ତ୍ରିବେଦୀ ସେଣ୍ଟର ଫର ପଲଟିକାଲ ଡାଟା ପକ୍ଷରୁ ପ୍ରସ୍ତୁତ ହୋଇଥିବା ରିପୋର୍ଟର ତଥ୍ୟ ଅନୁଯାୟୀ ଭାରତୀୟ ଗଣତନ୍ତ୍ରର ଶୀତୁଆ ଆଉ ସୁରକ୍ଷିତ ଛାଇରେ କାୟା ବିସ୍ତାର କରି ଚାଲିଥିବା ପରିବାରବାଦର ହିତାଧିକାରୀ ସାଂସଦଙ୍କ ସଂଖ୍ୟା ଢେର ବଢୁଛି। ଗତଥର ଯାହା ପଚିଶ ଭାଗ ରହିଥିଲା ଚଳିତ ଥର କୌଣସି ରାଜନୈତିକ ପରିବାରର ଉତ୍ତରାଧିକାରୀ ଭାବେ ସଂସଦକୁ ପ୍ରବେଶର ସୁଯୋଗ ପାଇଥିବା ଭାଗ ତିରିଶକୁ ବଢ଼ିଛି। କୌତୁହଳପୂର୍ଣ୍ଣ ବିଡ଼ମ୍ବନାହେଲା ଭାରତରେ ଗଣତନ୍ତ୍ର ପ୍ରତିଷ୍ଠା କରିଥିବା କଂଗ୍ରେସ ବଂଶବାଦ ଦ୍ୱାରା ସବୁଠାରୁ ଅଧିକ କବଳିତ। ଚଳିତ ଲୋକସଭାକୁ ନିର୍ବାଚିତ ସର୍ବପୁରାତନ ଦଳର ସାଂସଦଙ୍କ ମଧ୍ୟରୁ ପାଖାପାଖି ଅଧା କଂଗ୍ରେସରେ କୋଳି ଖାଇ ମଞ୍ଜି ପୋତିଥିବା ପରିବାର ଗୁଡ଼ିକର ଦ୍ୱିତୀୟ, ତୃତୀୟ, ଏପରିକି ଚତୁର୍ଥ, ପଞ୍ଚମ ପିଢ଼ିର ସଦସ୍ୟ। କଂଗ୍ରେସର ନବ ନିର୍ବାଚିତ ସାଂସଦଙ୍କ ମଧ୍ୟରେ ୪୪% ବଂଶବାଦର ଧ୍ୱଜାଧାରୀ। ଏହା ଆଦୌ ଅପ୍ରତ୍ୟାଶିତ ନୁହେଁ। କଂଗ୍ରେସ ରାଜନୀତିରେ ବଂଶବାଦର ଧାରା ଚାଲି ଆସୁଥିବାରୁ କ୍ୱଚିତ ଏହା କାହାକୁ ବିସ୍ମିତ କରିଥିବ। କିନ୍ତୁ ପରିବାରବାଦରେ ପୃଷ୍ଠପୋଷକ ଭାବେ କଂଗ୍ରେସ ଆଡ଼କୁ ଅଙ୍ଗୁଳି ଦେଖାଇ ନେହେରୁ ଗାନ୍ଧୀ ପରିବାର ସର୍ବଦା ତୀବ୍ର ଭର୍ତ୍ସନା କରି ଆସୁଥିବା ବିଜେପି ମଧ ବଂଶବାଦ ପ୍ରସଙ୍ଗରେ ତୁଳସୀପତ୍ର ନୁହେଁ। ନିଜକୁ ଅନ୍ୟ ଠାରୁ ଭିନ୍ନ ଦାବି କରୁଥିବା ଗୈରିକ ଦଳର ନବ ନିର୍ବାଚିତ ସାଂସଦଙ୍କ ମଧ୍ୟରୁ ଚଉଠେ ପରିବାରବାଦର ହିତାଧିକାରୀ। ବିଦାୟୀ ଲୋକସଭା ୨୮୨ ସାଂସଦଙ୍କ ମଧ୍ୟରୁ ପ୍ରାୟ ୧୦୦ ଜଣଙ୍କୁ ଟିକେଟ ନ ଦେବା ସତ୍ତ୍ୱେ ବିଜେପି ସାଂସଦ ତାଲିକାରେ ଏତେ ସଂଖ୍ୟାରେ ବଂଶବାଦର ହିତାଧିକାରୀ ରହିବା ନିଶ୍ଚୟ ବିସ୍ମୟକର ଓ ଦୋମୁହାଁ ନୀତିର ପରିଚାୟକ। ଏହା ସ୍ପଷ୍ଟ ସୂଚାଉଛି ଯେ ବଂଶବାଦ ରାସ୍ତାରେ ହିନ୍ଦୁତ୍ୱ ଦଳ କଂଗ୍ରେସ ଠାରୁ ବିଶେଷ ପଛରେ ନାହିଁ।

ଗଣତନ୍ତ୍ରରେ ବଂଶବାଦ ପ୍ରସଙ୍ଗରେ ଭାରତ ପରିପ୍ରେକ୍ଷୀରେ ଆଉ ଏକ ବିଷୟ ମଧ ବିଶେଷ ଉଲ୍ଲେଖର ଅପେକ୍ଷା ରଖୁଛି। ବଂଶବାଦକୁ ଭାରତୀୟ ମତଦାତା ପ୍ରଗହଣ କରି ନେଇଛନ୍ତି। ଅନ୍ୟଥା ପାରିବାରିକ ସମ୍ପର୍କକୁ ପୁଞ୍ଜି କରି ଏତେ ସଂଖ୍ୟାରେ ଜନ ପ୍ରତିନିଧିଙ୍କୁ ଜନତା ନିର୍ବାଚିତ କରନ୍ତେନାହିଁ। ଏମିତି ନୁହେଁ ଯେ, ଗୋଟିଏ ଜଣାଶୁଣା ରାଜନୈତିକ ପରିବାରର ନାମ ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇ ଥିବା ବଂଶବାଦର ହିତାଧିକାରୀ ପ୍ରାର୍ଥୀଙ୍କ ନିର୍ବାଚନରେ ବିଜୟ ସମ୍ଭାବନା ଅଧିକ। ଏକାଧିକ ଗବେଷଣା ଓ ସ୍ୱାଧୀନ ଅନୁଧ୍ୟାନରୁ ଏହି ନିର୍ଯାସ ବାହାରିଛି। ନୂଆ ଲୋକସଭାରେ ନବାଗତ ସାଂସଦଙ୍କ ମଧ୍ୟରେ ଏକ ଚତୁର୍ଥାଂଶ ଏହି ବର୍ଗର। ଯାହା ବଂଶ ପରିଚୟ ଯେ ରାଜନୀତିରେ ଏକ ବଡ଼ ପୁଞ୍ଜି ନିର୍ବାଚନରେ ଏକ ବନ ଯୋଗ୍ୟତା ତାର ପ୍ରମାଣ। ଯେହେତୁ, ବଂଶ ପରିଚୟ ଜଣେ ପ୍ରାର୍ଥୀଙ୍କ ସପକ୍ଷରେ ଜନମତକୁ ଢ଼ଳେଇବାରେ ଯଥେଷ୍ଟ ସହାୟକ ହେଉଛି ରାଜନୈତିକ ଦଳମାନେ ମଧ ବଂଶ ପରିଚୟକୁ ପ୍ରାର୍ଥୀତ୍ୱ ପାଇଁ ଏକ ବିଶେଷ ଯୋଗ୍ୟତା ଭାବେ ବିଚାର କରିବାକୁ ବାଧ୍ୟ ହେଉଛନ୍ତି। ପ୍ରାର୍ଥୀ ଚୟନରେ ବଂଶଗତ ପରିଚୟକୁ ଗୁରୁତ୍ୱ ସ୍ୱତଃ ପାତରଅନ୍ତରକୁ ପ୍ରୋତ୍ସାହିତ କରୁଛି ଯାହାର ଶିକାର ବହୁ ଅନ୍ୟଥା ଯୋଗ୍ୟ ପ୍ରାର୍ଥୀ ହେଉଛନ୍ତି।

କେବଳ ଗତ କିମ୍ବା ଚଳିତ ଲୋକସଭାରେ ନୁହେଁ ପ୍ରତି ରାଜ୍ୟର ବିଧାନସଭା, ଏପରିକି ତୃଣମୂଳ ସ୍ତରରେ ନିର୍ବାଚିତ ପୌରସଂସ୍ଥା ଓ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ମଧ ପରିବାରବାଦର ପତାକା ଧରିଥିବା ଜନପ୍ରତିନିଧିଙ୍କ ସଂଖ୍ୟା କିଛି କମ ନୁହେଁ। ଗଣତାନ୍ତ୍ରିକ ଅନୁଷ୍ଠାନ କଣ ପାରିବାରିକ ସମ୍ପତ୍ତି ? ରାଜନୀତି କ'ଣ ଏକ କୌଳିକ ବୃତ୍ତି ? ଭାରତର ନିର୍ବାଚିତ ଗଣତାନ୍ତ୍ରିକ ଅନୁଷ୍ଠାନ ଗୁଡ଼ିକର ଚିତ୍ର ଓ ରାଜନୀତିର ଚରିତ୍ର ଦେଖିଲେ ଉପରୋକ୍ତ ପ୍ରଶ୍ନର ଉତ୍ତର ହଁ ରେ ମିଳିପାରେ। ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ରାଜନୈତିକ ସଂସ୍କୃତିରେ ବଂଶବାଦ କ୍ଷୀର ନୀର ଭଳି ମିଶିଯାଇଛି। ସର୍ବପୁରାତନ ଦଳ କଂଗ୍ରେସକୁ ବଂଶବାଦ ମୁଖ୍ୟ ପୃଷ୍ଠ ପୋଷକ ଭାବେ ସର୍ବଦା କାଠଗଡ଼ାରେ ଠିଆ କରାଯାଇଥାଏ। କିନ୍ତୁ ବାସ୍ତବତା ହେଲା ଦେଶର ଅଧିକାଂଶ ଆଞ୍ଚଳିକ ଦଳ ଆଜି ଗୋଟିଏ ଗୋଟିଏ ପାରିବାରିକ ଉଦ୍ୟୋଗ। ସମାଜବାଦୀ ପାର୍ଟିରେ ଅଖିଳେଶ, ଡିଏମ୍‌କେରେ ଏମ.କେ. ଷ୍ଟାଲିନ ଆଜି ଉତ୍ତରାଧିକାରୀ ସୂତ୍ରରେ ଦଳର ମୁଖ୍ୟ। କର୍ଣ୍ଣାଟକର ଜେଡ଼ି ଓ ବିହାରରେ ଆରଜେଡ଼ି ସମ୍ପୂର୍ଣ୍ଣ ଭାବେ ଯଥାକ୍ରମେ ଏଚଡ଼ି ଦେବେଗୌଡ଼ା ଓ ଲାଲୁ ଯାଦବଙ୍କ ପାରିବାରିକ ସମ୍ପତ୍ତି। ଓଡ଼ିଶାରେ ମଧ ପରିବାରବାଦର ଯେତିକି ଲମ୍ବା ଲେଖିଲେ ବି କଳେବର ନିଅଣ୍ଟ ପଡ଼ିଯିବ। କେବଳ ମୁଖ୍ୟମନ୍ତ୍ରୀ ପରିବାରର ତାଲିକା ଭିତରେ ଅନେକ ଦଳର ରହିଛନ୍ତି। କଂଗ୍ରେସ ଭଳି ବିଜେପିର ତୁଙ୍ଗ ନେତୃତ୍ୱ ସ୍ତରରେ ବଂଶବାଦ ନାହିଁ କିନ୍ତୁ ମଧ ଓ ତଳ ସ୍ତରରେ ବିଜେପି ମଧ ପରିବାରବାଦରୁ ମୁକ୍ତ ନୁହେଁ। ବିଶ୍ୱ ରାଜନୀତିକୁ ଦେଖିଲେ ବଂଶବାଦର ପୃଷ୍ଠପୋଷକତା ଓ ପ୍ରୋତ୍ସାହନ କ୍ଷେତ୍ରରେ ଭାରତର ପଡ଼ୋଶୀ ରାଷ୍ଟ୍ରର ପାକିସ୍ତାନ, ଶ୍ରୀଲଙ୍କା, ବାଙ୍ଗଲାଦେଶ ସମେତ ଅନ୍ୟ କିଛି ରାଷ୍ଟ୍ର ମଧ ବଂଶବାଦର ପ୍ରଭାବିତ। ସାମ୍ୟବାଦୀ ଚୀନ ଓ ସମାଜବାଦୀ କ୍ୟୁବା ମଧ ବଂଶବାଦରୁ ବ୍ୟତିକ୍ରମ ହୋଇପାରିନାହିଁ। ଆଉ କମ୍ୟୁନିଷ୍ଟ ରାଜତନ୍ତ୍ର ବସ୍ତୁତଃ ଉତ୍ତରକୋରିଆ ସମ୍ପୂର୍ଣ୍ଣ ବଂଶବାଦ। ତେବେ ଗଣତନ୍ତ୍ରର ପରିଚାଳନା ଓ ବିଧି ବ୍ୟବସ୍ଥାରେ ବଂଶବାଦର ପ୍ରଭାବ କେବେ ବି ସକରାତ୍ମକ ହୋଇନଥାଏ। ଗଣତନ୍ତ୍ରର ଗୁଣାତ୍ମକ ମାନର ଯେଉଁ ଆଘାତ ସୃଷ୍ଟି ହୋଇଥାଏ। ଏହା ଭିତରେ ଭିନ୍ନ ରୂପରେ ରହିଥିବା ବହୁରୂପୀମାନେ ଗଣତନ୍ତ୍ରର ଜମିଦାର ମୂଳକର ସାମନ୍ତ ଚରିତ୍ର ପରି। ଗଣତନ୍ତ୍ରର ଶ୍ରେଷ୍ଠ ଗୁଣଟି ହେଉଛି ଏହା କତିପୟଙ୍କ ହାତରେ ନରହି କ୍ଷମତାର ବିକେନ୍ଦ୍ରିକରଣ ହେଉ। ଲୋକମାନଙ୍କ ନିକଟରେ ପ୍ରଶାସନ ପହଞ୍ଚୁ ଗଣତନ୍ତ୍ରର ଅବକ୍ଷୟ ଘଟିଲେ ପରିବାରବାଦ ଭାରତୀୟ ଗଣତନ୍ତ୍ର ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଭାରତୀୟ ମତଦାତାଙ୍କ ପାଖରେ ସେହି ସାମୁହିକ କ୍ଷମତା ଅଛି ଏହା ଉପରେ ଲଗାମ ଲଗାଇବା ପାଇଁ।


ବିଭବ, ଆଚାର୍ଯ୍ୟ କଲୋନୀ,
ବାଲିଗୁଡ଼ା, କନ୍ଧମାଳ,
ମୋ: ୯୪୩୭୨୪୨୩୧୭




# ପରୀକ୍ଷା ସରିଲା, ପିଲାଙ୍କ ପାଇଁ ଗ୍ରୀଷ୍ମ ଛୁଟି

ଯଶସ୍ୱିନୀ ପଟ୍ଟନାୟକ

ପିଲାମାନଙ୍କ ପରୀକ୍ଷା ପ୍ରାୟ ମାର୍ଚ୍ଚ ଶେଷ ବେଳକୁ ସରିଯିବ। ତେବେ ବିଶେଷକରି ଛୋଟ ପିଲାଙ୍କର ପରୀକ୍ଷାଫଳ ବାହାରିବା ପର୍ଯ୍ୟନ୍ତ ପ୍ରାୟତଃ ସ୍କୁଲ ଛୁଟି ରହିଥାଏ। ଏହି ସମୟରେ ପିଲାମାନଙ୍କୁ ସମ୍ଭାଳିବା ସହ ସେମାନଙ୍କୁ ଏହି ସମୟତକ କିପରି ଦିଗଦର୍ଶନ ଦେବେ ଏହା ଆଜିର ସମୟ ପାଇଁ ଏକ ଛୋଟିଆ କଥା ନୁହେଁ। ତେବେ ପିଲାମାନଙ୍କୁ କିଛି ଉତ୍ତମ ରୁଟିନର କାର୍ଯ୍ୟ ନିର୍ଘଣ୍ଟ ତିଆରି କଲେ ଏହା ଖୁବ ଫଳପ୍ରଦ ହେବ। ସେହିପରି ଛୁଟି ଆରମ୍ଭ ହେବା ପୂର୍ବରୁ ଏକ ଯୋଜନା ପ୍ରସ୍ତୁତ କରିନେବା ଉଚିତ। ଆପଣ ଏହି ଛୁଟିରେ ପିଲାକୁ କଣ ଶିଖାଇବାକୁ ଚାହୁଁଛନ୍ତି ଏବଂ କୁଆଡ଼େ ବୁଲାଇ ନେବେ ତାହା ସ୍ଥିର କରିନିଅନ୍ତୁ । ଯୋଜନା ପ୍ରସ୍ତୁତି ବେଳେ ପିଲାର ମନକୁ ଗୁରୁତ୍ୱ ଦିଅନ୍ତୁ । ଏହା ଯେପରି ତାକୁ ଅଧିକ କ୍ଲାନ୍ତ ଏବଂ ଭାରାକ୍ରାନ୍ତ ନକରେ ସେଥିପ୍ରତି ଧ୍ୟାନ ଦିଅନ୍ତୁ । କାରଣ ଛୁଟିକୁ ମଉଜ ମଜଲିସରେ କଟାଇବା ପାଇଁ ପ୍ରତ୍ୟେକ ପିଲା ଚାହାଁନ୍ତି । ପିଲାଟିକୁ ଭିତରେ ରହିଥିବା ନିଜର ଅନ୍ତର୍ନିହିତ ପ୍ରତିଭା ଓ ସୃଜନ ଦକ୍ଷତାକୁ ପସନ୍ଦ ଅନୁସାରେ ବିକଶିତ କରିବାକୁ ପ୍ରୋତ୍ସାହନ ଦିଅନ୍ତୁ।

ସାଧାରଣତଃ ଅଭିଭାବକ ମାନେ ଛୁଟିରେ ପିଲାକୁ ବାହାରକୁ ବୁଲାଇ ନିଅନ୍ତୁ । ତେବେ ପିଲା ଯେପରି ମନ ପସନ୍ଦର ସ୍ଥାନକୁ ଯାଇ ଛୁଟିର ଆନନ୍ଦ ନେଇ ପାରିବ ସେଥିପ୍ରତି ଧାନ ଦିଅନ୍ତୁ । ପିଲାକୁ ସଂଗ୍ରହାଳୟ, ପାଠାଗାର, ଚିଡ଼ିଆଖାନା, ପାର୍କ କିମ୍ବା ଐତିହାସିକ ସ୍ଥାନକୁ ବୁଲାଇ ନେବା ଭଲ । ଏପରି ସ୍ଥାନ ପିଲାକୁ ଖୁସି ଲାଗିବା ସହିତ ସେ କିଛି ଶିକ୍ଷା ମଧ ପାଇପାରିବେ । କୌଣସି ଆଡ଼ଭେଞ୍ଚର ଆଇଲ୍ୟାଣ୍ଡ ୱାଟର ପାର୍କ, ଆମ୍ୟୁଜ୍‌ମେଣ୍ଟ ପାର୍କ, ସୁଇମିଂ ପୁଲ ଆଦି ସ୍ଥାନକୁ ମଧ ନେଇପାରନ୍ତି । ଏପରି ସ୍ଥାନକୁ ଗଲେ ପିଲାର ବ୍ୟକ୍ତିତ୍ୱର ବିକାଶ ଘଟିବ ।

ପିଲାକୁ କିଛି ରଚନାତ୍ମକ କାର୍ଯ୍ୟ ଶିଖାନ୍ତୁ । ଆର୍ଟ ଏବଂ କ୍ରାଫ୍ଟ କ୍ଲାସରେ ଯୋଗ ଦେଇପାରେ । ଏପରି କ୍ଲାସକୁ ଗଲେ ପିଲା ବହୁତ କିଛି ଶିଖିବା ସହିତ ଘରେ ସେସବୁ ଜିନିଷ ତିଆରି କରିପାରିବ । ଘରେ ମଧ ତାକୁ ଚିତ୍ର କଳା, କାର୍ଡ଼, ଫଟୋ ଆଲବମ୍ ତିଆରି ଶିଖାଇ ପାରିବେ । ନୃତ୍ୟ ଏବଂ ସଂଗୀତ ପିଲାର ମନକୁ ଅଧିକ ଖୁସି କରିଥାଏ । ପରୀକ୍ଷାରେ ମାନସିକ ଚିନ୍ତାରୁ ମୁକୁଳିବା ପରେ ମଧୁର ସଂଗୀତ ତାର ମନକୁ ଖୁସି ଦେଇଥାଏ । ତେଣୁ ଆପଣ ଚାହିଁଲେ ତା ପାଇଁ ନୃତ୍ୟ ସଂଗୀତ ଶିକ୍ଷାର ବ୍ୟବସ୍ଥା କରିପାରିବେ । ଆତ୍ମରକ୍ଷାର କୌଶଳ ନିମନ୍ତେ ଦୁଇମାସ ପାଇଁ ଜୁଡ଼ୋ, କରାଟେ ଶିକ୍ଷାର ବ୍ୟବସ୍ଥା ମଧ କରିପାରନ୍ତି ।

ଛୁଟି ବେଳେ ଘରର ଛୋଟ ଛୋଟ କାମ କରିବା ପାଇଁ ପିଲାଙ୍କୁ ଶିଖାନ୍ତୁ । ଯଥା ଘର ସଜାଡ଼ିବା, ଲୁଗାପଟା ଝଡ଼ାଝଡ଼ି, ବହିଥାକ ସଜଡ଼ା ସଜଡ଼ି ଇତ୍ୟାଦି, ଗଛ ଲଗାଇବା, ପାଣି ଦେବା ଆଦି କାମ ମଧ ଶିଖାନ୍ତୁ । ଗୋଟିଏ ଭଲ ଉପାୟ ଚିନ୍ତା କରନ୍ତୁ। ବିଶେଷକରି ଖାଇବାରେ ଅମଙ୍ଗ ହେଉଥିବା ପିଲାଙ୍କୁ ଏହି ଛୁଟିରେ ରୋଷେଇ କାର୍ଯ୍ୟରେ ଛୋଟିଆ ସହଯୋଗ ପାଇଁ ପ୍ରୋତ୍ସାହିତ କରନ୍ତୁ। ଖାଦ୍ୟ ପ୍ରସ୍ତୁତି ଓ ରୋଷେଇ ଘରର ଆଦବକାଇଦା ତାକୁ ଏକ ଭଲ ଶିକ୍ଷା ଦେବ।

ପିଲାକୁ ମଧ ସମର କ୍ୟାମ୍ପକୁ ପଠାଇପାରନ୍ତି । ସେଠାରେ ସେ ଅନ୍ୟପିଲାମାନଙ୍କ ସହିତ ମିଶି ବହୁତ କିଛି ଶିଖିପାରିବ । ତେବେ ଏହି ସମର କ୍ୟାମ୍ପଟିର ଆୟୋଜନକୁ ନେଇ ଓ ପରିପାର୍ଶ୍ୱିକ ସମୟ ବ୍ୟବଧାନକୁ ଦେଖି ଏକ ଶିକ୍ଷା ବର୍ଦ୍ଧକ ସମର କ୍ୟାମ୍ପ ନିମିତ୍ତ ପ୍ରୋତ୍ସାହନ ଦିଅନ୍ତୁ। ପିଲାକୁ କିଛି ଜ୍ଞାନ ବର୍ଦ୍ଧକ ପୁସ୍ତକ ଦିଅନ୍ତୁ, ଫଳରେ ସେ ଦେଶ ଦୁନିଆ ସଂପର୍କରେ ଅନେକ କିଛି ଜାଣି ପାରିବ । କାହାଣୀ ମାଧ୍ୟମରେ ଏକ ଭଲ ମଣିଷ ହେବା ପାଇଁ ତାକୁ ପ୍ରେରଣା ଦିଅନ୍ତୁ । ସେହିପରି ତାର ପରବର୍ତ୍ତୀ ବା ଉପରଶ୍ରେଣୀକୁ ଯିବା ପୂର୍ବରୁ ସେହି ବିଷୟର ପୁସ୍ତକ ଗୁଡ଼ିକ ସହ ସେ ଯେପରି ପରିଚୟ ହେବ ସେ ଦିଗକୁ ଦେଖନ୍ତୁ। ଏଥି ନିମିତ୍ତ ଅନଲାଇନର ସୁଯୋଗ ମଧ ନେଇପାରିବେ। ପିଲାମାନେ କୌଣସି ନୂଆ ନୂଆ କଳାକୌଶଳ ଶିକ୍ଷା ପାଇଁ ଚାହୁଁଥିଲେ ଏହି ସମର ଭେକେସନଟି ତାଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ସ୍ୱତନ୍ତ୍ର କୌଶଳ ଶିକ୍ଷା ଦିଆଯାଉଥିବା କ୍ଲାସରେ ମଧ ଆଡ଼ମିସନ କରାଇ ପାରିବେ।

କିଛି ମନୋରଂଜନ ନାଟକରେ ଅଂଶ ଗ୍ରହଣ ପାଇଁ ପିଲାକୁ ସୁଯୋଗ ଦିଅନ୍ତୁ । ଏହାଫଳରେ ସେ ନିଜ ସଂସ୍କୃତି ସଂପର୍କରେ ନାଟକରୁ କିଛି ଶିଖି ପାରିବ। ସେହିପରି ପିଲାଟି ଭିତରେ ରହିଥିବା ନିଜର ଆଶା, ସମ୍ଭାବନା, ସ୍ୱପ୍ନ, ଆକାଂକ୍ଷା ଓ ଲକ୍ଷ୍ୟ ସହ ନିଜର ମନର କଥାକୁ ଲେଖି ରଖିବାକୁ ଶିକ୍ଷା ଦିଅନ୍ତୁ। ବର୍ଷ ତମାମ ପାଠପଢ଼ା ଓ ରୁଟିନ ବନ୍ଧା ଜୀବନ ପାଇଁ ସେ ସମୟ ନପାଇ ସଙ୍କୋଚରେ ତାର ମନୋଭାବ ଅନେକଙ୍କୁ ବାଣ୍ଟି ପାରିନଥାଏ ତେଣୁ ଏହି ସମୟରେ ସେ ଲେଖାପଢ଼ା କରିବା ସହ ନିଜ କଥାକୁ ବାହାରକୁ ପ୍ରକାଶ କରିବାର ସୁଯୋଗ ପାଇଥାଏ। ଆପଣ ଚାହିଁଲେ ଛୁଟିରେ ପିଲାଟିକୁ ଅନ୍ୟ ଭାଷା ଉପରେ ମଧ ଶିକ୍ଷା ଦେଇପାରିବେ। କୌଣସି ନିର୍ଦ୍ଦିଷ୍ଟ ଭାଷାରେ ପିଲାଟିର ଦୁର୍ବଳତା ଥିଲେ ଏହି ସମୟଟି ତାଙ୍କୁ ଭରପୁର ଓ ସୁଯୋଗ ପ୍ରେରଣା ଦେବ। ପିଲାଟି ଇଚ୍ଛା କରୁଥିଲେ କୌଣସି ପ୍ରାନ୍ତୀୟ ଭାଷା ବା ବିଦେଶୀ ଭାଷା ମଧ ଶିକ୍ଷା କରିପାରିବ।

ପାଠପଢ଼ା ସମୟତକ କେବଳ ଛୁଟି ଦିନକୁ ଛାଡ଼ିଦେଲେ ସେପରି ସମୟଟି ପିଲାମାନେ ପାଇନଥାନ୍ତି। ନିଜ ପରିବାର ଲୋକଙ୍କ ସହ ସମୟ କାଟିବା ଆଉ ପ୍ରକୃତିକୁ ଚିହ୍ନିବା, ପ୍ରକୃତି ସହ ମିଶି ସମୟ ବିତାଇବାର ଫାଇଦାଟି ଶିକ୍ଷା ଦିଅନ୍ତୁ। ପ୍ରତ୍ୟୁଷର ସୂର୍ଯ୍ୟୋଦୟ, ପକ୍ଷୀ ମାନଙ୍କର କିଚିରମିଚିର ଶବ୍ଦ ସହ ରାତିରେ ଖୋଲା ଆକାଶ ତଳେ ତାରା ଦେଖି ସେମାନଙ୍କୁ କିଛି କ୍ଷଣ ପାଇଁ ଜହ୍ନ ମାମୁଁଙ୍କ ରାଜ୍ୟକୁ ନେଇ ଯାଆନ୍ତୁ ଏହା କିଛି ଲୋକଙ୍କ ପାଇଁ ମାମୁଲି କଥା ହୋଇପାରେ କିନ୍ତୁ ଏହା ଅତ୍ୟନ୍ତ ବାସ୍ତବଦାୟୀ ଓ ପିଲାର ସାମଗ୍ରୀକ ବିକାଶ ସହ ପ୍ରକୃତିର ପ୍ରଭାବକୁ ଅତ୍ୟନ୍ତ ଶିକ୍ଷାଦାୟକ ଓ ଆନନ୍ଦ ପ୍ରଦାୟକ ହୋଇପାରିବ।


ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ





## ଋତୁମତୀ

ଦେବ୍ରାଜ୍ ରଣା

ଛଅ ଋତୁରେ ବରଷ ବିତି ଯାଏ
ଚାଲିଯାଏ ବାର ମାସ,
ମାସିକ ଋତୁରେ ସେ ଋତୁମତୀ
ଅଛୁଆଁ ଋତୁର ଦିବସ ।

ମନ୍ଦିର ବେଢ଼ାକୁ ମନା ତା ପାଇଁ
ମନା ଯେ ପୂଜା ଅର୍ଚ୍ଚନା,
ନିୟମ ନାଁ ରେ ଅନୀୟମ ନୀତି
ସମାଜ କରେ ଯେ ମନା ।

ରଜସ୍ୱଳା ହୋଇ ରକତ ଝରାଏ
ନାହିଁ ତା ପାଇଁ ସଂଜୀବନୀ,
ଋତୁ ରାଜା ସିନା ବସନ୍ତ ସାଜିଲା
ଋତୁମତୀ ସିନା ଋତୁ ରାନୀ।

ମାସିକ ଚକ୍ରରେ ଭିଜେ ତା ଦେହ
ନାଲି ରକତ ଧାରେ,
ନାଲି ରଙ୍ଗ ନୁହେଁ-ସେ ରକ୍ତ ଟୋପା
ନାଲି ଚନ୍ଦନ ରୂପ ଧରେ ।

ଅଛୁଆଁ ବୋଲିକି ଦୁରାଅ କାହିଁକି
ଦେବୀ ପୂଜା କରି ନୀତି,
ଋତୁମତୀ ସିନା ଦେବୀ ଅବତାରେ
ଗଢିଛି ମନୁଷ୍ୟ ଗର୍ଭର କୃତି ।


ଚାଉଳଡ଼ିଆ, ଲାଠୋର,ବଲାଙ୍ଗୀର
ମୋ: ୯୭୭୭୩୭୩୨୩୭


## ତୁମେ ଅଛ

ରମାକାନ୍ତ ଦାସ

ତୁମେ ଅଛ
ମୋ ସ୍ୱପ୍ନରେ
ମୋ ବାସ୍ତବତାରେ
ତୁମ ପ୍ରେମରେ
ମୁଁ ନିତି ଜୀଏଁ
ନିତି ମରେ
ନିତି ମୁଁ ଜଳୁଥାଏ
ତୁମ ବିରହରେ

ତୁମ କଥା ମନେପଡେ
ଗୋଧୂଳି ସଞ୍ଜରେ
ନିଶବ୍ଦ ରାତ୍ରୀର
ନିର୍ଜନ ପ୍ରହରେ
ନିତି ଖୋଜେ
ତୁମକୁ ମୁଁ
ମୋ ସ୍ମୃତିର ସହରେ ।

ତୁମ ଭାବନାରେ ମୋର
ଥରି ଉଠେ ଛାତି
ତୁମକୁ ମୁଁ ଭାବୁଥାଏ
କିବା ଦିନରାତି
ଛାତି ତଳେ କୁହୁଳେ
ନିତି ତୁମ ସ୍ମୃତି
ଆଖି ମୋ ଲୁହ ଝରେ
ବିତିଯାଏ ରାତି
ତୁମ ଅପେକ୍ଷାରେ ଗାଏ
ମିଳନ ର ମଧୁଗୀତି ।


ନନ୍ଦିଗ୍ରାମ , ନାଉଗାଁ,
ଜଗତସିଂହପୁର
ମୋ: ୯୬୬୮୮୧୫୩୬୯


## ମାନସୀ ଓଠରେ ଫଗୁଣ

ଦିନେଶ ମେହେର

ହୃଦୟ ର ସବୁ ଜଞ୍ଜାଳକୁ
ଜଳାଞ୍ଜଳି ଦେଇ
ଏଥରକ ବି ବରାଦ ଦେଇଛି
ମୁଠାଏ ଅବିର, ପପୁ ଦା'
ଦୋକାନରୁ !

ସତରେ କ'ଣ
ଏଇସନ ଫଗୁଣରେ
ବଦଳି ଯିବ ମୋର ପୋଡ଼ା
କପାଳର ଭାଗ୍ୟ,
ଅନ୍ତ ଘଟିବ ମୋ ପ୍ରତୀକ୍ଷାର,
ଅବା
ମୁଠାଏ ଫଗୁ ରେ ଗଢିଥିବା ସଂପର୍କ
କଣ
ବଦଳି ଯିବ ପବିତ୍ର ବନ୍ଧନରେ,
ପୁଣି ଆଗେଇ ଯିବ
ସଭ୍ୟତାର ନନ୍ଦିଘୋଷ ପଥେ ପଥେ ?

କାହିଁକି କେଜାଣି
କୋଡ଼ିଏ ଟି ଫଗୁଣ ବିତିଗଲା ପରେ
କିଛି ବଦଳିନି ଏଯାଏଁ,
ଆଜିଯାଏଁ ସେଇ ଅଧାଗଢ଼ା ଚାଳ ଘର,
ସେଇ ଦୁଇ ଗଜ ମାଟି ଅଗଣା
ଦୁଇ ଚାରୋଟି ଫୁଲଗଛ
ପୁଣି ମୁଣ୍ଡ ଗୁଞ୍ଜିବାକୁ ଭଙ୍ଗା ଛପର,
ଏଠି ସ୍ୱପ୍ନ, ବାସ୍ତବ
ଧିରେ ଧିରେ ପର ହେଇଯାଏ
ବରଷାର ଟୋପାଏ ଭରସା ରେ !

ଜାଣିଛ
ତମପାଇଁ ଫଗୁଣ ଆସେ,
ଋତୁଚକ୍ର ବଦଳି ଯାଏ ତୁମ ଆଖିର
ଇସାରାରେ,
କିନ୍ତୁ
କେଜାଣି କାହା କାଉଁରୀ ବିଦ୍ୟାରେ
ଏଇଥରକ ଫଗୁଣ ଲିଭିଗଲା
କାଳ ବୈଶାଖୀ ର କୋଳରେ !
ନହେଲେ
ଗୋଲାପୀ ଶାଢ଼ୀ ରେ ସଜେଇ
ହେଲାପରେ
ତମେ କେମିତି ଲାଲ ଏକ ଗୋଲାପ
ଭଳି
ଫୁଟି ଉଠି ମହକେଇ ଦିଅ
ମୋ ଦୁନିଆ କୁ,
କେମିତି ନିଜ ସ୍ୱଚ୍ଛତା ରେ ଟାଣି ନିଅ
ନିଜ ଯୌବନ ଆଡ଼କୁ ?
ହେଲେ ମୁଁ ତ
ଅଧାଗଢ଼ା ପଥର ବିଗ୍ରହ ଟେ,
ବାରମ୍ବାର ନିହାଣ ଆଘାତରେ ନିଜକୁ
ଗଢ଼େ
ତଥାପି ଏଯାଏଁ
ଅସମ୍ପୂର୍ଣ୍ଣ, ଅକ୍ଷମ ହେଇ ଜୀବନ
ଜିଏଁ,

ମାନସୀ,
ଥରେ ଆସନ୍ତ ନି ହୃଦୟ ଭିତରକୁ
ଥରେ ନିଜ ଗୋଲାପୀ ଓଠରୁ
ଝରେଇ ଦିଅନ୍ତନି
ଜୀବନ ଜୀଇଁବାର ପ୍ରେରଣା,
ତାହେଲେ ପାଇ ଯାଆନ୍ତି
ଏଇ ଜୀବନ ର ପ୍ରକୃତ ଲକ୍ଷ୍ୟ !


ପଳାସ, କଳାହାଣ୍ଡି







# ବନ୍ଧୁତାର ନୂଆ ରଙ୍ଗ

ଲଳିତ ମୋହନ ମିଶ୍ର



ଚିଣ୍ଟୁ ଆଜିକାଲି ଭାରି ଖୁସି । କାରଣ ତାର ଜେଜେବାପା କିଛିଦିନ ହେଲା, ଗାଁରୁ ଭୁବନେଶ୍ୱର ଆସିଛନ୍ତି । ଜେଜେବାପା ଆସିବା ପରଠାରୁ ସେ ସକାଳେ ଚିଣ୍ଟୁକୁ ସ୍କୁଲ ବସ୍ ପର୍ଯ୍ୟନ୍ତ ଛାଡ଼ିବାକୁ ଯାଉଛନ୍ତି । ଦୁଇ ଚାରି ଦିନ ହେଲା ଜେଜେବାପା ଜାଣିବାକୁ ପାଇଲେ ଯେ ଚିଣ୍ଟୁ ତାର ପଡ଼ୋଶୀରେ ରହୁଥିବା ଶଶାଙ୍କ ସାଙ୍ଗ ସହିତ କଥାବାର୍ତ୍ତା ବନ୍ଦ କରିଦେଇଛି । ଜେଜେବାପା ଜାଣିଥିଲେ ଯେ ଚିଣ୍ଟୁ ଆଉ ଶଶାଙ୍କ ମଧ୍ୟରେ ବହୁତ ଗଭୀର ବନ୍ଧୁତା । ଦୁହେଁ ଏକାଠି ସ୍କୁଲ ଯାଉଥିଲେ । ସନ୍ଧ୍ୟାରେ ସମସ୍ତେ ମିଶି ଏକାଠି ଖେଳିଥିଲେ । ଚିଣ୍ଟୁ ବାପାମାଆ ତାର ଜେଜେବାପାଙ୍କୁ କହିଲେ ଯେ, କିଛି ମାସ ତଳେ ପାର୍କରେ ଖେଳୁଥିବା ବେଳେ ଚିଣ୍ଟୁ ଓ ଶଶାଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା । ସେବେଠାରୁ ଦୁହେଁ ଆଉ କଥାବାର୍ତ୍ତା ହେଉ ନାହାଁନ୍ତି । ଶଶାଙ୍କର ଜେଜେବାପା ମଧ୍ୟ ଶଶାଙ୍କକୁ ସ୍କୁଲ ବସ୍ ପାଖକୁ ଛାଡ଼ି ଆସୁଥିଲେ । ଚିଣ୍ଟୁର ଜେଜେବାପାଙ୍କ ସହ ତାଙ୍କର ବନ୍ଧୁତା ହୋଇଥିଲା । ସ୍କୁଲ ବସରେ ପିଲାମାନଙ୍କୁ ବସାଇ ଘରକୁ ଫେରୁଥିବା ବେଳେ ଦୁହେଁ ପରସ୍ପର କଥା ହେଉଥିଲେ । ଚିଣ୍ଟୁର ଜେଜେବାପାଙ୍କ ଭଳି ଶଶାଙ୍କର ଜେଜେବାପା ମଧ୍ୟ ଏହାକୁ ପସନ୍ଦ କରିନଥିଲେ । ଦୁହେଁ ଚିଣ୍ଟୁ ଓ ଶଶାଙ୍କ ମଧ୍ୟରେ ଥିବା ମତଭେଦ ଦୂର କରିବାକୁ ଚାହୁଁଥିଲେ । ଏଥିପାଇଁ ଦୁହେଁ ଏକ ଯୋଜନା ପ୍ରସ୍ତୁତ କଲେ । ପରଦିନ ଚିଣ୍ଟୁର ଜେଜେବାପା ଚିଣ୍ଟୁକୁ କହିଲେ, ଶଶାଙ୍କକୁ ଆଜି ଦେଖିଥିଲି । ସେ କହୁଥିଲା, ସେ ତୁମ ସହିତ କଥା ହେବାକୁ ବହୁତ ଚାହୁଁଛି । ଏହାର ଗୋଟିଏ ଦିନ ପରେ ସେ ପୁଣି ଚିଣ୍ଟୁକୁ କହିଲେ, ଶଶାଙ୍କ ଆଜି କହୁଥିଲା ତୁମ ସହିତ ଖେଳିବାକୁ ଚାହୁଁଛି । ତା'ପରେ ଦିନେ ଚିଣ୍ଟୁର ଜେଜେବାପା କହିଲେ, ଶଶାଙ୍କ ତୁମ ସହିତ କଥା ବାର୍ତ୍ତା କରିବାକୁ ଚାହୁଁଛି । ତାର ଜେଜେବାପା ମଧ୍ୟ ଚିଣ୍ଟୁକୁ ନେଇ ଶଶାଙ୍କକୁ ସମାନ କଥା କହିଥିଲେ । ନିଜ ନିଜ ଜେଜେବାପାଙ୍କ ଠାରୁ ଏଭଳି କଥା ଶୁଣି ଚିଣ୍ଟୁ ଓ ଶଶାଙ୍କ ମନରେ ପରସ୍ପର ପ୍ରତି ଥିବା କ୍ରୋଧ ଧୀରେ ଧୀରେ ଦୂର ହେବାକୁ ଲାଗିଲା । ଦୁହେଁ ପୂର୍ବ ଭଳି ବନ୍ଧୁ ହେବା ଭଳି ଅନୁଭବ କରିଥିଲେ । ପର ସପ୍ତାହରେ ହୋଲି ଥିଲା । ତାର ଜେଜେବାପା ଚିଣ୍ଟୁକୁ କହିଲେ, ଶଶାଙ୍କ ପୁଣି ଥରେ ତୁମ ସହିତ ହୋଲି ଖେଳିବାକୁ ଚାହୁଁଛି, ତୁମ ବିନା ସେ ହୋଲିକୁ ନିସ୍ତେଜ ମନେ କରିଛୁ । ତା'ପର ଦିନେ ସେ ଚିଣ୍ଟୁକୁ କହିଲେ, ଶଶାଙ୍କ ମୋତେ କହିଛି ହୋଲି ସକାଳ ଦଶଟାରେ ଘର ଛାତ ଉପରେ ରଙ୍ଗ-ଗୁଲାଲ ସହିତ ହୋଲି ଖେଳିବା । ତୁମେ ଅପେକ୍ଷା କରିଥିବା । ଅପରପକ୍ଷରେ ତାର ଜେଜେବାପା ଶସାଙ୍କକୁ ମଧ ସମାନ କଥା କହିଥିଲେ । ଆସିଲା ହୋଲିଦିନ । ଚିଣ୍ଟୁ ଓ ଶଶାଙ୍କ ରଙ୍ଗ, ଗୁଲାଲ, ପିଚକାରୀ ଧରି ଘର ଛାତ ଉପରେ ପହଞ୍ଚିଲେ । ଜେଜେବାପା ଦୁହେଁ ପରସ୍ପରକୁ ଛାତ ଉପରେ ଆସୁଥିବା ଦେଖି ବହୁତ ଖୁସି ହୋଇଥିଲେ । ଏହାପରେ ସେମାନେ ପରସ୍ପର ଉପରେ ରଙ୍ଗ ଲଗାଇବା ଆରମ୍ଭ କରିଥିଲେ । ଚିଣ୍ଟୁ ଓ ଶଶାଙ୍କ ହୋଲି ଖେଳୁଥିବା ଦେଖି ଦୁହେଁ ଜୋରରେ କହିଲେ, 'ହୋଲି ହୈ, ଭାଇ ହୋଲି ହୈ...!' ଚିଣ୍ଟୁ ଏବଂ ଶଶାଙ୍କ ମଧ 'ହୋଲି ହୈ, ଭାଇ ହୋଲି ହୈ...!' ସ୍ୱରରେ ସାମିଲ ହୋଇଥିଲେ । ଦୁହେଁ ପରସ୍ପରର ଜେଜେବାପାଙ୍କୁ ମଧ ରଙ୍ଗରେ ଭିଜାଇ ଦେଇଥିଲେ । ଏହି ସାକ୍ଷାତ ପଛରେ ଦୁହିଁ ଜେଜେବାପାଙ୍କ ହାତ ଥିବା ସେମାନେ ଜାଣି ନଥିଲେ । ଚିଣ୍ଟୁ ଓ ଶଶାଙ୍କ ବନ୍ଧୁତାର ନୂଆ ରଙ୍ଗ ଦେଖି ଉଭୟ ଜେଜେବାପା ଖୁସି ହୋଇଥିଲେ ।

+ଅରବିନ୍ଦ ନଗର, ନୟାଗଡ଼,
୯୪୩୭୯୮୫୮୬୬

# ଅନ୍ୟର ମଙ୍ଗଳ ଚିନ୍ତାକର

ରମେଶ ଚନ୍ଦ୍ର ଦାଶ

ବିଲୁଆକୁ ହାତୀ ସବୁ କାମରେ ସାହାଯ୍ୟ କରିବାରୁ ତା'ର ନାଁ ବଢ଼ିଲା । ତେଣୁ ବିଲୁଆ ଯେଉଁ ସ୍ଥାନକୁ ଗଲା ସେଠାରେ ହାତୀର ପ୍ରଶଂସା କଲା । ଏହା ଦେଖି ଭାଲୁର ଦେହ ସହିଲା ନାହିଁ । ସେ ଗଧିଆକୁ ସାହାଯ୍ୟ କରି ସେହିଭଳି ପ୍ରଶଂସା ପାଇବାକୁ ଇଚ୍ଛାକଲା ।

ଭାଲୁ ଗଧିଆକୁ ବିଭିନ୍ନ କାମରେ ସାହାଯ୍ୟ କରିବାକୁ ଅର୍ଥ, ଶାରୀରିକ ଓ ମାନସିକ ବଳ ପ୍ରଦାନ କଲା । ତାକୁ ଶୀକାର କରିବାର ନୂଆ କୌଶଳ ସାଙ୍ଗକୁ ଉତ୍ତମ ବ୍ୟବହାର, ଚାଲିଚଳଣ ଆଦି ବିଷୟରେ ଶିକ୍ଷାଦେଲା ।

ଗଧିଆର ତ ସ୍ମରଣ ଶକ୍ତି କମ୍ । ତେଣୁ ତାକୁ ଯେତେ ଯାହା ଶିଖାଇଲେ ବି ସେ ସବୁ



କାମରେ ଦୁର୍ବଳ ହେଲା । କିନ୍ତୁ ସେ ସବୁଠାରେ ଭାଲୁ ତାକୁ ଉତ୍ତମ ବାଟକୁ ଆଣିବାକୁ ପରାମର୍ଶ ଦିଏ ବୋଲି କହେ । ଏହା ଦେଖି ଭାଲୁ ଭାବିଲା- ତାର ସୁନାମ ବଢ଼ୁଛି । କିନ୍ତୁ ଗଧିଆ ଭାଲୁର କଥା ଅନୁସାରେ କିଛି ବି କରେନାହିଁ । କୌଣସି କାମ କରିବାକୁ ଯିବା ପୂର୍ବରୁ ଭାଲୁଠାରୁ ସବୁ ଶୁଣେ, କାମ କଲା ବେଳେ ପୂର୍ବରୁ ମନେ ରଖିଥିବା କଥା ହିଁ କରେ । ଏହାଦ୍ୱାରା ଭାଲୁର ପ୍ରଶଂସା ପରିବର୍ତ୍ତେ ନିନ୍ଦା ବଢ଼ିଲା ।

ତେଣୁ ସେ ଦିନେ ବିଲୁଆକୁ ଏକୁଟିଆ ଦେଖି ତାକୁ ଭଲ କରି ଖାଇବାକୁ ଦେଲା ଓ ହାତୀ ବିରୋଧରେ ଚାରିଆଡ଼େ କହିବାକୁ କହିଲା । ବିଲୁଆ ଏକଥା ଶୁଣି କହିଲା- ତୁମେ ଆଜି ମୋ ଗୁରୁଙ୍କ ବିରୋଧରେ କହୁଛ । କାଲି ଆଉ କାହା ବିରୋଧରେ କହିବାକୁ କହିବ । ଆପଣ ଏମିତି କରିବାକୁ ଚିନ୍ତା କରୁଛନ୍ତି କାହିଁକି ? ଗଧିଆର ବୁଦ୍ଧି କମ୍ ହେଲେ ବି ସେ କିଛି ଖରାପ କାମ କରିନାହିଁ । ଅଯଥାରେ ଅନ୍ୟକୁ ଅନୁସରଣ ନକରି ନିଜ ବାଟରେ ଅନ୍ୟର ମଙ୍ଗଳ କରିବାକୁ ଚିନ୍ତାକର ।" ବିଲୁଆ ଏଭଳି ଉତ୍ତର ଦେବା ବେଳେ ହାତୀ ଦୂରରେ ଠିଆ ହୋଇ ଶୁଣୁଥାଏ । ସେ ସଙ୍ଗେ ସଙ୍ଗେ ବାହାରି କହିଲା- ଭଲ ଛାତ୍ର ତିଆରି କରିବାକୁ ହେଲେ ପ୍ରଥମେ ଶିକ୍ଷକ ତାର ମନୋବୃତ୍ତିରେ ପରିବର୍ତ୍ତନ କରିବା ଏକାନ୍ତ ଜରୁରୀ । କାରଣ ପିଲାମାନେ ଅନୁକରଣ ପ୍ରିୟ । ସେମାନେ ଅନୁକରଣ କରି ବହୁତ କଥା ଶିକ୍ଷା କରିଥାନ୍ତି ।

+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨, ପୁରୀ
ମୋବାଇଲ୍ ନଂ-୯୭୭୬୨୩୮୫୨୨

# ଧନଠାରୁ ମନ ଚିହ୍ନିବା ବଡ଼

ସନ୍ତୋଷ କୁମାର ଅଦାବର



ଗୋଟିଏ ସହରରେ ଜଣେ ବଡ଼ ବ୍ୟବସାୟୀ ଥିଲେ । ତାଙ୍କ ବ୍ୟବସାୟରେ ବହୁତ ଆର୍ଥିକ ଲାଭ ମିଳୁଥାଏ । ଖଣ୍ଡ ମଣ୍ଡଳରେ ସେ ଜଣେ ଧନୀ ଲୋକ ବୋଲି ମଧ୍ୟ ବେଶ୍ ପରିଚିତ ଥିଲେ । ଏଥିପାଇଁ କିଛି ବର୍ଷ ପରେ ତାଙ୍କ ମନରେ ଗର୍ବ ଓ ଅହଙ୍କାର ଭାବ ଜାତ ହେଲା । ସେ ନିଜକୁ ଧନୀ ବୋଲି ଭାବି ଏତେ ଗର୍ବ କଲେ ଯେ ଅନ୍ୟ ଜଣେ ସହଜରେ ଅନୁମାନ କରିପାରିବ । ଏହି ଗର୍ବ ଯୋଗୁଁ ସେ ବହୁତ କୃପଣ ମଧ୍ୟ ହୋଇଗଲେ । ନିଜ ଅର୍ଜିତ ଧନକୁ କେବଳ ସଞ୍ଚିତ କରି ଚାଲୁଥିଲେ । କାହାରି ପ୍ରତି ତାଙ୍କର ଭଲ ବ୍ୟବହାର ରହିଲା ନାହିଁ । ତାଙ୍କ ବ୍ୟବସାୟିକ ପ୍ରତିଷ୍ଠାନରୁ ମଧ୍ୟ କିଛି କର୍ମଚାରୀ କାମ ଛାଡ଼ି ପଳାଇଗଲେ ।

ସେ ବ୍ୟବସାୟୀଙ୍କର ଏକ ମାତ୍ର ପୁତ୍ର ଜୟ ଜଣେ ଉଚ୍ଚ ଶିକ୍ଷିତ ଯୁବକ । ତା'ର ବାପା ଜଣେ ବ୍ୟବସାୟୀ ଏବଂ ବହୁତ ଧନର ଅଧିକାରୀ ବୋଲି କେବେ ତା'ର ମନରେ ଅହଙ୍କାର ନ ଥାଏ । କାରଣ ସେ ଶିକ୍ଷା ଗ୍ରହଣ ପାଇଁ ଅନେକ ସହର ନଗରରେ ରହି ଆସିଅଛି । ଅନେକ ପ୍ରକାର ଲୋକଙ୍କୁ ଖୁବ୍ ନିକଟରୁ ଦେଖି ଆସିଛି । ଗରିବମାନଙ୍କର ଦୈନ୍ୟ ଅବସ୍ଥାଠାରୁ କୋଟିପତିର ଭୋଗବିଳାସ ଜୀବନ ବିଷୟରେ ଜାଣିବାରେ ତା'ର କୌଣସି ଅସୁବିଧା ନାହିଁ ।

ଯୁବକ ଅବସ୍ଥାରେ ଉପନୀତ ହେତୁ ଜୟକୁ ତାଙ୍କର ବ୍ୟବସାୟ କଥା ବୁଝିବ ଏବଂ ପୁଅ ବ୍ୟବସାୟ କଥା ବୁଝିଲେ ସେ ସେଥିରୁ ନିବୃତ୍ତ ରହିବେ ବୋଲି ସ୍ଥିରକଲେ । ଦିନେ ପୁଅ ଜୟକୁ ପାଖକୁ ଡାକି ସେ ଏ ବିଷୟରେ କହିଲେ । ଜୟ ଏଥିରେ ରାଜି ହୋଇଗଲା । କମ୍ ଦିନରେ ସେ ବ୍ୟବସାୟଟିର ସୂତ୍ର ପାଇଗଲା ଏବଂ ବ୍ୟବସାୟରେ ଉନ୍ନତି ମଧ୍ୟ ହେଲା । ତା'ର ବାପା ଏହା ଦେଖି ବହୁତ ଖୁସି ହେଉଥାନ୍ତି । ତାଙ୍କ ବ୍ୟବସାୟରେ କାମକରୁଥିବା ସମସ୍ତ କର୍ମଚାରୀ ଜୟ ଉପରେ ବହୁତ ଖୁସି, କାରଣ ପୂର୍ବରୁ ସେମାନେ କେବେ ନିଜ ମାଲିକଠାରୁ ସେଭଳି ସୁନ୍ଦର ବ୍ୟବହାର ପାଉ ନ ଥିଲେ ଯାହା ଏବେ ସେମାନେ ଜୟଠାରୁ ପାଉଛନ୍ତି । ତାଙ୍କର ପାଉଣା ଠିକ୍ ସମୟରେ ଦେବାଠାରୁ ଆରମ୍ଭ କରି ସମୟ ପାଇଲେ ତାଙ୍କର ସୁଖଦୁଃଖ ମଧ୍ୟ ବୁଝୁଥିଲା ଜୟ । କିଛି ମାସ ପରେ ପାଖରେ ଥିବା ଏକ ବୃଦ୍ଧାଶ୍ରମ ଏବଂ ଏକ ଅନାଥାଶ୍ରମକୁ ସେ କିଛି କିଛି ଆର୍ଥିକ ସହାୟତା କରି ଚାଲିଲା । ବୃଦ୍ଧାବସ୍ଥାରେ ଉପନୀତ ଥିବା ତା'ର ବାପା, ପୁଅର ଏ ସବୁ ଦେଖି ବହୁତ ଖୁସି ହେଉଥାନ୍ତି । ଖଣ୍ଡ ମଣ୍ଡଳର ଲୋକେ ମଧ୍ୟ ତା' ପ୍ରତି ଅତ୍ୟନ୍ତ ଖୁସି । ସଭିଏଁ କହୁଥାନ୍ତି- ଜୟ ଧନୀ ଯୁବକଟିଏ ହେଲେ ବି ଆଦୌ ତା' ମନରେ ଗର୍ବ ଓ ଅହଙ୍କାର ନାହିଁ । ପ୍ରକୃତରେ ଧନକୁ ଚିହ୍ନିବା ଅପେକ୍ଷା ଅନ୍ୟର ମନରେ ଥିବା ବେଦନାକୁ ଚିହ୍ନିପାରିବା ବଡ଼ କଥା । ଧନ ପ୍ରତି ଲୋଲୁପ ହେଲେ ତ ମନରେ କେବଳ ଗର୍ବ ଓ ଅହଙ୍କାର ବସା ବାନ୍ଧିଥାଏ ।

+ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

# ପଦନାର ହୋଲି ଖେଳ

ପ୍ରଦ୍ୟୁମ୍ନ ପଟ୍ଟନାୟକ

ପରୀକ୍ଷା ସରିବା ପରେ ସ୍କୁଲ ଛୁଟି । ରାଧୁ, ମଧୁ , ଗୋପାଳ, ବୁଦ୍ଧିଆ ମିଶି ଗାଆଁ ଦାଣ୍ଡରେ ଖେଳୁଥିଲେ । ଆଗକୁ ଆସୁଛି ହୋଲି ପର୍ବ । ପିଲାମାନେ ମିଶି କଥା ହେଲେ ଏକା ସାଙ୍ଗରେ ରଙ୍ଗ ଅବିର ଖେଳିବେ । ବୁଦ୍ଧିଆ କହିଲା ଆମକୁ ଶିକ୍ଷକ ବୁଝାଇ କହିବା ଅନୁଯାୟୀ ଆମେ କେବଳ ଫୁଲ ପତ୍ରରୁ ପ୍ରସ୍ତୁତ ଜୈବିକ ରଙ୍ଗ ବ୍ୟବହାର କରିବା । କୌଣସି କ୍ଷତି କାରକ ରାସାୟନିକ ରଙ୍ଗ ଦେହରେ ବୋଳି ହେବା ନାହିଁ । ଏକଥା ଶୁଣି ରାଧୁ ଓ ମଧୁ କହିଲେ, ଆମେ ଘରେ ବାପା ମା'ଙ୍କୁ କହିବୁ କେବଳ ଜୈବିକ ରଙ୍ଗ ବଜାରରୁ ବାଛି ବାଛି କିଣି ଆଣିବେ । ଗୋପାଳ କହିଲା, ମୋ ଭାଇ ସହ ମିଶି ଆମେ ପରା ଘରେ ହଳଦୀ, ଅଳତା, ଗେଣ୍ଡୁ ଫୁଲ, ପୋଇ ମଞ୍ଜି , ବିଟ୍ ଆଦି ଫୁଲ ପତ୍ରରୁ ଜୈବିକ ରଙ୍ଗ ତିଆରି କରିଛୁ । ପଦନା ଦୂରରେ ବସି ଏକଥା ଶୁଣୁଥିଲା । ସେ



ଗୋଟିଏ ଦୁଷ୍ଟ ପିଲା । ସମସ୍ତଙ୍କ ସହ କଳି ଝଗଡା କରେ । ଖେଳଘର ଭାଙ୍ଗି ଦିଏ । ପିଲା ମାନଙ୍କର ହୋଲି ଖେଳ କଥା ଶୁଣି କହିଲା, ମୋ ପାଖରେ ତ ମୁଣ୍ଡ ଫଟା ରଙ୍ଗ ଅଛି । ତାକୁ ଲଗାଇ ଯେତେ ଧୋଉ ଥିବ ସେ ସେତେ ବୋହୁ ଥିବ । ସହଜେ ଛାଡ଼ିବ ନାହିଁ । ପଦନା କଥା ଶୁଣି ଅନ୍ୟ ପିଲାମାନେ କହିଲେ, ତୁ ଯଦି ରାସାୟନିକ ରଙ୍ଗ ଆଣିବୁ ତେବେ ଆମ ସହ ଖେଳିବୁ ନାହିଁ । ହୋଲି ଦିନ ସକାଳୁ ପିଲାମାନେ ନିଜ ନିଜ ଘରୁ ବିଭିନ୍ନ ରଙ୍ଗର ଅବିର, ପାଣି ରଙ୍ଗ , ପିଚକାରୀ ଆଦି ନେଇ ଦାଣ୍ଡକୁ ଆସିଗଲେ । ନିଜ ନିଜ ମଧ୍ୟରେ ଆଗ ଆନନ୍ଦରେ ଅବିର ବୋଳା ବୋଳି ହେଲେ । ଗୋପାଳର ଘର ତିଆରି ଅବିରରୁ ହଳଦୀ ଚନ୍ଦନ ବାସନା ବାହାରୁ ଥାଏ । ତା' ପରେ ପିଲାମାନେ ପିଚକାରୀରେ ପାଣି ରଙ୍ଗ ଭରି ଖେଳିବାକୁ ଲାଗିଲେ । ଏହି ସମୟରେ ଦେଖିଲେ ଦେହ ମୁଣ୍ଡରେ କଳା ବୋଳି ହୋଇ ଭୂତ ଭଳି କିଏ ଜଣେ ଆଗରୁ ଆସୁଛି । ତାକୁ ତାଙ୍କ ଆଡ଼େ ଆସୁଥିବା ଦେଖି ଦୌଡ଼ି ପଳାଇ ବାକୁ ଭାବୁଥିଲେ । ତାଙ୍କ ନାଁ ଧରି ସେ ଡାକୁଥିବା ଶୁଣି ଅଟକି ଗଲେ । ସେ ଥିଲା ପଦନା । ପଦନା ନିଜ ଦେହରେ ବୋଳି ହେବା ସହ ସାଙ୍ଗରେ ଆଣିଥିବା କଳା ଆଲକାତରା ସମସ୍ତଙ୍କ ଦେହରେ ବୋଳିବାକୁ ଯାଉଥିଲା । ପିଲାମାନେ ପ୍ରତିବାଦ କରିବାରୁ ରାଗି ଯାଇ ସେ ଆଲକାତରାକୁ ରାସ୍ତାରେ ଶୋଇଥିବା ବୁଲା କୁକୁର ମୁହଁରେ ବୋଳି ଦେଲା । କୁକୁର ଆଲକାତରା ଗନ୍ଧରେ ଅଣନିଃଶ୍ୱାସୀ ହୋଇ ତାକୁ ପୁଳାଏ କାମୁଡ଼ି ଦେଲା । ପଦନା ଲହୁଲୁହାଣ ହୋଇ କାନ୍ଦିବାକୁ ଲାଗିଲା । ସାଙ୍ଗ ପିଲାମାନେ ହୋଲି ଖେଳ ଛାଡ଼ି ଆଗ ପଦନାକୁ ପାଖ ଡାକ୍ତର ଖାନା ନେଇ ଗଲେ । ଡାକ୍ତର ମଲମ ଲଗାଇ ପଟି ବାନ୍ଧି ଦେଲେ । ଇଞ୍ଜେକସନ୍ ବି ଦେଇ କହିଲେ ଦୁଷ୍ଟାମି କଲେ ଏପରି ଫଳ ମିଳିଥାଏ ।

ପିଲାମାନେ ପଦନାକୁ ସାଙ୍ଗରେ ଆଣି ତାଙ୍କ ଘରେ ଛାଡିଲେ । ଦୁଷ୍ଟ ହେଲେବି ସାଙ୍ଗ ପିଲାମାନେ ପଦନାକୁ ସାହାଯ୍ୟ କରି ଥିବା ଦେଖି ତା' ବାପା ମା' ତାଙ୍କୁ ଧନ୍ୟବାଦ ଜଣାଇ ହୋଲିର ମିଠାଇ ଖୁଆଇଲେ ।

+ଫ୍ଲାଟ୍ ନମ୍ବର -୧୦୧,
ପ୍ରକାଶ ଦୀପ ଟାୱାର ଜୟଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

## ଆସ ଖେଳିବା ହୋଲି...

ରାମଚନ୍ଦ୍ର ବେହେରା

ଆସିଛି ହୋଲି ରଂଗ ରଂଗୋଳି
ଆନନ୍ଦେ ଗୀତ ଗାଇ
ନାଲି ହଳଦୀ ସବୁଜ କଳା
ରଂଗ ଅବିର ନେଇ ।
ଦ୍ୱାପର ଯୁଗେ କଳା କହ୍ନେଇ
ଗୋପୀଂକ ସହ ମିଳି
ଅତି ସରାଗେ ଖେଳୁଥିଲେ ସେ
ଫଗୁ ଅବିର ବୋଳି ।
ସେଇ ପରବ ପାଳୁଛେ ଆମେ
ପ୍ରତି ଫଗୁଣ ଶେଷେ
ଦୋଳ ପୁନେଇଁ ପର ଦିବସେ
ସାରା ଜଗତ ହସେ ।
ହୋଲି ଯୋଡଇ ବନ୍ଧୁତା ଭାବ
ଦୂରେଇ ଦିଏ ରୋଷ
ସ୍ନେହ ମମତା ଜାଗେ ପରାଣେ
ହସଇ ଆମ ଦେଶ ।
ହୋଲି ଦିନରେ ଜୈବିକ ରଂଗ
କରିବା ଆପଣାର
ହସ ଖୁସିରେ ଖେଳିବା ହୋଲି
ନଥିବ ମନେ ଡର ।
ଖେଳିବା କାଳେ ରାଧାକୃଷ୍ଣଂକ
ନାମକୁ ତୁଣ୍ଡେ ଧରି
ସାଂଗ ସାଥୀଂକ ପରାଣେ ଦେବା
ପ୍ରେମ ଭାବନା ଭରି ।
ଭାଇଚାରାର ପରବ ହୋଲି
ଆନନ୍ଦ ଦିଏ ବୋଲି
ଆସ ସରବେ ଖେଳିବା ହୋଲି
ଭେଦଭାବକୁ ଭୁଲି ।

+ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬




## ଅଛି ବୋଲି ସିନା

କୀର୍ତ୍ତନ ସାହୁ

ଅଛି ବୋଲି ସିନା ସୁନ୍ଦର ସକାଳ
ମନ ଆମ ଖୁସି ହୁଏ
ତାହାରି କୋମଳ ମଧୁର ପରଶ
ହୃଦୟକୁ ଆମ ଛୁଏଁ ।

ଅଛି ବୋଲି ସିନା ବଗିଚାରେ ଫୁଲ
ପ୍ରକୃତିର ଶୋଭା ବଢେ
ଘରଚଟିଆଟି କାଠି କୁଟା ନେଇ
ସୁନ୍ଦର ବସା ତା ଗଢ଼େ ।

ପାହାଡ ଦେହରୁ ଝରଣାଟି ଝରି
କୁଳୁ କୁଳୁ ନାଦେ ବହେ
କେଉଁ କାଳୁ ସିଏ ଅଛି ବୋଲି ତାର
ମନ କଥା ଖୋଲି କହେ ।

ଅଛି ବୋଲି ସିନା ସବୁଜ କ୍ଷେତଟି
ଯୋଗାଏ ଆମକୁ ଦାନା
ସେଇ ଖାଦ୍ୟ ଖାଇ କର୍ମ କ୍ଷେତ୍ରେ ରହି
ଉଡ଼ାଉ ସଫଳ ବାନା ।

ଅଛି ବୋଲି ସିନା ପରିବାର ଆମ
ମିଳିମିଶି କାମ କରୁ
ସ୍ନେହ ମମତାରେ ଛନ୍ଦି ହୋଇ ଆମେ
ଜୀବନରେ ଖୁସି ଭରୁ ।

+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

## ରଙ୍ଗ ପରବ ନାଆଁ ତା ହୋଲି

ନୀଳମଣି ଚାନ୍ଦ

ବାଣ ପରବ ଦୀପାବଳିରେ
ଦୋଳି ପର୍ବ ରଜ
ରଙ୍ଗପରବ ଆସୁଛି ଶୁଣି
ହେଲେଣି ସବୁ ସଜ ।

ତା ଆଗ ଦିନ ଦୋଳଟି ଥାଏ
ଅବିର ତକ ଧରି
ବିମାନ ବୁଲା, ମେଳଣ ଦେଖା
ଯାଇଥାଏରେ ସରି ।

ପାହିଲେ ରାତି ସାନରୁ ବଡ଼
ହୁଅନ୍ତି ସବୁ ମେଳ
ତାସ୍ ଲୁଡୁ କ୍ରିକେଟ ନୁହଁ
ଚାଲେରେ ରଙ୍ଗ ଖେଳ ।

ଇନ୍ଦ୍ରଧନୁରେ ସାତୋଟି ରଙ୍ଗ
ତା'ଠାରୁ ବେଶୀ ରଙ୍ଗ
ପିଚକାରିରେ ଭରିଦେବାକୁ
ମନ ଯେ ଚଙ୍ଗ ଚଙ୍ଗ ।

ପୁରାଣ କହେ ଗୋପୀଙ୍କ ସାଥେ
କୃଷ୍ଣ ତ ଖେଳିଥିଲେ
ରଙ୍ଗ ଖେଳିବ ସତର୍କ ରହି
ମନେ ରଖିବ ପିଲେ ।

ଓଡ଼ିଆ ଘରେ ବାରମାସରେ
ତେର ପରବ ହୁଏ
ରଙ୍ଗ ପରବ ନାଆଁ ତା ହୋଲି
ଆସି ମନକୁ ଛୁଏଁ ।

+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

# ଚିଲିକାକୁ ଗିଳିଲାଣି ନଳ ଘାସ: ଏକ ଦଶମାଂଶ ଜାଗାରେ ଘାସ ଭର୍ତ୍ତି

## ଚିଲିକା ପାଣିରେ ବଢ଼ି ଚିଲିକାକୁ କରୁଛି ବିକୃତ, ୧୦୩ ବର୍ଗ କିଲୋମିଟର ମାଡ଼ି ବସିଲାଣି



ଖୋର୍ଦ୍ଧା, ୨୨/୩ (ନି.ପ୍ର): ଏସିଆ ମହାଦେଶ ସର୍ବବୃହତ୍ ଲୁଣା ହ୍ରଦ ଚିଲିକାକୁ ଘାସ ମାଡ଼ିଗଲାଣି। ନଳ ଘାସ ଏଭଳି ଚରିଗଲାଣି ଯେ, କିଛି ବର୍ଷ ମଧ୍ୟରେ ଚିଲିକାର ଏକ ଦଶମାଂଶ ଜାଗାକୁ ଏହା ଗିଳି ସାରିଲାଣି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଦେଇଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ଚିଲିକାର ୧,୦୯୪ବର୍ଗ କିଲୋମିଟର ଆୟତନରୁ ୧୦୩ ବର୍ଗ କିଲୋମିଟର ଜାଗାରେ ଏଭଳି ଘାସ ବଢ଼ିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଏହା ଉଭୟ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଚିଲିକାର ମତ୍ସ୍ୟଜୀବୀ ପରିବାର ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ତଥ୍ୟ ମୁତାବକ, ଶେଷଥର ପାଇଁ ୨୦୧୯ରେ କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଚିଲିକାର ଆୟତନ ମପା ଯାଇଥିଲା। ଚେନ୍ନାଇସ୍ଥିତ ନ୍ୟାସ୍‌ନାଲ ସେଣ୍ଟର ଫର ସଷ୍ଟେନେବଲ୍ କୋଷ୍ଟାଲ୍ ମ୍ୟାନେଜ୍‌ମେଣ୍ଟ ସଂସ୍ଥା ୨୦୧୯ରେ ଏହାର ମ୍ୟାପ୍ ତିଆରି କରି ୧,୦୯୪ବର୍ଗ କିଲୋମିଟରର ଆୟତନ ଘୋଷଣା କରିଥିଲା। ଏତିକି ଆୟତନ ବିଶିଷ୍ଟ ଜଳାଶୟରୁ ୧୦୩ ବର୍ଗ କିଲୋମିଟର ଜାଗାରେ ଘାସ ମାଡିଛି ବୋଲି ବିଭାଗ କହୁଛି। ନଳଘାସ ଉପରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ବି ବାରମ୍ବାର ଗବେଷଣା କରିଛି। ଏହା ଚିଲିକାର ଜୈବବିବିଧତା ପାଇଁ କେତେ ଉପକାରୀ ଓ କେତେ ଅପକାରୀ ଉଭୟ ଦିଗର ତର୍ଜମା ମରିଛି। ବନ୍ୟା ସମୟରେ ଏହି ଘାସ ଚଢ଼େଇଙ୍କୁ ସୁରକ୍ଷା ଦିଏ। ମୃତ୍ତିକା ସଂରକ୍ଷଣ ପାଇଁ ଭଲ କାମ କରେ। ଚଢ଼େଇ ବସା ଏଥିରେ ସୁରକ୍ଷିତ ରହିବା ସହିତ ବଂଶ ବିସ୍ତାର ପାଇଁ ସହଯୋଗୀ ଆଦି ଘାସର ଭଲ ଗୁଣକୁ ଦର୍ଶାଉଥିବା ବେଳେ ମତ୍ସ୍ୟଜୀବୀଙ୍କ ଜୀବିକା ପାଇଁ ଏହା ପ୍ରତିବନ୍ଧକ ବୋଲି ମତ୍ସ୍ୟଜୀବୀ ଅନୁଭବ କଲେଣି। ଚିଲିକାରେ ମତ୍ସ୍ୟଜୀବୀଙ୍କ ମାଛ ମରା ଜାଗାକୁ ଏହା ବିଶେଷ କରି କବ୍‌ଜା କରିଛି। ଚିଲିକା ଭିତରକୁ ଯାତାୟାତରେ ମଧ୍ୟ ସମସ୍ୟା ସୃଷ୍ଟି ହେଲାଣି। ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ ଯଦିଓ ବିଭିନ୍ନ ଉପାୟ ଅଛି ବୋଲି ବିଭାଗ ଦର୍ଶାଇଛି, କିନ୍ତୁ କେଉଁଥିରେ ବି ସିଡିଏଙ୍କୁ ଏତେଟା ସଫଳତା ମିଳିପାରିନାହିଁ। ବିଭାଗ ଦର୍ଶାଇବା ମୁତାବକ, ଏହି ଘାସ ଯେହେତୁ ମୂଳରୁ ବଂଶବିସ୍ତାର କରେ, ତେଣୁ ମେସିନ୍‌ରେ କଟାଯାଇପାରିବ। ନଚେତ୍ ଔଷଧ ଦେଇ ମରାଯାଇପାରିବ। ଅଥବା ନିଆଁ ଲଗାଯାଇପାରିବ। କିନ୍ତୁ, ସବୁ ପ୍ରକାର ବ୍ୟବସ୍ଥା ସତ୍ତ୍ୱେ ନଳଘାସ ଚିଲିକାରେ କେବଳ ଅଣାୟତ୍ତ ହୋଇନାହିଁ, ବରଂ ଚିଲିକାର ଅପରୂପ ସୌନ୍ଦର୍ଯ୍ୟକୁ ବି ଏହି ଘାସ ପ୍ରଜାତି ବିକୃତ କରି ଦେଲାଣି। ଏହାର ଏକ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ପାଇଁ ଦାବି ଉଠିଲାଣି।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସମାଜ ବିଜ୍ଞାନରେ ସମସାମୟିକ ଗବେଷଣା ପଦ୍ଧତି ଉପରେ ଜାତୀୟ ଆଲୋଚନାଚକ୍ର ଉଦ୍ଘାଟିତ

ଜୟପୁର, ୨୨/୩ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ 'ସମାଜ ବିଜ୍ଞାନରେ ସମସାମୟିକ ଗବେଷଣା ପଦ୍ଧତି' ଶୀର୍ଷକ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଆଜି ଉଦ୍ଘାଟିତ ହୋଇଯାଇଛି । ସମସାମୟିକ ପରିପ୍ରେକ୍ଷୀରେ ସମାଜ ବିଜ୍ଞାନରେ ଗବେଷଣାର ବିଭିନ୍ନ ଦିଗ ଉପରେ ଆଲୋଚନାକୁ ପ୍ରୋତ୍ସାହିତ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଉଦଘାଟନୀ ଉତ୍ସବରେ ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମର ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ଉଦ୍ଘାଟନୀ ଭାଷଣ ଦେଇଥିଲେ। ପ୍ରଫେସର ତ୍ରିପାଠୀ ସେମିନାର ଆୟୋଜନ ପାଇଁ ଅର୍ଥନୀତି ବିଭାଗକୁ ପ୍ରଶଂସା କରିବା ସହ ବିଶ୍ୱବିଦ୍ୟାଳୟ ମଧ୍ୟରେ ଗବେଷଣାର ଗୁଣବତ୍ତା ଏବଂ ଅଗ୍ରଗତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହିତ ଭାରତର ପାରମ୍ପରିକ ଅର୍ଥନୈତିକ ଦୃଷ୍ଟିକୋଣକୁ ଅନ୍ତର୍ଭୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ରେଜିଷ୍ଟ୍ରାର ପ୍ରଫେସର ଏନ୍ ସି ପଣ୍ଡାଙ୍କ ସମେତ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡା ଓ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ମୀନକେତନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସମସାମୟିକ ସମାଜ ବିଜ୍ଞାନ ଗବେଷଣା ପଦ୍ଧତି ଉପରେ ଆଲୋଚନା ପାଇଁ ଏକ ମଂଚ ପ୍ରଦାନ କରିବା ଉଦ୍ଦେଶ୍ୟରେ ସେମିନାରର ଉଦ୍ଦେଶ୍ୟ ସମ୍ପର୍କରେ ଅର୍ଥନୀତି ବିଭାଗ ର ମୁଖ୍ୟ ଡ. ମିନତି ସାହୁ ସ୍ୱାଗତ ଅଭିଭାଷଣ ସହ ଅଧିବେଶନ ଆରମ୍ଭ କରିଥିଲେ । ଏହି ସମାରୋହରେ ସେମିନାର ପାଇଁ ଧାର୍ଯ୍ୟ ୩୧ଟି ଉପସ୍ଥାପନା ସମ୍ବଳିତ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପ୍ରଫେସର ଏନ୍ ସି ପଣ୍ଡା ଗବେଷଣା ପ୍ରୟାସର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଉନ୍ମୋଚିତ ପୁସ୍ତକକୁ ପ୍ରଶଂସା କରିଥିଲେ। ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡା ଓ ପ୍ରଫେସର ମୀନକେତନ ବେହେରା ନିଜ ନିଜ ଅଭିଭାଷଣରେ ସମାଜ ବିଜ୍ଞାନ ଗବେଷଣାର ଉଦୀୟମାନ ଦିଗ ଉପରେ ଆଲୋକପାତ କରିବା ସହ ଉଭୟ ଅର୍ଥନୈତିକ ଓ ଆନ୍ତଃବିଭାଗୀୟ ଦୃଷ୍ଟିକୋଣରୁ ଆଲୋକପାତ କରିଥିଲେ। ସେମାନେ ବିଶ୍ୱବିଦ୍ୟାଳୟ ଢାଂଚାରେ ଗବେଷଣା ଉପରେ ନିୟମିତ ସମୀକ୍ଷା ଏବଂ ଆଲୋଚନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅର୍ଥନୀତି ବିଭାଗର ସହକାରୀ ପ୍ରଫେସର ବିଶ୍ୱଜିତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧ୍ୟାପକ, ଗବେଷକ ଓ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅଧିକାରୀମାନେ ଅଂଶଗ୍ରହଣ କରି ସାମାଜିକ ବିଜ୍ଞାନ କ୍ଷେତ୍ରରେ ଶୈକ୍ଷିକ ଆଲୋଚନାକୁ ସମୃଦ୍ଧ କରିବା ଦିଗରେ ଏକ ଆଶାଜନକ ଆରମ୍ଭ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି ।

# ବଲାଙ୍ଗୀରରେ ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ

ବଲାଙ୍ଗୀର, ୨୨/୩ (ନି.ପ୍ର): ଗଛ ଲଗାଇବା ଓ ଗଛର ସୁରକ୍ଷା କରିବା, ଆମ ପରିବେଶକୁ ସୁରକ୍ଷିତ ରଖିବା। ଏହି ଆହ୍ୱାନ ସହ ଆଜି ବଲାଙ୍ଗୀରରେ ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ବଲାଙ୍ଗିର ଡିଏଫ୍‌ଓ ସୁଦର୍ଶନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲ୍‌ୱାର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ମାନବ ସମାଜ ପାଇଁ ଗଛର ଆବଶ୍ୟକତା ସଂପର୍କରେ ଆଲୋକପାତ କରିଛନ୍ତି। ଅନ୍ୟତମ ଅତିଥି ଭାବେ ବଲାଙ୍ଗିର ଜିଲ୍ଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ କୁମାର ଭଂଜ, ୱାଟରସେଡ୍ ପିଡ଼ି ମହୀତୋସ ଦାଶ ପ୍ରମୁଖ ଯୋଗଦାନ କରିଥିବାବେଳେ ବନ ସଂରକ୍ଷଣ ସଂପର୍କରେ ଅଭିଭାଷଣ ପ୍ରଦାନ କରିଛନ୍ତି। ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବନ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ସହରର ବହୁ ବୁଦ୍ଧିଜୀବୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

## ଟ୍ରକକୁ ପଛରୁ ପିଟିଲା ଟ୍ରକ୍: ଜିଅନ୍ତା ଜଳିଗଲେ

ନୂଆପଡ଼ା, ୨୨/୩ (ନି.ପ୍ର): ଟ୍ରକକୁ ପଛରୁ ପିଟିଲା ଟ୍ରକ୍। ଧକ୍କା ହେବାପରେ ଜଳିଗଲା ପଛରେ ଥିବା ଟ୍ରକ୍। ଜିଅନ୍ତା ଜଳିଗଲେ ଡ୍ରାଇଭର। ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ବିଜୁ ଏକ୍ସପ୍ରେସ ୱେ ଚଟିଆଗୁଡ଼ା ନିକଟରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଆଗରେ ଥିବା ଟ୍ରକଟି ହଠାତ ବ୍ରେକ କରିଥିବା ବେଳେ ପଛରେ ଥିବା ଟ୍ରକଟି ଭରସାମ୍ୟ ହରାଇ ଆଗ ଟ୍ରକକୁ ଧକ୍କା ଦେଇଥିଲା। ଧକ୍କା ପରେ ଟ୍ରକରେ ନିଆଁ ଲାଗି ଯାଇଥିଲା। ଡ୍ରାଇଭରକୁ ଉଦ୍ଧାର କରିବା ପାଇଁ ଅନେକ ଚେଷ୍ଟା କରାଯାଇଥିବା ବେଳେ ଷ୍ଟିଅରିଙ୍ଗ ଓ ସିଟରେ ଚାପି ହୋଇଥିବାରୁ ବାହାର କରାଯାଇ ପାରି ନଥିଲା। ଘଟଣାସ୍ଥଳରେ ସିନାପାଲି ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଲିଭାଇଥିଲେ ମଧ୍ୟ ଡ୍ରାଇଭରଙ୍କୁ ଜୀବନ୍ତ ଉଦ୍ଧାର କରି ପାରିନଥିଲେ। ଉଭୟ ଟ୍ରକ ରାଜସ୍ଥାନ ଅଞ୍ଚଳର ବୋଲି ଜଣାପଡ଼ିଛି।

# ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଛି ରାଇରଙ୍ଗପୁର ବସଷ୍ଟାଣ୍ଡ



ରାଇରଙ୍ଗପୁର, ୨୨/୩ (ନି.ପ୍ର): ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ବସଷ୍ଟାଣ୍ଡ ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସୂଚନା ଅନୁଯାୟୀ ରାଇରଙ୍ଗପୁର ବସଷ୍ଟାଣ୍ଡରେ ଦୀର୍ଘବର୍ଷ ହେବ ଏକ ବିଦେଶୀ ମଦ ଦୋକାନ ଅଛି ଏବଂ ଯେଉଁଥିପାଇଁ ଯାତ୍ରୀମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଉକ୍ତ ମଦ ଦୋକାନ ଉପରେ ବଡ଼ବଡ଼ ଅକ୍ଷରରେ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଲେଖାଯାଇଛି। ତେବେ ତାହାକୁ ମଦୁଆମାନେ ମାନୁନଥିବାର ଦୃଶ୍ୟ ଦେଖିବାକୁ ମିଳେ। ମଦ ଦୋକାନରୁ ମଦ କିଣି ବସଷ୍ଟାଣ୍ଡରେ ଯାତ୍ରୀମାନଙ୍କ ନିମନ୍ତେ ବସିବା ପାଇଁ ଥିବାସ୍ଥାନରେ ମଦ ପିଇଥାନ୍ତି। ଫଳରେ ଯାତ୍ରୀମାନେ ବସକୁ ତଳେ କିମ୍ବା ଗଛମୂଳରେ ବସି ଅପେକ୍ଷା କରିବାକୁ ପଡ଼ିଥାଏ। ଏହାବ୍ୟତୀତ ଅଧିକାଂଶ ସମୟରେ ମଦ୍ୟପାନ କରି ଯାତ୍ରୀମାନଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରୁଥିବାର ମଧ୍ୟ ଅଭିଯୋଗ ହୁଏ। ରାଇରଙ୍ଗପୁର ଟାଉନ୍ ଥାନା ପୁଲିସ ମଧ୍ୟ ବାରମ୍ବାର ମଦୁଆମାନଙ୍କୁ ଉଠାଇ ନେଇଥାଏ। ତଥାପି ମଦୁଆମାନେ ନିଜ ଇଚ୍ଛାରେ ସେଠାରେ ମଦ୍ୟପାନ କରିଥାନ୍ତି। ପ୍ରତ୍ୟେକ ଦିନ ସକାଳୁ ବସଷ୍ଟାଣ୍ଡରୁ ମ୍ୟୁନସିପାଲଟିର ଗାଡ଼ି ଆସି ହଜାର ହଜାର ମଦ ବତଲ ଓ ଗ୍ଲାସ୍ ସେଠାରୁ ଉଠାଇଥାନ୍ତି। ସେନେଇ ବିଭିନ୍ନ ବୁଦ୍ଧିଜିବୀ ଓ ମହିଳା ସଂଗଠନ ପକ୍ଷରୁ ଦୋକାନ ସମ୍ମୂଖ୍ୟକୁ ଯାଇ ଉକ୍ତ ମଦ ଦୋକାନକୁ ସ୍ଥାନାନ୍ତର କରିବାକୁ ଦାବିକରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଯାତ୍ରୀଙ୍କ ନିମନ୍ତେ ବସିବା ପାଇଁ ଥିବା ପିଣ୍ଡିରେ ଅଇଁଠା ମଦ ବତଲ ସମେତ ଚାଖଣା ପଲିଥିନ ପଡ଼ିରହିଥାଏ। ତେବେ ଉକ୍ତ ପିଣ୍ଡିରୁ ମ୍ୟୁନସିପାଲଟିର ଗାଡ଼ିରେ ଆସୁଥିବା ସଫେଇ କର୍ମଚାରୀମାନେ କେବେ ବି ?ବୋତଲ ସଫା କରୁନଥିବା ଦେଖିବାକୁ ମିଳେ ଯଦି କୌଣସି ଭଦ୍ରବ୍ୟକ୍ତି ପିଣ୍ଡିରେ ଥିବା ବତଲକୁ ସଫା ଓ ଅଇଁଠାପତ୍ର ସଫା କରିବା ପାଇଁ ସଫେଇ କର୍ମଚାରୀଙ୍କୁ କହିଲାପରେ ମଧ୍ୟ ସଫା କରିବା ପାଇଁ ସିଧା ସଳଖ ମନା କରିଦେଇଥାନ୍ତି।

# ସାଇବର ଠକଙ୍କ ଜାଲରେ ଔଷଧ ବ୍ୟବସାୟୀ: ଠକିନେଲେ ୪୦,୫୦୦



ରାଉରକେଲା, ୨୨/୩ (ନି.ପ୍ର): ସାଇବର ଠକଙ୍କ ଜାଲରେ ଫସିଯାଇଛନ୍ତି ରାଉରକେଲାର ଜଣେ ବ୍ୟବସାୟୀ। ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା ଅନ୍ତର୍ଗତ ବିଭିନ୍ନ ଔଷଧର ବିତରକ କରାଇଦେବା ନାଁରେ ୪୦,୫୦୦ ଟଙ୍କା ଠକି ନେଇଛନ୍ତି। ଏନେଇ ଝିରପାଣି ଥାନାରେ ଲିଖିତ ଅଭିଯୋଗ ହୋଇଛି। ସହରର ଜଣେ ବ୍ୟକ୍ତିଙ୍କ ମେଡିକାଲ ଷ୍ଟୋର ରହିଛି। ଗତ ୧୮ ତାରିଖର ଘଟଣା। ସଂପୃକ୍ତ ବ୍ୟବସାୟୀ ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍‌ରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନଷଧି ପରିଯୋଜନାର ବିତରକ ହେବା ସଂକ୍ରାନ୍ତୀୟ ଏକ ବିଜ୍ଞାପନ ଦେଖିଥିଲେ। ସେଥିରେ ସେ ବିତରକ ହେବାକୁ ଇଚ୍ଛା ଜାହିର କରି ଏକ କମେଣ୍ଟ୍ ଦେଇଥିଲେ। ଉକ୍ତ କମେଣ୍ଟ୍‌କୁ ଆଧାରକରି ପ୍ରଥମେ ଠକ ଦଳ ବ୍ୟବସାୟୀଙ୍କ ଫୋନ ନମ୍ବର ମାଗିଥିଲେ। ପରେ ଫୋନ ମାଧ୍ୟମରେ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇଥିଲେ। ସାଇବର ଠକଙ୍କ ଜାଲରେ ପଡ଼ି ବ୍ୟବସାୟୀ ଜଣକ ବିତରକ ହେବାକୁ ସମ୍ମତି ଦେବାପରେ ଠକଦଳ ପଞ୍ଜିକରଣ ବାବଦକୁ ୫ ହଜାର ଟଙ୍କା ମାଗିଥିଲେ। ଦାବି ମୁତାବକ ଟଙ୍କା ଦେବାପରେ ଠକଦଳ ରସିଦ ଦେବାରୁ ବ୍ୟବସାୟୀଙ୍କ ଆସ୍ଥା ଜମିଥିଲା। ପରେ ଏଗ୍ରିମେଣ୍ଟ୍ ବାବଦକୁ ୩୫,୫୦୦ ଟଙ୍କା ପୈଠ କରିବାପରେ ଚୁକ୍ତିନାମାର ନଥିପତ୍ର, ପରିଚୟ ପତ୍ର ଆଦି ପଠାଇଥିଲେ। ସମସ୍ତ ଟଙ୍କା ଲେଣଦେଣ କାରବାର ଫୋନ୍ ପେ' ମାଧ୍ୟମରେ ହୋଇଥିଲା। ଅପରପକ୍ଷରେ ଟଙ୍କା ପୈଠ ହେବାପରେ ଠକଦଳ ନୂଆ ବାହାନା କରି ଏକ ତଦନ୍ତକାରୀ ଦଳ ସ୍ଥାନ ପରିଦର୍ଶନରେ ଯିବାକୁ କହିଥିଲେ। ତେବେ ଏହି ଦଳର ଗସ୍ତ ପୂର୍ବରୁ ଆହୁରି ୬୦ ହଜାର ଟଙ୍କା ଦାବି କରିବାରୁ ବ୍ୟବସାୟୀଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା। ପରେ ଖୋଳତାଡ଼ କରିବାରୁ ଠକ ସଂସ୍ଥାବୋଲି ଜଣାପଡ଼ିବାପରେ ଝିରପାଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଗଞ୍ଜେଇ ଚାଲାଣ ବେଳେ ଚଢାଉ, ୨ ଗିରଫ

ଜୟପୁର, ୨୨/୩ (ନି.ପ୍ର): ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଜୟପୁର ସଦର ପୋଲିସ ଚଢାଉ କରି ଦୁଇ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବିହାର ରାଜ୍ୟର ଅଭିମନ୍ୟୁ ରାୟ (୨୯) ସୁଭଜିତ କୁମାର (୨୮) । ପୋଲିସ ସୁଚନା ଅନୁଯାଇ ସଦର ପୋଲିସ ରାତ୍ର ପେଟ୍ରୋଲି କରୁଥିବା ବେଳେ ଜାତୀୟ ରାଜପଥ ୨୬ର କୁମୁଲିପୁଟ ବ୍ରିଜ ନିକଟରେ ସନ୍ଦେହରେ ଟାଟା କଣ୍ଟେନରକୁ ଯାଂଚ କରିଥିଲା । ସେଥିରୁ ୧୯ ପ୍ୟାକେଟରୁ ୩୯୭ କେଜି ଗଞ୍ଜେଇ ଜବତ କରିବା ସହ ଦୁଇ ଅଭିଯୁକ୍ତ ଅଭିମନ୍ୟୁ ରାୟ (୨୯) ସୁଭଜିତ କୁମାର (୨୮)କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଠାରୁ ଗଞ୍ଜେଇ, ଟାଟା କଣ୍ଟେନର ଓ ୩ଟି ମୋବାଇଲକୁ ଜବତ କରିଛି । ଅଭିଯୁକ୍ତ ମାନେ ମାଲକାନଗିରି ଜିଲାର ଉପାନ୍ତ ଅଂଚଳରରୁ ଗଞ୍ଜେଇ ଆଣି ଜୟପୁର ନବରଙ୍ଗପୁର ଦେଇ ବିହାର ରାଜ୍ୟକୁ ଚାଲାଣ କରୁଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି । ୨ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ଛାତ୍ରଙ୍କୁ ଜାତି ଆକ୍ଷେପ କରିଥିବା ଶିକ୍ଷକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି




ବୌଦ୍ଧ, ୨୨/୩ (ନି.ପ୍ର): କଣ୍ଟାମାଳ ବ୍ଲକ୍ ମନମୁଣ୍ଡା ଥାନା ଅନ୍ତର୍ଗତ ଯୋଗୀନ୍ଦ୍ରପୁର ହାଇସ୍କୁଲରେ ଗତ ମାସରେ ଅନୁଷ୍ଠିତ ସରସ୍ୱତୀ ପୂଜା ଅବସରରେ ୧୦ମ ଶ୍ରେଣୀ ପଢୁଥିବା ଜଣେ ଛାତ୍ରଙ୍କୁ ପ୍ରଧାନଶିକ୍ଷକଙ୍କ ସମେତ ସଂସ୍କୃତ ଶିକ୍ଷୟିତ୍ରୀ ଓ ବିଜ୍ଞାନ ଶିକ୍ଷକ ଜାତି ଆକ୍ଷେପ କରି ଛୁଆଁ ଅଛୁଆଁ ଭେଦଭାବ କରିଥିବା, ଏପରିକି ପ୍ରସାଦ ସେବନରୁ ଦୂରେଇ ରହିବାକୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗତ ୧୭ତାରିଖରେ ବୌଦ୍ଧ ଜିଲ୍ଲା ପାଣ-ଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନଥିବା ଦର୍ଶାଇ ଗୁରୁବାର ଉକ୍ତ ପରିଷଦ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଗଣଧାରଣା ଦିଆଯାଇଥିଲା। ତେବେ ଉକ୍ତ ପରିଷଦର ଅଭିଯୋଗ ଆଧାରରେ ତଦନ୍ତ କରାଯାଇ ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରାଯାଇଛି। ଏଥିସହ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ସାଧାରଣ ନିର୍ବାଚନ ପରେ ସରକାରୀ ନୀତି ନିୟମ ମୁତାବକ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ଦିଆଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବୌଦ୍ଧ ଜିଲ୍ଲା ପାଣ-ଗଣ୍ଡା ସମାଜ ବିକାଶ ପରିଷଦ ସାଧାରଣ ସମ୍ପାଦକ ସୁଧାଂଶୁ ଡାଙ୍ଗଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଗଣଧାରଣାରେ ସଙ୍ଗଠନର ଜିଲ୍ଲା ଉପସଭାପତି ମକରଧ୍ୱଜ ମହାନନ୍ଦିଆ, ଦଶରଥ ବେହେରା, କୋଷାଧ୍ୟକ୍ଷ ରାମଚନ୍ଦ୍ର ତାଣ୍ଡି, ସହକାରୀ କୋଷାଧ୍ୟକ୍ଷ ଶ୍ରୀନିବାସ ହାତୀ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ନନ୍ଦିନୀ ନାଏକ, ଧରଣୀଧର ବିଭାର, ରମେଶ ମହାନନ୍ଦିଆ, ବିଶ୍ୱଜିତ ହରିପାଲ, ବରିଷ୍ଠ ସମାଜସେବୀ ଜୟରାମ ହରିପାଲ, ଜଗବନ୍ଧୁ ବାଦୀ, ଚିତ୍ତରଞ୍ଜନ ବେହେରା, ବାମନ ବେହେରା, ହରିବନ୍ଧୁ ହରିପାଲ, ଶ୍ରୀଧର କୁମ୍ଭାର, ସୁବ୍ରତ ଜଗଦଲା, ଲଳିତ କହଁର, ସନତ କହଁର, ଭୁବନ ଭବସାଗର, କପିଳ ଭବସାଗର, ବରୁଣ ରାଜଦୀପ ପ୍ରମୁଖ ସାମିଲ ହୋଇଥିଲେ।

# ମାଲକାନଗିରି ସୀମାନ୍ତ ଦଣ୍ଡିପଦର ଗ୍ରାମର ଦୁଃଖ: ପାଣି ପାଇଁ ସୀମା ପାର କରୁଛନ୍ତି ଗ୍ରାମବାସୀ



ମାଲକାନଗିରି, ୨୨/୩ (ନି.ପ୍ର): ସୀମାନ୍ତ ଗ୍ରାମଗୁଡିକରେ ବହୁ ସମସ୍ୟା ରହିଛି। ସୀମାନ୍ତ ଗ୍ରାମଗୁଡିକ ନକ୍ସଲ ପ୍ରବଣ ହୋଇଥିବାରୁ ସରକାରୀ ଯୋଜନା ସେଠାରେ ପହଞ୍ଚିପାରୁନାହିଁ। ଯାହାଫଳରେ ଲୋକେ ଅତି ଦୟନୀୟ ଜୀବନଯାପନ କରୁଛନ୍ତି। ଏଭଳି ଏକ ଗ୍ରାମ ହେଉଛି ମାଥିଲି ବ୍ଲକର ମହୁପଦର ପଞ୍ଚାୟତର ଦଣ୍ଡିପଦର ଗ୍ରାମ। ଏହି ଗ୍ରାମଟି ସୀମାନ୍ତ ଛତିଶଗଡକୁ ଲାଗି ରହିଛି। ଦଣ୍ଡିପଦର ଗ୍ରାମଟି ପାହାଡ଼ ଉପରେ ରହିଛି। ଏହି ଗ୍ରାମରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଦଣ୍ଡିପଦର ଗ୍ରାମକୁ ନକ୍ସଲ ସଂପୂର୍ଣ୍ଣ ନିଜ ଅକ୍ତିଆରରେ ରଖିଥିଲେ। ଏବେ ମହୁପଦର ଠାରେ ବିଏସଏଫ କ୍ୟାମ୍ପ ହେବା ପରେ ନକ୍ସଲଙ୍କ ଗତିବିଧି ଆଉ ଏହି ଗାଁରେ ନଥିବା କୁହାଯାଇଛି। କିନ୍ତୁ ଗ୍ରାମବାସୀଙ୍କ ପାଖରେ ଆଜି ବି ସରକାରୀ ମୌଳିକ ସୁବିଧା ପହଞ୍ଚିପାରୁ ନାହିଁ। ଗ୍ରାମରେ ରହିଥିବା ତିନୋଟି ନଳକୂପ ମଧ୍ୟରୁ ଦୁଇଟି ଅଚଳ ହୋଇ ପଡ଼ିଥିବା ବେଳେ ଅନ୍ୟଟିରେ ଗୋଳିଆ ପାଣି ବାହାରୁଥିବାରୁ ଲୋକେ ଏହି ପାଣିକୁ ପିଇବା ପାଇଁ ବ୍ୟବହାର କରୁନଥିବା କହିଛନ୍ତି। ପାଣି ପାଇଁ ସେମାନଙ୍କ ପାହାଡ ଓହ୍ଲାଇ ସୀମା ପାର କରି ଛତିଶଗଡ଼ର ଏ ଝରଣା ଓ ଚୁଆ ପାଣି ଉପରେ ନିର୍ଭର କରୁଛନ୍ତି। ପ୍ରତିଦିନ ସକାଳୁ ମହିଳାମାନେ ଚାଲିଚାଲି ସୀମା ପାର କରି ଝରଣା ଓ ଚୁଆ ପାଣି ସଂଗ୍ରହ କରି ନିଜର ନିତ୍ୟ ବ୍ୟବହାରରେ ଲଗାଉଥିବା କହନ୍ତି। ଆଗକୁ ନିର୍ବାଚନ ରହିଥିବା ବେଳେ ଗ୍ରାମବାସୀ ଗ୍ରାମରେ ପାଣିର ସୁବିଧା ନହେଲେ ଭୋଟ ବର୍ଜନ ନେଇ ମଧ୍ୟ ଚେତାବନୀ ଦେଇଛନ୍ତି। ନକ୍ସଲ ପ୍ରବଣ ଅଂଚଳ ହୋଇଥିବାରୁ ଏହି ଅଂଚଳର ଲୋକେ ଭୋଟ ଦେବା ଭୁଲି ଯାଇଥିଲେ। କିନ୍ତୁ ଏଥର ସୁରକ୍ଷା କଡାକଡି ହୋଇଥିବାରୁ ଲୋକେ ଭୋଟ ଦେବେ ବୋଲି ଚିନ୍ତା କରିଥିଲେ। ପୂର୍ବରୁ ନକ୍ସଲ ଏମାନଙ୍କୁ ଭୋଟ ବର୍ଜନ କରିବାକୁ ତାଗିଦ କରୁଥିଲେ। କିନ୍ତୁ ଗ୍ରାମରେ ଲାଗି ରହିଥିବା ସମସ୍ୟାଗୁଡିକକୁ ସରକାର ପୂରଣ କରୁନଥିବାରୁ ଏଥର ସେମାନେ ନିଜେ ଭୋଟ ବର୍ଜନ କରିବା ପାଇଁ ସ୍ଥିର କଲେଣି। ପାହାଡ଼ ଉପରେ ଗାଁଟି ଥିବାରୁ ଗ୍ରାମବାସୀ ନିଜେ ରାସ୍ତା କରିବା ପରେ ପ୍ରଶାସନର ଚେତା ପଶିଥିଲା। ଏବେ ଗାଁରେ ଉତ୍କଟ ଜଳ ସମସ୍ୟା ଲାଗି ରହିଥିବା ବେଳେ ଏନେଇ ପ୍ରଶାସନ କିମ୍ବା ସରକାର କୌଣସି ପଦକ୍ଷେପ ନନେବା ଯୋଗୁଁ ଲୋକଙ୍କ ଅସଂତୋଷ ବଢିବାରେ ଲାଗିଛି। ଗ୍ରାମବାସୀଙ୍କ ଦୁଃଖ ହେଲା ପାନୀୟ ଜଳ। ସରକାର ଏହି ଗୋଟିଏ ସୁବିଧା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏବେ ନକ୍ସଲ ଏହି ଅଂଚଳରେ ତାଂକର ଗତିବିଧିକୁ କମାଇ ଦେଇଥିବାରୁ ଲୋକେ ଆଶ୍ୱସ୍ତ ହେଲେ ସତ କିନ୍ତୁ ଲୋକେ ନକ୍ସଲକୁ ସମର୍ଥନ ଛାଡି ଏବେ ମୁଖ୍ୟସ୍ରୋତରେ ସାମିଲ ହୋଇ କଣ ପାଇଲେ ବୋଲି ପ୍ରଶ୍ନ କରୁଛନ୍ତି। ସୀମାନ୍ତ ଗ୍ରାମ ହୋଇଥିବାରୁ ଲୋକେ ଓଡ଼ିଶା ଅପେକ୍ଷା ଛତିଶଗଡ଼କୁ ଯିବାକୁ ପସନ୍ଦ କରୁଛନ୍ତି। ହାଟ ବଜାର ସହ ବୈବାହିକ ସଂପର୍କ ମଧ୍ୟ ଛତିଶଗଡ ସହ ଲୋକେ କଲେଣି। ତେଣୁ ବେଳ ଥାଉ ଥାଉ ପ୍ରଶାସନ ଓ ସରକାର ଗ୍ରାମବାସୀଙ୍କ ଦୁଃଖ ଦୁର କରି ଓଡିଶା ମୁହାଁ କରିବା ଦରକାର ବୋଲି ମତ ପ୍ରକାଶ ପାଇଛି।

# ଓଡିଶା ରାଜନୀତିର ଚାଣକ୍ୟ ଦାମ ରାଉତଙ୍କ ବିୟୋଗରେ ପାରାଦୀପରେ ଗଭୀର ଶୋକ : ଦଳମତ ନିର୍ବିଶେଷରେ ଭାବାବେଗ ଶ୍ରଦ୍ଧାଞ୍ଜଳି



ପାରାଦୀପ , ୨୨/୩ (ନି.ପ୍ର): କିମ୍ବଦନ୍ତୀ ରାଜନେତା ତଥା ଓଡିଶା ରାଜନୀତିର ଚାଣକ୍ୟ କୁହାଯାଉଥିବା ଡା. ଦାମୋଦରଙ୍କର ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ୮୩ ବର୍ଷ ବୟସରେ ଶୁକ୍ରବାର ସକାଳ ୫ ଟା ୨୩ ମିନିଟ ସମୟରେ ଦେହାନ୍ତ ହୋଇଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁତ୍ର ତଥା ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ପୁତ୍ର ବଧୂ ଓ କନ୍ୟା ଉପସ୍ଥିତ ଥିଲେ । ୧୯୭୭ ମସିହାରେ ବିଜୁ ବାବୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ରାଜନୀତିରେ ପାଦ ଥାପିଥିବା ସ୍ୱର୍ଗତ ଡା.ରାଉତ ବିଧାନସଭା ନିର୍ବାଚନରେ ୭ ଥର ବିଜୟୀ ହୋଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବେ ସଫଳତାର ସହ କାର୍ଯ୍ୟ କରି ବେସ ସୁନାମ ଅର୍ଜନ କରିଥିଲେ । ତାଙ୍କ ଦେହାନ୍ତ ପରେ ତାଙ୍କ ମରଶରୀରକୁ ଭୁବନେଶ୍ୱରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ପରେ ତାଙ୍କ ପାରାଦୀପ ନିର୍ବାଚନ ମଣ୍ଡଳୀ ଓ ପାରାଦୀପ ଠାରେ ଥିବା ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟକୁ ଅଣାଯାଇଥିଲା । ସେଠାରେ ପାରାଦୀପ ବିଜେଡି ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ବିଜେପି ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନ, ବିଜେପି ନେତା ସର୍ବେଶ୍ୱର ବଳିୟାରସିଂହ, ବିଜେଡି ନେତା କୁମରବର ନାୟକ, ଚିନ୍ମୟ ପରିଡା,ଅସହାୟ କଲ୍ୟାଣ ସମିତିର ମୁଖ୍ୟ ଉପଦେଷ୍ଟା ପ୍ରୀତିରଞ୍ଜନ ମହାପାତ୍ରଙ୍କ ସମେତ ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ବ୍ୟକ୍ତିତ୍ୱ, ଶ୍ରମିକ ନେତା, ବୁଦ୍ଧିଜୀବୀ ଓ ବହୁ ଦଳୀୟ କର୍ମୀ ତାଙ୍କର ପ୍ରିୟ ନେତା ଦାମ ବାବୁଙ୍କର ଶେଷ ଦର୍ଶନ କରିଥିଲେ । ଏହାପରେ ତାଙ୍କ ପାର୍ଥିବ ଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ପାରାଦୀପ ସହର ଏବଂ ନିର୍ବାଚନ ମଣ୍ଡଳୀ ପରିକ୍ରମା କରାଯାଇ ପୁରୀର ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା ।

# ଏଏମ୍/ଏନ୍ଏସ ପକ୍ଷରୁ ୫୩ ତମ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ



ପାରାଦୀପ, ୨୨/୩ (ନି.ପ୍ର): ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନଏସ) ପକ୍ଷରୁ ୫୩ ତମ ଜାତୀୟ ସୁରକ୍ଷା ସପ୍ତାହ ଉଦଯାପିତ ହୋଇଯାଇଛି । ସପ୍ତାହବ୍ୟାପି କାର୍ଯ୍ୟକ୍ରମରେ ପଥପ୍ରାନ୍ତ ନାଟକ, ସୁରକ୍ଷା ସମ୍ପର୍କିତ ତାଲିମ ସମେତ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କର୍ମଚାରୀମାନେ ସୁରକ୍ଷିତ ହେଲେ ଏକ ଦୃଢ଼ ଶିଳ୍ପ ସଂସ୍ଥା ଗଠିତ ହୋଇପାରିବ ବୋଲି ଏଏମ୍/ଏନଏସ ଓଡିଶା ଅପରେଶନ ହେଡ୍ ସୁରେଶ ଜି ଉଦଯାପନୀ ସମାରୋହର ମତବ୍ୟକ୍ତ କରିଥିଲେ । ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଏଏମ୍/ଏନଏସ ସବୁବେଳେ ଗୁରୁତ୍ୱ ଦେଇଆସିଛି । ଆଗାମୀ ଦିନରେ ଏହା ବଳବର ରହିବ ବୋଲି କହିଥିଲେ । ପିଲେଟ୍ ପ୍ଲାଣ୍ଟ ମୁଖ୍ୟ ୟୁଏସଆର ରାଜୁ, ପାୱାର ପ୍ଲାଣ୍ଟ ମୁଖ୍ୟ ସରୋଜ ପଟ୍ଟନାୟକ, ପରିଚାଳନା ମୁଖ୍ୟ ସିଏଚ ହରିପ୍ରସାଦ, ସ୍ୱାସ୍ଥ୍ୟ ଓ ସୁରକ୍ଷା ମୁଖ୍ୟ ସଂଜୟ ମୁଦୁଲି ପ୍ରମୁଖ ଯୋଗ ଦେଇ ସୁରକ୍ଷା ସମ୍ପର୍କିତ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ ।

# ଭୋଟର ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର, ୨୨/୩ (ନି.ପ୍ର): ଆଜି ସକାଳେ ଧମା ଅଂଚଳର ମା'' ଝାଡେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ଭୋଟର ସଚେତନତା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପ୍ରାରମ୍ଭରେ ବିଦ୍ୟାଳୟ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଏକ ଶୋଭାଯାତ୍ରାରେ ସମଗ୍ର ଧମା ଅଂଚଳ ପରିକ୍ରମା କରିବା ସହ ଭୋଟରମାନଙ୍କ ଦାୟିତ୍ୱ ଓ ରାଷ୍ଟ୍ର ପ୍ରତି ସେମାନଙ୍କ କର୍ତ୍ତବ୍ୟକୁ ନେଇ ସଚେତନତା ଜାଗରଣ କରିଥିଲେ । ଏହି ଅବସରରେ ଆୟୋଜିତ ସଭାରେ ଅନୁଷ୍ଠାନର ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତ ସଭାପତିତ୍ୱ କରିଥିବା ବେଳେ ସଭାରେ ମୁଖ୍ୟବକ୍ତା ଭାବେ ପାର୍ବତୀ ଗିରି କଲେଜର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ସୁନୀଲ କୁମାର ସାହୁ ଯୋଗଦେଇ ଭାରତ ଭଳି ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ଜରିଆରେ ଶାସକ ଚୟନ କରିବାର ବ୍ୟବସ୍ଥା ରହିଥିବାରୁ ଉପଯୁକ୍ତ ଲୋକପ୍ରତିନିଧି ଚୟନ ହେଉଛି, ଯାହାକି ଭାରତ ଗଣତନ୍ତ୍ରର ଏହା ଏକ ମେରୁଦଣ୍ଡ ବୋଲି ସଚେତନ କରାଇଥିଲେ । ଏଣୁ ଏହାର ଗୁରୁତ୍ୱ ପ୍ରତି ପ୍ରତ୍ୟେକ ଦେଶବାସୀ ତଥା ମତଦାତାମାନେ ସଚେତନ ହେବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ । ଏହି କ୍ରମରେ ଆୟୋଜିତ ହୋଇଥିବା "ମୋ ଭୋଟ ମୋ ଅଧିକାର" ବିଷୟକୁ ନେଇ ଏକ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅଧ୍ୟାପକ ରବିନ୍ଦ୍ର ନାରାୟଣ ଠାକୁରଙ୍କ ସଂଯୋଜନାରେ ପୁରସ୍କାର ପ୍ରଦାନ କରାଯାଇଥିଲା । କୃତି ମେଧାବୀଙ୍କ ମଧ୍ୟରେ ଶିବାନୀ ନାଏକ, ହରପ୍ରିୟା ପୋଢ ଓ ସରିତା ମିରିଗ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏନ୍ ଏସ୍ ଏସ୍ କାର୍ଯକ୍ରମ ଅଧିକାରୀ ସ୍ମାରକୀ ମାହାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଦୀପ୍ତିରେଖା ପଣ୍ଡା, ସଂଗ୍ରାମ କେଶରୀ ମିଶ୍ର, ସୁଶ୍ରୀତ ଷଡଙ୍ଗୀ, ସୁଶୀଲ କୁମାର ବାଗ, ଚୈତନ୍ୟ ସେନାପତି ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଦୀର୍ଘ ୩୨ବର୍ଷ ପରେ ନୀଳଗିରି ଅଯୋଧା ଅଞ୍ଚଳରେ ଘଟିଥିବା ହତ୍ୟା ଉଦ୍ୟମର ରାୟ ପ୍ରକାଶ: ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ନୀଳଗିରି , ୨୨/୩ (ନି.ପ୍ର): ଦୀର୍ଘ ୩୨ବର୍ଷ ତଳେ ବହୁ ଚର୍ଚ୍ଚିତ ଅଯୋଧା ଅଞ୍ଚଳର ମନ୍ମଥ ମହାନ୍ତିଙ୍କୁ ହତ୍ୟା ଉଦ୍ୟମର ରାୟ ପ୍ରକାଶ ପାଇଛି । ଏହି ହତ୍ୟା ଉଦ୍ୟମରେ ଅଭିଯୁକ୍ତ ତିନିଜଣଙ୍କୁ ନୀଳଗିରି ସେସନ୍ ଜଜ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଏକ ବର୍ଷ ଜେଲଦଣ୍ଡ ସହ ୪ହଜାର ଟଙ୍କା ଜୋରିମାନା ଆଦେଶ ଶୁଣାଇଛନ୍ତି । ଅଭିଯୁକ୍ତ ବାମନ ଚନ୍ଦ୍ର ନାୟକ, କଟିନ ଓରଫ ସନ୍ତୋଷ ଦାସ, ଏବଂ ବେଙ୍ଗ ଓରଫ ସୁଧିରଞ୍ଜନ ଦାସ ସମସ୍ତ ଅଭିଯୁକ୍ତ ଅଯୋଧା ଗ୍ରାମର ହୋଇଥିବା ବେଳେ ଦୀର୍ଘ ୩୨ବର୍ଷ ତଳ ଘଟଣାର ଗତ ଫେବୃଆରୀ ୨୯ତାରିଖରେ ରାୟ ପ୍ରକାଶ କରିଛନ୍ତି ନୀଳଗିରିର ମାନ୍ୟବର ସେସନ୍ସ ଜଜ୍ ଶ୍ରୀମତୀ ସୁନନ୍ଦା ପ୍ରଧାନ । ପରିବାର ଲୋକ ନ୍ୟାୟାଳୟ ଉପରେ ଆସ୍ଥା ରଖିଥିବା ବେଳେ ଡେରିରେ ହେଉ ପଛେ ଘଟଣାର ରାୟ ପ୍ରକାଶ ପାଇବା ଏବଂ ଦୋଷୀଙ୍କୁ ଦଣ୍ଡ ମିଳିବା ପରେ ପରିବାର ଲୋକ ଆତ୍ମ ସନ୍ତୋଷ ପ୍ରକାଶ କରିଛନ୍ତି ।

# ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗିର ବାର୍ଷିକ ସାଧାରଣ ସଭା

ବଲାଙ୍ଗିର, ୨୨/୩ (ନି.ପ୍ର): ସଭାପତି ଗୋବିନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ବଲାଙ୍ଗିର ଠାରେ ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗିର ଶାଖାର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସର୍ବ ପ୍ରଥମେ ମୁଖ୍ୟ ଅତିଥି ସୁଧାଂଶୁ ଶେଖର ବାବୁ ସମ୍ମାନିତ ଅତିଥି ବିନୋଦ ବିହାରୀ ମିଶ୍ର ଏବଂ ସତ୍ୟବନ୍ତ ବେଦବାକ ଗଣେଶ, ସମଲେଇ ଓ ପାଟଣେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ସାଧାରଣ ସଂପାଦକ ମଲିଆ ଗଡୁଆ ବାର୍ଷିକ ବିବରଣୀ ପାଠ କରିବା ସଙ୍ଗେ ସଙ୍ଗେ ଆୟ ବ୍ୟୟର ଉପସ୍ଥାପନ କରିଥିଲେ । ନୂତନ ଭାବେ ବିଭୁତି ଭୂଷଣ ତ୍ରିପାଠୀ, ପଦ୍ମଲୋଚନ ସେଠ୍, ନବ କିଶୋର ପଧାନ, ଗୌର ଚରଣ ପୁରୋହିତ, ହରେକୃଷ୍ଣ ତ୍ରିପାଠୀ, ବାସୁଦେବ ମେହେର, ସୂର୍ଯ୍ୟମଣି ପୁରୋହିତ, ଛାୟାକାନ୍ତ ସାହୁ, ଦେବେନ୍ଦ୍ର କୁମାର ଦାଶ ଏବଂ ଦୟାନିଧି ନାଏକ ଆଜିବନ ସଦସ୍ୟତା ଗ୍ରହଣ କରିଥିଲେ । ଉପରୋକ୍ତ ସଭ୍ୟବୃନ୍ଦ ନିଜର ପରିଚୟ ପ୍ରଦାନ କରିଥିଲେ ଏବଂ ସଂଘ ନୂତନ ସଭ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଆଜିକାର ସଭାରେ ବିନୋଦ ବିହାରୀ ମିଶ୍ର, ସତ୍ୟବନ୍ତ ବେଦବାକ ଏବଂ ସୁଧାଂଶୁ ଶେଖର ବାବୁ ନିଜର ବକ୍ତବ୍ୟରେ ସଂଘକୁ ଅନେକ ଗୁଡିଏ ମାର୍ଗ ଦର୍ଶନ ଦେଇଥିଲେ । ଉପସଭାପତି ପ୍ରସନ୍ନ କୁମାର ମିଶ୍ର, ବରିଷ୍ଠ ସଭ୍ୟ ଦିଗାମ୍ବର ନାଏକ, ମନୋରଂଜନ ମିଶ୍ର, ବିରଞ୍ଚି ବହିଦାର, ଡ. ରାଧାକାନ୍ତ ସେଠ୍ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ୮୦ ବର୍ଷ ବୟସ ଅତିକ୍ରମ କରିଥିବା ମକରଧ୍ୱଜ ନାୟକ ମହୋଦୟଙ୍କୁ ଉପଢୌକନ ଏବଂ ପୁଷ୍ପମାଳ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ସଭ୍ୟ ମନୋରଂଜନ ମିଶ୍ରଙ୍କ ପ୍ରସ୍ତାବ କ୍ରମେ ଏକ ମାଇକ ସେଟ୍ କ୍ରୟ କରିବା ପାଇଁ ଆଜିକାର ସଭାରେ ନିଷ୍ପତି ଗ୍ରହଣ କରାଯାଇଥିଲା । ସାଧାରଣ ସଂପାଦକ ମଲିଆ ଗଡୁଆ ଉପସ୍ଥିତ ପ୍ରତ୍ୟେକ ସଭ୍ୟଙ୍କୁ ଜଣେ ଲେଖାଏଁ ନୂତନ ସଭ୍ୟ କରାଇବାରେ ସହଯୋଗ କାମନା କରିଥିଲେ । ବରିଷ୍ଠ ସଭ୍ୟ କୃଷ୍ଣଚନ୍ଦ୍ର ନାଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ନିମାଇଁ ଚରଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ତରଭା କଲେଜରେ ଯୁବ ସମ୍ବାଦ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର, ୨୨/୩ (ନି.ପ୍ର): ତରଭା ଏ.ଇ.ଏସ୍. ମହାବିଦ୍ୟାଳୟରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟଙ୍କ ଅନୁମୋଦିତ ଆଂଚଳିକ ନିର୍ଦ୍ଦେଶାଳୟ ଏନ୍. ଏସ୍. ଏସ୍. ଭୁବନେଶ୍ୱର ଦ୍ୱାରା ଯୁବ ସମ୍ବାଦ କାର୍ଯ୍ୟକ୍ରମ ବିକଶିତ ଭାରତ ପନ୍ଥେଶ ପଥ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭାରତ ୨୦୪୭ ଅନୁଚିନ୍ତା ଉପରେ ୧୫୦ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ । ଶ୍ରୀମତି ବିନତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଓ ଏନ୍. ଏସ୍. ଏସ୍. ପୋଗ୍ରାମ ଅଫିସର୍ ମନୋରଞ୍ଜନ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସୋନପୁର/ବୌଦ୍ଧ ଜିଲ୍ଲା ଏନଏସଏସ ଡିପିଓ ଡଃ. ମନୋରଞ୍ଜନ ଧଡ଼େଇ ଏବଂ ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଜିଲ୍ଲା ଏନଏସଏସ ଡିପିଓ ଡଃ. ଅଜିତ କୁମାର ଭୋଇ ଯୋଗ ଦେଇଥିଲେ ଏବଂ ସଭାର ମଂଚ ପରିଚାଳନା କରିଥିଲେ ଡଃ. ସରୋଜିନୀ ପଧାନ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ଅଧ୍ୟାପିକା ମୋନାଲିସା ପଧାନ, ଅଧ୍ୟାପକ ବିଭୀଷଣ ପଧାନ, ସୁନୀତା ପଧାନ, ସୌମ୍ୟା ମିଶ୍ର ଓ ଡ଼ ପ୍ରଶାନ୍ତ ନାହାକ ତଥା ଅନ୍ୟାନ୍ୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ । ଏବଂ ଶେଷରେ ସ୍ୱେଚ୍ଛାସେବୀମାନେ ନିଜର ଅନୁଭୂତି ବ୍ୟକ୍ତ କରିବା ସହିତ ଦେଶକୁ ବିକଶିତ ରାଷ୍ଟ୍ର ରୂପେ ଗଢିତୋଳିବା ପାଇଁ ଶପଥ ପାଠ କରିଥିଲେ । ସଭାର ଅନ୍ତିମ ପର୍ଯ୍ୟାୟରେ ସ୍ୱେଚ୍ଛାସେବୀ ପ୍ରମୋଦ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ ।

# ବଲାଙ୍ଗୀର ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ମନୋନୀତ

ବଲାଙ୍ଗିର ୨୨ ମାର୍ଚ୍ଚ (ହି.ସ.) ବଲାଙ୍ଗୀର ଜିଲ୍ଲା ଚୁଡାପାଲି ଠାରେ ଆଜି ବଲାଙ୍ଗୀର ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘ ର ସାଧାରଣ ପରିଷଦ ବୈଠକ ସଂଘର ନବନିର୍ବାଚିତ ସଭାପତି ଅଶ୍ୱିନୀ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବାଗଦେବୀ ସରସ୍ୱତୀ ଙ୍କ ଫଟୋଚିତ୍ର ରେ ପୂଜାର୍ଚ୍ଚନା କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭରେ ସଭାପତି ଆସନ୍ତା ତିନି ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଙ୍କ ନାମ ଘୋଷଣା କରିଥିଲେ କାର୍ଯ୍ୟକାରୀ ସଭାପତି ଭାବେ ସନ୍ଦୀପ କୁମାର କୁଅଁର, ଉପ ସଭାପତି ଭାବେ ଅଶୋକ ନାରାୟଣ ଭୋଇ, ସୁଧାକର ଦାସ, ସୁଶାନ୍ତ ବାରିକ, ସାଧାରଣ ସମ୍ପାଦକ ଭାବେ ଶ୍ୟାମ ସୁନ୍ଦର ମେହେର, ସଂଗଠନ ସମ୍ପାଦକ ଭାବେ ହୁଲେଶ୍ୱର ହଂସ,ସହ ସମ୍ପାଦକ ଭାବେ ବିରଂଚି ନାଏକ, ଦେବରାଜ ନାହାକ, ଗୁରୁଦୟାଲ ହଂସ, ସୁଦାମ ଚରଣ ବଘାର,କୋଷାଧ୍ୟକ୍ଷ ଭାବେ ବିମଳେନ୍ଦୁ ସାହୁ,ଉପଦେଷ୍ଟା କମିଟି ରେ ଆନନ୍ଦ ଚନ୍ଦ୍ର ସାହୁ, ବାଳକୃଷ୍ଣ ମିଶ୍ର, ସୁଶୀଲ କୁମାର ମିଶ୍ର,କାର୍ଯ୍ୟକାରୀ କମିଟି ସଦସ୍ଯ ଭାବେ ଅନ୍ତିମ ପାଣିଗ୍ରାହୀ, ଅଜିତ କୁମାର ପୁରୋହିତ, ଅନ୍ତର୍ଯ୍ୟାମୀ ସାହୁ, ଅଶୋକ କୁମାର ସାହୁ,, ବିରାଜନନ୍ଦ ପାଢ଼ୀ,ବ୍ୟାସଦେବ ଥନାପତି ,ଦୀପକ ଖମାରୀ, ଜୀବନାନନ୍ଦ ମହାନ୍ତି, ଶାନ୍ତିଶୃଙ୍ଖଳା କମିଟି ରେ ଚିନ୍ତାମଣି ରାଉତ, ଶ୍ୟାମପ୍ରସାଦ ଗୁରୁ, ସୁବାଷ ଚନ୍ଦ୍ର ମିଶ୍ର ଙ୍କ ନାମ ଘୋଷଣା କରାଯାଇଥିଲା ।ଅନ୍ୟ ମାନଙ୍କ ମଧ୍ଯରେ ସାମ୍ବାଦିକ ବିଜୟାନନ୍ଦ ଦାସ, ବିମଳ ଦାସ, କୈଳାସ ସଗରିଆ,ଲଳିତ ମଲ୍ଲିକ,ତ୍ରିନାଥ ସାହୁ, ରାଧେଶ୍ୟାମ ମେହେର,ଅଜିତ ମିଶ୍ର, ମହେଶ କର ପ୍ରମୁଖ ଏହି ସାଧାରଣ ପରିଷଦ ବୈଠକରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସଂଘ ତରଫରୁ ସାଂଗଠନିକ ବୈଠକ ଜିଲ୍ଲାର ବିଭିନ୍ନ ଅଂଚଳରେ ଆୟୋଜନ କରାଯିବାକୁ ତଥା ସଂଘର ସଦସ୍ଯ ମାନଙ୍କ ସାମୁହିକ ସ୍ୱାର୍ଥକୁ ନେଇ ପ୍ରଶାସନ ସ୍ତରରେ ଚାପ ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ଆଲୋଚନାରେ ମତପ୍ରକାଶ ପାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ପଦରୁ ବିଜୟ....

ଏବେ ସେ ଏହି ଦାୟିତ୍ୱ ତୁଲାଇବେ ନା ସେଥିରୁ ଅବ୍ୟାହତି ନେଇଛନ୍ତି ତାହା ଜଣାପଡ଼ିନି । ତେବେ ରାଜ୍ୟରେ ୪ଟି ପର୍ଯ୍ୟାୟ ନିର୍ବାଚନ ପାଇଁ ବିଗୁଲ ବାଜି ସାରିଥିବାବେଳେ ବିଜୟ ପଟ୍ଟନାୟକଙ୍କୁ ପ୍ରଚାର କମିଟି ଅଧ୍ୟକ୍ଷ ପଦରୁ ହଟାଯିବାକୁ ନେଇ କଂଗ୍ରେସ ମହଲରେ ନାନାଦି ଚର୍ଚ୍ଚା ଜୋର ଧରିଛି । ଚର୍ଚ୍ଚା ହେଉଛି, ଦଳର ନିର୍ବାଚନୀ ଇସ୍ତାହାରରେ କେତେକ ପରିବର୍ତ୍ତନ, ରାଜ୍ୟ ନେତାମାନଙ୍କ ସମ୍ପର୍କରେ ଦିଲ୍ଲୀ ନେତାଙ୍କ ପାଖରେ ବାରମ୍ବାର ଅଭିଯୋଗ ଓ ସାଂଗଠନିକ ପ୍ରସଙ୍ଗରେ ଅନାବଶ୍ୟକ ହସ୍ତକ୍ଷେପ ଆଦି ଶ୍ରୀ ପଟ୍ଟନାୟକଙ୍କୁ ମହଙ୍ଗା ପଡ଼ିଛି । ଏଆଇସିସି ପ୍ରଭାରୀ ଅଜୟ କୁମାରଙ୍କ ସୁପାରିଶରେ ବିଜୟ ପଟ୍ଟନାୟକଙ୍କ ପକ୍ଷଛେଦନ ହୋଇଥିବା କଂଗ୍ରେସ ମହଲରେ ଚର୍ଚ୍ଚା ହେଉଛି ।

### ଦୂର ହେଲା ବିଜେଡି...

ଭାଷାରେ ଟ୍ୱିଟ୍ (ଏକ୍ସ ହ୍ୟାଣ୍ଡଲରେ) କରିଥିବା ଓ ରୋକଠୋକ୍ ଭାବେ ଏକାକୀ ଲଢ଼ିବ ବୋଲି ସୂଚନା ଦେଇଥିବାରୁ ରାଜ୍ୟରେ ମେଂଟ ଚର୍ଚ୍ଚା ଉପରେ ସମ୍ପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ ପଡ଼ିଛି । ଏହାସହିତ ଗତ କିଛିଦିନ ଧରି ମେଂଟକୁ ନେଇ ଜାରି ରହିଥିବା ରାଜନୀତିକ ଅଚଳାବସ୍ଥା ଦୂର ହେବ ବୋଲି ଜଣାପଡ଼ିଛି । ବିଜେଡି ଓ ବିଜେପି ମଧ୍ୟରେ ସମ୍ଭାବ୍ୟ ମେଂଟକୁ ନେଇ ଉଭୟ ଦଳର କର୍ମୀ ଓ ନେତାମାନେ ଦ୍ୱନ୍ଦ୍ୱରେ ରହିଥିଲେ । ଏକପ୍ରକାର ରାଜନୀତିକ ଅଚଳାବସ୍ଥା ଲାଗି ରହିଥିଲା । ଗତ ଦୁଇଦିନ ତଳେ ବିଜେପି ଚାଣକ୍ୟ ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ମେଂଟକୁ ନେଇ ମଧ୍ୟ କିଛି ବି ହୋଇପାରେ ବୋଲି ମତ ଦେଇଥିଲେ । ଯଦି ମେଂଟ ନହୁଏ, ତା'ହେଲେ ବିଜେପି ରାଜ୍ୟରେ ସରକାର ଗଠନ କରିବାକୁ ହିଁ ଲଢ଼ିବ ବୋଲି ସେ ସ୍ପଷ୍ଟ କରିଥିଲେ । ସେହିପରି ବିଜେପି ରାଜ୍ୟରେ ଏକାକୀ ସବୁ ଲୋକସଭା ଓ ବିଧାନସଭାରେ ଲଢ଼ିବ ବୋଲି ଘୋଷଣା କରିବାର ୪ଘଣ୍ଟା ପରେ ବିଜେଡି ମଧ୍ୟ ଅନୁରୂପ ଘୋଷଣା କରିଛି । ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଆଜି ନିଜର ଏକ୍ସ ହ୍ୟାଣ୍ଡଲରେ ଟ୍ୱିଟ୍ କରି ଏହି ସୂଚନା ଦେଇଛନ୍ତି । ରାଜ୍ୟ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନିଜ ଏକ୍ସ ହ୍ୟାଣ୍ଡଲରେ ଲେଖିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଓ ରାଜ୍ୟବାସୀଙ୍କ ଆସ୍ଥାରେ ବିଜେଡି ରାଜ୍ୟର ସେବା କରି ଆସୁଛି ଓ ଏବେ ସବୁ କ୍ଷେତ୍ରରେ ରୂପାନ୍ତରୀକରଣ ହୋଇଛି ଯାହା କେବେ ଆଗରୁ ହୋଇନଥିଲା । ଓଡ଼ିଶାବାର ଲୋକମାନଙ୍କ ସହାୟତାରେ ବିଜେଡି ସମସ୍ତ ୧୪୭ଟି ବିଧାନସଭା ଆସନ ଓ ୨୧ ଲୋକସଭା ଆସନରେ ଲଢ଼ିବ । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ତୃତୀୟ ଚତୁର୍ଥାଂଶରୁ ଅଧିକ ଆସନରେ ବିଜୟୀ ହେବୁ । ରାଷ୍ଟ୍ର ନିର୍ମାଣ ପାଇଁ ଆବଶ୍ୟକ ସଂଘୀୟ ସହଭାଗିତା ଓ ରାଷ୍ଟ୍ରନୀତିର ବାସ୍ତବ ଭାବନା ଆଧାରରେ ବିଜେଡି ଓଡ଼ିଶାର ଲୋକ ଓ ସେମାନଙ୍କ କଲ୍ୟାଣକୁ ସର୍ବଦା ଦୃଷ୍ଟିରେ ରଖି ନିଷ୍ପତ୍ତି ନେବା ଜାରି ରଖିବ । ନବୀନ ଓଡ଼ିଶା ଓ ସଶକ୍ତ ଓଡ଼ିଶା ହେଉଛି ଆମର ଲକ୍ଷ୍ୟ ଓ ଆମର ନେତା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏହାକୁ ହାସଲ କରିବା ମାର୍ଗରେ ରହିଛୁ ବୋଲି ଶ୍ରୀ ଦାସ କହିଛନ୍ତି । ବିଜେଡି ସଂଗଠନ ସମ୍ପାଦକ ଶ୍ରୀ ଦାସଙ୍କ ଏହି ସ୍ପଷ୍ଟୀକରଣ ପରେ ରାଜ୍ୟରେ ବିଜେଡି ଓ ବିଜେପି ମଧ୍ୟରେ ମେଂଟ ହେଉନଥିବା ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇଯାଇଛି । ସୂଚନାଯୋଗ୍ୟ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଆଜି ଅପରାହ୍ନରେ ବିଜେପି ରାଜ୍ୟରେ ଏକାକୀ ସମସ୍ତ ଆସନରେ ଲଢ଼ିବ ବୋଲି ଘୋଷଣା କରିଥିଲେ । ବିଗତ ୧୦ବର୍ଷ ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରକୁ ରାଷ୍ଟ୍ରୀୟ ମହତ୍ୱ ପ୍ରସଙ୍ଗରେ ସମର୍ଥନ ଦେଉଥିବାରୁ ସେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡିକୁ କୃତଜ୍ଞତା ଜଣାଇବାକୁ ଭୁଲି ନଥିଲେ । ଠିକ୍ ସମାନ ଢଙ୍ଗରେ ବିଜେଡି ସଂଗଠନ ସମ୍ପାଦକ ଶ୍ରୀ ଦାସ ମଧ୍ୟ ଓଡ଼ିଶାର ଲୋକ ଓ ସେମାନଙ୍କ କଲ୍ୟାଣକୁ ସର୍ବଦା ଦୃଷ୍ଟିରେ ରଖି ରାଷ୍ଟ୍ର ନିର୍ମାଣ ପାଇଁ ଆବଶ୍ୟକ ସଂଘୀୟ ସହଭାଗିତା ଓ ରାଷ୍ଟ୍ରନୀତିର ଭାବନା ଆଧାରରେ ନିଷ୍ପତ୍ତି ନେବା ଜାରି ରଖିବ ବୋଲି ସ୍ପଷ୍ଟ କରିଛନ୍ତି ।

### ନିର୍ବାଚନ କମିଶନଙ୍କ....

ବଲାଙ୍ଗୀର ଜିଲ୍ଲା ହସ୍ପିଟାଲର ପ୍ରଶାସନିକ ଅଫିସର ଓ ଅଳକାରାଣୀ ଦେବତାଙ୍କୁ ଢେଙ୍କାନାଳ ଜିଲ୍ଲା ହସ୍ପିଟାଲର ପ୍ରଶାସନିକ ଅଫିସର ଭାବେ ବଦଳି ହୋଇଛି । ସେହିପରି ଓଏଏସ୍ ହରିହର ପଂଚୁଆତି ଓ ସିପ୍ରା ଛାୟା ମହାପାତ୍ରଙ୍କୁ ଜଳସମ୍ପଦ ବିଭାଗ ଜୋନ୍ ଅଫିସର(ମୁଖ୍ୟାଳୟ), ଓଏଏସ୍ ଦୟାସିନ୍ଧୁ ପରିଡ଼ାଙ୍କୁ ସାଧାରଣ ପ୍ରଶାସନ ବିଭାଗକୁ ବଦଳି ହୋଇଛି । ସନ୍ତୋଷ ସାହୁଙ୍କୁ ଓଏସଡି(କ୍ରୀଡ଼ା) କୋରାପୁଟକୁ ବଦଳି ହୋଇଥିବାବେଳେ ବିଶ୍ୱକେଶନ ପାଣ୍ଡେଙ୍କୁ ଓଏସଡି(କ୍ରୀଡ଼ା) ସୁନ୍ଦରଗଡ଼, ଅଞ୍ଜଳି ତରାଇଙ୍କୁ ପୁରୀ ଜିଲ୍ଲା ହସ୍ପିଟାଲର ପ୍ରଶାସନିକ ଅଫିସର, ସସ୍ମିତା ଉପାଧ୍ୟାୟଙ୍କୁ ଯାଜପୁର ଜିଲ୍ଲା ହସ୍ପିଟାଲ ପ୍ରଶାସନିକ ଅଫିସର, ଆଦଶ୍ୟା ରଥଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲର ପ୍ରଶାସନିକ ଅଫିସର, ନୀଳାମ୍ବର ମହାନନ୍ଦାଙ୍କୁ ସାଧାରଣ ପ୍ରଶାସନ ବିଭାଗ, ସୁଦୀପ୍ତ କୁମାର ନାଏକଙ୍କୁ ଓଏସଡି(କ୍ରୀଡ଼ା) ଗଞ୍ଜାମ, ବାଣୀନିବେଦିତା ସ୍ୱାଇଁଙ୍କୁ କଟକ ଜିଲ୍ଲା ହସ୍ପିଟାଲର ପ୍ରଶାସନିକ ଅଫିସର, ଭଜନାନନ୍ଦ ସାହୁଙ୍କୁ ଜଳସମ୍ପଦ ବିଭାଗର ଜୋନ୍ ଅଫିସର(ମୁଖ୍ୟାଳୟ), ଆଦିତ୍ୟ କୁମାର ପଣ୍ଡାଙ୍କୁ ଢେଙ୍କାନାଳ ଜୋନ୍ ଅଫିସର(ରେଳପ୍ରକଳ୍ପ), ଶିବବ୍ରତ ତ୍ରିପାଠୀଙ୍କୁ ଅନୁଗୁଳ ଡିଏସଆର, ସ୍ମୃତିରଞ୍ଜନ ମଲ୍ଲିକଙ୍କୁ ଭୁବନେଶ୍ୱର ଇଡକୋ(ମୁଖ୍ୟାଳୟ) ଲ୍ୟାଣ୍ଡ ଅଫିସର, ଗୋପିନାଥ ମିଶ୍ରଙ୍କୁ ଆଇନ ବିଭାଗର ଓଏସଡି, ପ୍ରଶାନ୍ତ କୁମାର ଜେନାଙ୍କୁ ଆଇନ ବିଭାଗର ଓଏସଡି, ଗୌରଚନ୍ଦ୍ର ପଟ୍ଟନାୟକଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ହସ୍ପିଟାଲର ପ୍ରଶାସନିକ ଅଫିସର ଓ ଚିନ୍ମୟ କୁମାର ନାୟକଙ୍କୁ ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଫିସର ଭାବେ ବଦଳି ହୋଇଛି ।

### କେଜ୍ରିୱାଲଙ୍କୁ ୬ ଦିନିଆ ...

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ଅଭିଯୋଗ ଘଟଣାରେ ଇଡି ତାଙ୍କୁ ଗିରଫ କରିଛି । ନୀତି ପ୍ରଣୟନ କରି କେଜ୍ରିୱାଲଙ୍କ ଆପ୍ ଶହଶହ କୋଟି ଟଙ୍କାର ଲାଞ୍ଚ ଗ୍ରହଣ କରିଥିବା ଇଡି ଅଭିଯୋଗ କରିଛି । ଗିରଫ ପରେ କେଜ୍ରିୱାଲଙ୍କୁ ଗୁରୁବାର ରାତିରେ ଇଡି ମୁଖ୍ୟାଳୟରେ ରଖା ଯାଇଥିଲା । ସକାଳୁ ମେଡିକାଲ ଟେଷ୍ଟ ପରେ ତାଙ୍କୁ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟରେ ହାଜର କରାଯାଇଛି । ଇଡି ତାଙ୍କୁ ୧୦ ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା । ଅବକାରୀ ନୀତି ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ କେଜ୍ରିୱାଲ ବୋଲି ଇଡି ପକ୍ଷରୁ କୋର୍ଟଙ୍କୁ କୁହାଯାଇଥିଲା ।

### ବିଜେଡିରୁ ଇସ୍ତଫା ଦେଲେ ...

ଅନୁସାରେ ୧୭ତମ ଲୋକସଭାରେ ସାଂସଦ ଭାବେ ବିଜେଡିର ପ୍ରତିନିଧି ଭାବେ ଠିକ୍ ଭାବେ ଦଳପାଇଁ କାମ କରିଛି । ନିକଟରେ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇସାରିଛି । କିନ୍ତୁ ଏହି ସମୟରେ ବିଜେଡି ପାଖରୁ ଦୂରେଇ ରହୁଛି । ଏହାର କାରଣ ଓ ଉତ୍ତର ହେଲା ବିଜେଡିରେ ବହୁ ପରିବର୍ତ୍ତନ ହୋଇସାରିଛି । ଦୁର୍ନୀତି ବିରୋଧରେ ଲଢ଼ିବା ପାଇଁ ବିଜେଡି ଗଠନ ହୋଇଥିଲା । ୮୦ରୁ ୯୦ ଦଶକରେ ଯେଉଁ ଭଲ କାମ ହେଉଥିଲା, ସେଥି ପାଇଁ ଓଡ଼ିଶାବାସୀ ବିଜେଡିକୁ ସମର୍ଥନ ଦେଉଥିଲେ । କିନ୍ତୁ ବିଗତ କିଛି ବର୍ଷରେ ଦଳର ସଂଚାଳନା ଓ ପରିଚାଳନା ଯେଉଁଭଳି ଭାବେ ଚାଲିଛି, ସେବାବଦରେ ବହୁ ଥର କହିଛି । କିନ୍ତୁ ତାହା ସଫଳ ହେଲା ନାହିଁ । ତେଣୁ ଦଳ ଠାରୁ ଦୂରେଇ ଗଲେ ଅଧିକ ପ୍ରଖର ଭାବେ କାମ କରିପାରିବି । ସାମ୍ବାଦିକତା ଓ ରାଜନୀତିରେ ଭଲ ଦକ୍ଷତା ରଖିଥିବା ଶ୍ରୀ ମହତାବ୍ କହିଛନ୍ତି, ବିଜେଡିରେ ମୋର ଅନୁଭବକୁ ପ୍ରକାଶ କରିବା ପାଇଁ ବାଧା ଦିଆଯାଉ ଥିଲା । ଯଦି କିଛି କହୁଥିଲି, ତାକୁ ସମାଲୋଚନା କରାଯାଉଥିଲା । ତେଣୁ ଦଳରୁ ଦୂରେଇ ଯିବାର ଭଲ ବୋଲି ଚିନ୍ତା କଲି । ତେଣୁ ବିଜେଡିରୁ ମୁଁ ଇସ୍ତଫା ଦେଇଛି । ଦଳକୁ ସଂଶୋଧନ କରିବା ପାଇଁ ବହୁ ଉଦ୍ୟମ କରିଛି । କିନ୍ତୁ କିଛି ଲାଭ ହେଲା ନାହିଁ । ଆଉ ଗୋଟେ କଥା ହେଲା ଯେ, ଧୌର୍ଯ୍ୟର ଏକ ସୀମା ରହିଥାଏ । କିନ୍ତୁ ମୋ ପାଇଁ ଏହି ସୀମା ଅତିକ୍ରାନ୍ତ କରିଯାଇଛି । ସୂଚନାଯୋଗ୍ୟ ୬୭ ବର୍ଷୀୟ ଭର୍ତ୍ତୃହରି ମହତାବ୍ କଟକରୁ ପ୍ରଥମ ଥର ପାଇଁ ୧୯୯୮ରେ ସାଂସଦ ହୋଇଥିଲେ । ଏହାର ପର ଠାରୁ ଏପର୍ଯ୍ୟନ୍ତ ୬ ଥର ସାଂସଦ ହୋଇଛନ୍ତି । ୨୦୧୭ ମସିହାରେ ସେ ଆଉଟ୍‌ଷ୍ଟାଣ୍ଡିଂ ପାର୍ଲାମେଣ୍ଟାରି ଆୱାର୍ଡ ଗ୍ରହଣ କରିଥିଲେ । ସେହିପରି ସେ ୨୦୧୭, ୨୦୧୮, ୨୦୧୯ ଓ ୨୦୨୦ ରେସ ସଂସଦ ରତ୍ନ ପୁରସ୍କାର ଗ୍ରହଣ କରିଥିଲେ ।

### ମଦ୍ରାସା ଆଇନକୁ ଅସାମ୍ବିଧାନିକ...

ପଢୁଥିବା ପିଲାମାନଙ୍କୁ ନିୟମିତ ଶିକ୍ଷା ବ୍ୟବସ୍ଥାରେ ସାମିଲ କରିବା ପାଇଁ ସ୍ୱତନ୍ତ୍ର ଯୋଜନା ଲାଗୁ କରିବା ପାଇଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ଆଇନ ବିରୋଧରେ ଅଂଶୁମାନ ସିଂହ ରାଠୋର ଗୋଟିଏ ରିଟ ପିଟିସନ ଦାଖଲ କରିଥିଲେ । ଏହାର ଶୁଣାଣି କରି ଆଇନକୁ ହାଇକୋର୍ଟଙ୍କ ଲକ୍ଷ୍ନୌ ବେଞ୍ଚ ଅବୈଧ କହିଛନ୍ତି । ସରକାର ରାଜ୍ୟରେ ଥିବା ଇସଲାମିକ ଶିକ୍ଷାନୁଷ୍ଠାନଗୁଡ଼ିକର ସର୍ଭେ କରିବାକୁ ନିଷ୍ପତ୍ତି ନେଇଥିଲେ । ଏଥିସହ ୨୦୨୩ ଅକ୍ଟୋବର ମାସରେ ରାଜ୍ୟ ସରକାର ମଦ୍ରାସାଗୁଡ଼ିକ ବିଦେଶରୁ ପାଉଥିବା ପାଣ୍ଠିର ଉତ୍ସ ଜାଣିବା ପାଇଁ ଏସଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ତେବେ ରାଠୋର ୟୁପି ମଦ୍ରାସା ବୋର୍ଡର ବୈଧତାକୁ ଚ୍ୟାଲେଞ୍ଜ କରିଥିଲେ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଂଖ୍ୟାଲଘୁ ବ୍ୟାପାର ବିଭାଗ ମଦ୍ରାସାଗୁଡ଼ିକୁ ଠିକ ଭାବେ ପରିଚାଳନା କରୁ ନଥିବା ମଧ୍ୟ କହିଥିଲେ । ଏହାର ଶୁଣାଣି କରି ହାଇକୋର୍ଟ ଆଜି ମଦ୍ରାସା ଆଇନକୁ ଅସାମ୍ବିଧାନିକ ବୋଲି କହିଛନ୍ତି ।

### ଆରପାରିରେ ଓଡ଼ିଶା ରାଜନୀତିର ...

ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା । ଘରୋଇ ହସ୍ପିଟାଲକୁ ନେବା ଭିତରେ ବ୍ରେନକୁ ବ୍ଲଡ ଓ ଅକ୍ସିଜେନ୍ ସପ୍ଲାଇ କମିଯାଇଥିଲା ବୋଲି କହିଛନ୍ତି ଦାମ ରାଉତଙ୍କ ପୁଅ ତଥା ବିଧାୟକ ସମ୍ବିତ ରାଉତରାୟ । ଘରୋଇ ହସ୍ପିଟାଲରେ ପହଞ୍ଚିବା ପରେ ତାଙ୍କୁ ସିପିଆର୍ ଦିଆଯାଇଥିଲା ଏବଂ ହାର୍ଟ କାର୍ଯ୍ୟକ୍ଷମ ହୋଇଥିଲା । ତେବେ ମସ୍ତିଷ୍କରେ ଗୁରୁତର କ୍ଷତି ହୋଇଥିବାରୁ ସେ ପ୍ରାୟତଃ ବ୍ରେନଡେଡ୍ ସ୍ଥିତିରେ ବୋଲି କହିଥିଲେ ପୁଅ ସମ୍ବିତ । ଦାମଙ୍କ ଚିକିତ୍ସା ନିମନ୍ତେ ଡାକ୍ତରୀ ଟିମ୍ ନିୟୋଜିତ ହୋଇଥିଲେ । ମାତ୍ର ଶତଚେଷ୍ଟା ସତ୍ତ୍ୱେ ସେ ଆଜି ଭୋରରୁ ଆଖି ବୁଜିଥିବା ଜଣାଯାଇଛି । ଦାମଙ୍କମ ମରଶରୀରକୁ ଆଜି ପ୍ରଥମେ ୟୁନିଟ ୬ସ୍ଥିତ ସରକାରୀ ବାସଭବନକୁ ଯିବ । ଏହାପରେ ତାଙ୍କୁ ବିଜେଡି କାର୍ଯ୍ୟାଳୟକୁ ନିଆଯିବ । ସେଠାରେ ପାର୍ଟି କାର୍ଯ୍ୟକର୍ତ୍ତା ଦାମଙ୍କ ଶେଷ ଦର୍ଶନ କରିବେ । ଏହାପରେ ମରଶରୀରକୁ ବିଧାନସଭାକୁ ନିଆଯିବ ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଆଜିଠୁ ଯୁକ୍ତ ଦୁଇ ଖାତାଦେଖା: ଅନ୍‌ଲାଇନ ଓ ଅଫ୍‌ଲାଇନରେ ହେବ ମୂଲ୍ୟାୟନ



ଭୁବନେଶ୍ୱର, ୨୨/୩ (ନି.ପ୍ର): ଆଜିଠୁ ଆରମ୍ଭ ହେଉଛି ଯୁକ୍ତ ଦୁଇ ଖାତା ମୂଲ୍ୟାୟନ। ଦୁଇଟି ପର୍ଯ୍ୟାୟରେ ହେବ ମୂଲ୍ୟାୟନ। ଆଜିଠାରୁ ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇ ଏପ୍ରିଲ ୨ ତାରିଖ ଯାଏଁ ଚାଲିବ। ଖାତା ମୂଲ୍ୟାୟନ ପାଇଁ ୬୯ଟି ଅଫ୍ ଲାଇନ୍ ଓ ୪୧ ଅନଲାଇନ୍ ସେଣ୍ଟର କରାଯାଇଛି। ମୋଟ ୨୮ ଶହ ଅଧ୍ୟାପକ ଓ ଅଧ୍ୟାପିକା ଏଥିପାଇଁ ନିଯୁକ୍ତ ହୋଇଛନ୍ତି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାୟନ ଏପ୍ରିଲ ୪ରୁ ୧୫ ତାରିଖ ଯାଏ କରାଯିବ। ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ରେଜଲ୍ଟ ପ୍ରକାଶ କରିବାକୁ ଲକ୍ଷ୍ୟ ରଖିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ। ଚଳିତ ବର୍ଷ ପ୍ରାୟ ସାଢେ ୩ ଲକ୍ଷ ପରୀକ୍ଷାର୍ଥୀ ଯୁକ୍ତ ଦୁଇ ପରୀକ୍ଷା ଦେଇଛନ୍ତି। ସୂଚନାଯୋଗ୍ୟ, ଫେବ୍ରୁଆରୀ୧୬ ତାରିଖରେ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ୩ ଲକ୍ଷ ୮୬ହଜାର ୨୫୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।

# ପ୍ରୋତ୍ସାହନ ଅଭାବରୁ ଶବାଇ କାରିଗର ଅବହେଳିତ



ବାଲିଆପାଳ , ୨୨/୩ (ନି.ପ୍ର): ବାଲିଆପାଳ ବ୍ଲକରେ ଏବେ ପାଞ୍ଚ ଶହରୁ ଅଧିକ ଶବାଇ ଘାସ କାରିଗର ଅଛନ୍ତି। ଦୀର୍ଘଦିନ ଧରି କାମ କରି ଆସୁଥିବା ଏହି କାରିଗରମାନେ ସରକାରୀ ପ୍ରୋତ୍ସାହନ ଅଭାବରୁ ଏବେ ଅବହେଳିତ ଅବସ୍ଥାରେ ରହିଛନ୍ତି। ରାହ୍ଵା (ଗ୍ରାମୀଣ ଦକ୍ଷ ମହିଳା କାରିଗର ସଂଘ ) ନାମକ ଏକ ମହିଳା ସ୍ୱେଚ୍ଛା ସେବୀ ସଂଗଠନ ସେମାନଙ୍କର ଏବେ ସାହା ଭରଷା ପାଲଟିଛି। ରାହ୍ଵା ସେମାନଙ୍କୁ କଞ୍ଚାମାଲ ଯୋଗାଇବା ସହିତ ପ୍ରସ୍ତୁତ ସାମଗ୍ରୀର ବିକ୍ରି ବଟା କରୁଛି। ବେଳେ ବେଳେ ବଜାରରେ ମାନ୍ଦାବସ୍ଥା ଯୋଗୁଁ କାରିଗରମାନେ କ୍ଷତି ସହୁଛନ୍ତି। ରାହ୍ଵା ମଧ କ୍ଷତି ସହୁଛି। ଉନ୍ନତମାନର ଏହି ସାମଗ୍ରୀର ଦେଶ ବିଦେଶରେ ଖୁବ୍ ଚାହିଦା ରହିଛି। ବଡ ବଡ କମ୍ପାନୀମାନେ ବେଳେ ବେଳେ ବିଭିନ୍ନ ଆଳ ଦେଖାଇ ସ୍ୱଳ୍ପ ଦାମରେ ସିଧା ସଳଖ ଭାବେ ସାମଗ୍ରୀ କିଣିବା ସହିତ କାରିଗର ମାନଙ୍କୁ ଶୋଷଣ କରନ୍ତି। ଏନେଇ ଅଭିଯୋଗ କଲେ କୌଣସି ପ୍ରତିକାର ହୁଏ ନାହିଁ। ରାହ୍ଵା କୋଡ଼ିଏ ବର୍ଷ ଧରି ବାଲିଆପାଳ ବ୍ଲକର କରଞ୍ଜ, ବଗଦା, ଗୁଟା ମୂଳି, ମଣ୍ଡନାଞ୍ଚି, ସୁରଡିହା, କାଳିଆଖିଆ, କାଶୀପୁର , ନାରାୟଣପୁର , ଜାମକୁଣ୍ଡା, ବସ୍ତା ବ୍ଲକ ର କରୁଆ , ଚାଳନ୍ତି ଆଦି ମହିଳା ଗ୍ରୁପ୍ର କାରିଗର ମାନଙ୍କୁ କଞ୍ଚା ମାଲ ଯୋଗାଇ ଦେବା ସହିତ ଆବଶ୍ୟକ ସ୍ଥଳେ ନୂଆ ଜ୍ଞାନ କୌଶଳ ଟ୍ରେନିଂ ଦେଉଛି। ରାହ୍ଵା ଏବେ ଚଢ଼ା ଦରରେ କଞ୍ଚା ମାଲ ମୟୂରଭଞ୍ଜ, କେନ୍ଦୁଝର ଆଦି ଅଞ୍ଚଳ ରୁ କିଣୁଛନ୍ତି। ସରକାର କାରିଗରମାନଙ୍କୁ ରିହାତି ମୂଲ୍ୟ ରେ କଞ୍ଚାମାଲ ଯୋଗାଇ ଦେଲେ କାରିଗର ମାନେ ଉପକୃତ ହୋଇ ପାରନ୍ତେ ବୋଲି ରାହ୍ଵାର ସମ୍ପାଦିକା ଆରତୀ ପାତ୍ର କହିଛନ୍ତି। ମମତା ପଢ଼ିଆରୀ, ବାସନ୍ତୀ ପଢ଼ିଆରୀ, ସୁଜାତା ହାଜିରା, ମାମୁନି ବେହେରା, କଳ୍ପନା ପଣ୍ଡା, କବିତା ପଣ୍ଡା, ସ୍ନେହ ଲତା ସେଠୀ, ବୀଣାପାଣି ସେଠୀ ପ୍ରମୁଖ ସରକାରୀ ପ୍ରୋତ୍ସାହନ ନ ମିଳିଲେ ଏଣିକି ପେଶା ଛାଡ଼ି ଦେବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ନିକଟରେ ସରକାର ବାଲିଆପାଳ ବ୍ଲକକୁ ସାବାଇ ଘାସ କାରିଗର ପୁଞ୍ଜ ଘୋଷଣା କରି ଥିବାରୁ କାରିଗର ମହଲରେ କିଛିଟା ଆଶ୍ୱସ୍ତି ଦେଖା ଦେଇଛି। ତେବେ ନୂଆ ସରକାର କାରିଗରମାନଙ୍କ ପାଇଁ କଣ ପଦକ୍ଷେପ ନେବେ ଦେଖିବାକୁ ବାକି ରହିଲା।

# ଭୋଟର ତାଲିକାରେ ନାମଥାଇ ଭୋଟର ପରିଚୟ ପତ୍ର ନଥିଲେ ବି ଦେଇହେବ ଭୋଟ

## ଭୋଟର ପରିଚୟ ପତ୍ରର ୧୨ଟି ବିକଳ୍ପରୁ ଗୋଟିଏ ଆବଶ୍ୟକ

ଭଦ୍ରକ, ୨୨/୩ (ନି.ପ୍ର): ଆଗାମୀ ଲୋକସଭା ଓ ଓଡ଼ିଶା ବିଧାନ ସଭା ସାଧାରଣ ନିର୍ବାଚନ ୨୦୨୪ ଅବସରରେ ନିର୍ବାଚନ ଆୟୋଗଙ୍କ ଘୋଷଣା ଅନୁଯାୟୀ ଭଦ୍ରକ ଜିଲ୍ଲାର ୫ଟି ବିଧାନସଭା ଓ ୧ଟି ଲୋକସଭା ଆସନ ପାଇଁ ଆସନ୍ତା ଜୁନ୍ ୧ ତାରିଖରେ ମତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସଶକ୍ତ ଗଣତନ୍ତ୍ର ପାଇଁ ମତଦାନ ଗୁରୁତ୍ୱପୂର୍ଣ୍ଣ ଅଟେ। କେହି ବି ଜଣେ ଭୋଟର ନିଜର ରାଜନୈତିକ ଅଧିକାର ମତଦାନ ସାବ୍ୟସ୍ତ କରିବାରୁ ବିରତ ହେବା ଉଚିତ୍ ନୁହେଁ। ସୂଚନା ଯୋଗ୍ୟକି ଜିଲ୍ଲା ପ୍ରଶାସନ ତରଫରୁ ପ୍ରକାଶିତ ଭୋଟର ତାଲିକାରେ ନାମ ଥିବା ସମସ୍ତ ଭୋଟର ମତଦାନ ପାଇଁ ମତଦାନ କେନ୍ଦ୍ରକୁ ଯିବା ସମୟରେ ନିଜ ନିଜର ଭୋଟର ପରିଚୟ ପତ୍ର ସାଙ୍ଗରେ ନେବେ। ଯେକୌଣସି କାରଣରୁ ନିଜର ଭୋଟର ପରିଚୟ ପତ୍ର ନଥିଲେ ନିର୍ବାଚନ ଆୟୋଗ ଦ୍ୱାରା ସୂଚିତ ଅନ୍ୟ ୧୨ଟି ବିକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ଫଟୋ ପରିଚୟ ପତ୍ରକୁ ଚିହ୍ନଟ ଭାବେ ବ୍ୟବହାର କରାଯାଇ ପାରିବ। ସେଥି ମଧ୍ୟରେ ଅଛି ଆଧାର କାର୍ଡ୍, ଏମ୍.ଏନ୍.ଇ.ଆର.ଇ.ଜି.ଏ ଜବ୍ କାର୍ଡ୍, ବ୍ୟାଙ୍କ ଓ ଡାକଘର ଦ୍ୱାରା ପ୍ରଦତ୍ତ ଫଟୋ ଥାଇ ପାସବୁକ୍, ଶ୍ରମ ମନ୍ତ୍ରାଳୟର ଯୋଜନାରେ ପ୍ରଦତ୍ତ ସ୍ୱାସ୍ଥ୍ୟବୀମା ସ୍ମାର୍ଟକାର୍ଡ଼, ଡ୍ରାଇଭିଂ ଲାଇସେନ୍ସ, ପ୍ୟାନ୍‌କାର୍ଡ଼, ଏନ.ପି.ଆର. ଅଧୀନ ଆର.ଜି.ଆଇ. ଦ୍ୱାରା ପ୍ରଦତ୍ତ ସ୍ମାର୍ଟ କାର୍ଡ଼, ଭାରତୀୟ ପାସପୋର୍ଟ, ଫଟୋଗ୍ରାଫ୍ ଥାଇ ପେନ୍‌ସନ୍ କାଗଜାଦି, କେନ୍ଦ୍ର ସରକାର / ରାଜ୍ୟସରକାର / ପି.ଏସ୍.ୟୁ / ପବ୍ଲିକ୍ ଲିମିଟେଡ୍ କମ୍ପାନୀ ର କର୍ମଚାରୀଙ୍କୁ ପ୍ରଦତ୍ତ ଫଟୋଥିବା ପରିଚୟ ପତ୍ର, ଏମ୍.ପି./ ଏମ୍.ଏଲ୍.ଏ. / ଏମ୍.ଏଲ୍.ସି. ମାନଙ୍କୁ ପ୍ରଦତ୍ତ କାର୍ଯ୍ୟାଳୟ ପରିଚୟ ପତ୍ର ଏବଂ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତକରଣ ଦ୍ୱାରା ପ୍ରଦତ୍ତ ୟୁନିକ୍ ଭିନ୍ନକ୍ଷମ ପରିଚୟ ପତ୍ର। ପ୍ରକାଶ ଥାଉକି ଗତ ଜାନୁୟାରୀ ୫ ତାରିଖରେ ପ୍ରକାଶିତ ଭୋଟର ତାଲିକା ଅନୁଯାୟୀ ଭଦ୍ରକ ଜିଲ୍ଲାର ୬,୫୨,୭୨୧ ପୁରୁଷ ଭୋଟର, ୬,୧୧,୩୪୮ ମହିଳା ଭୋଟର ଓ ୧୫୧ ଜଣ ତୃତୀୟ ଲିଙ୍ଗୀ ଭୋଟରଙ୍କୁ ନେଇ ସମୁଦାୟ ୧୨,୬୪,୨୨୦ ଜଣ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରେ ୧୮ ରୁ ୧୯ ବର୍ଷ ବୟସ ବର୍ଗରେ ୧୪,୨୩୯ ପୁରୁଷ, ୧୧,୬୭୨ ମହିଳା ଓ ୪ ଜଣ ତୃତୀୟ ଲିଙ୍ଗୀଙ୍କୁ ନେଇ ସମୁଦାୟ ୨୫,୯୧୫ ଭୋଟର ଅଛନ୍ତି। ସେହିପରି ବରିଷ୍ଠ ନାଗରିକ ୮୦ ବର୍ଷ ଓ ତହିଁରୁ ଊର୍ଦ୍ଧ୍ୱ ବୟସ ବର୍ଗରେ ୧୫,୩୫୩ ପୁରୁଷ, ୧୬,୦୦୫ ମହିଳା ଓ ୨ ଜଣ ତୃତୀୟ ଲିଙ୍ଗୀଙ୍କୁ ନେଇ ସମୁଦାୟ ୩୧,୩୬୦ ଜଣ ଭୋଟର ଅଛନ୍ତି। ଦିବ୍ୟାଙ୍ଗ ଭୋଟରଙ୍କ ମଧ୍ୟରେ ୧୪,୬୨୨ ପୁରୁଷ, ୧୩,୫୭୧ ମହିଳା ଏବଂ ଜଣେ ତୃତୀୟ ଲିଙ୍ଗୀଙ୍କୁ ନେଇ ସମୁଦାୟ ୨୮,୧୯୪ ଜଣ ଅଛନ୍ତି।

# ସଜନାଗଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୁକୁଳା ଖାଲରେ ପଡ଼ିଲା ଗାଈ



ନୀଳଗିରି, ୨୨/୩ (ନି.ପ୍ର): ନୀଳଗିରି ବ୍ଲକ ଅଧୀନ ସଜନାଗଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଗୃହ ନିର୍ମାଣ ପାଇଁ ଖୋଳାଯାଇଥିବା ୬ ଟି ବଡ ବଡ ଖାଲ ଏବେ ଛୋଟ ଶିଶୁ ଓ ଜୀବଜନ୍ତୁଙ୍କ ପାଇଁ ମରଣଯନ୍ତା ପାଲଟିଛି । ସୂଚନା ଅନୁଯାୟୀ ଗୁରୁବାର ରାତିରେ ଏକ ଗାଈ ଉକ୍ତ ଖାଲରେ ପଡିଯାଇଥିବା ବେଳେ ଶୁକ୍ରବାର ସକାଳେ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀମାନେ ଡାକ୍ତରଖାନାକୁ ଆସିବା ପରେ ଗାଈ ପଡିଥିବା ଦେଖି ଅଗ୍ନିଶମ ବାହିନୀକୁ ଅବଗତ କରିଥିଲେ। ନୀଳଗିରି ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଗାଈଟିକୁ ଉଦ୍ଧାର କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଖାଲଗୁଡିକ ଦୀର୍ଘ ୭ ମାସ ତଳେ ଖୋଳା ହୋଇଥିଲେ ମଧ କୌଣସି କାର୍ଯ୍ୟ କରାଯାଉନାହିଁ । ଖାଲ ଗୁଡିକୁ ସେପରି ପଡିରହିଛି । ଫଳରେ ଡାକ୍ତରଖାନାକୁ ଆସୁଥିବା ଛୋଟ ଶିଶୁ ଓ ଜୀବଜନ୍ତୁ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି ଏହି ସ୍ଥାନରେ କୌଣସି କାର୍ଯ୍ୟ ହେବାର ନାହିଁ ତେବେ ତୁରନ୍ତ ଏହାକୁ ପୋତା ଯାଉ ନଚେତ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯାଉ ବୋଲି ଅଞ୍ଚଳବାସୀ ଦାବିକରିଛନ୍ତି ।

# ରାଉରକେଲା ଇସ୍ପାତ କାରଖାନାରେ ବିଶ୍ୱ ଜଳ ଦିବସ ପାଳିତ




ରାଉରକେଲା, ୨୨/୩ (ନି.ପ୍ର): "ନିଜ ପାଇଁ ଏବଂ ଭବିଷ୍ୟ ପିଢୀଙ୍କ ପାଇଁ ଜଳ ସଞ୍ଚୟ ଓ ସଂରକ୍ଷଣ କରନ୍ତୁ ତଥା ସ୍ଥାୟିତ୍ୱର ନେତୃତ୍ୱ ନିଅନ୍ତୁ,"ବୋଲି ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି.) ଆନୁକୁଲ୍ୟରେ ମାର୍ଚ୍ଚ ୨୨ ତାରିଖରେ ବିଶ୍ୱ ଜଳ ଦିବସ ପାଳନ ପରିପ୍ରେକ୍ଷୀରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆର.ଏସ.ପି. ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ, ଶ୍ରୀ ଅତନୁ ଭୌମିକ ଉଲ୍ଲେଖ କରିଛନ୍ତି। ଜଳ ପ୍ରବନ୍ଧନ ବିଭାଗ ଆନୁକୂଲ୍ୟରେ ଏଚଆରଡ଼ି ସେଣ୍ଟରଠାରେ ଆୟୋଜିତ ଉକ୍ତ ଉତ୍ସବରେ କାର୍ଯ୍ୟବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏସ ଆର ସୂର୍ଯ୍ୟବଂଶୀ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି କେ ହୋତା ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ସିଜିଏମ, ବିଭାଗ ମୁଖ୍ୟ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଚଳିତ ବର୍ଷର ବିଶ୍ୱ ଜଳ ଦିବସର ବିଷୟବସ୍ତୁ 'ଶାନ୍ତି ପାଇଁ ଜଳ' ଉପରେ ଆଲୋଚନା କରି ଶ୍ରୀ ଭୌମିକ ନଦୀ ଜଳ କିପରି ଭାବରେ ବିଭିନ୍ନ ରାଜ୍ୟ ଏବଂ ଦେଶ ମଧରେ ବିବାଦର ସୂତ୍ରପାତ କରୁଛି ସେ ବିଷୟରେ ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ ସୁରକ୍ଷିତ ପାନୀୟ ଜଳ କେବଳ ଏକ ସାମଗ୍ରୀ ନୁହେଁ ବରଂ ପୃଥିବୀରେ ଜନସ୍ୱାସ୍ଥ୍ୟ, ପରିମଳ ଏବଂ ମାନବ ଜୀବନର ସାମଗ୍ରିକ ସୁସ୍ଥତା ପାଇଁ ପ୍ରତ୍ୟେକ ନାଗରିକଙ୍କର ଏକ ମୌଳିକ ଅଧିକାର। ଏକ ଦାୟିତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଭାବରେ ଆରଏସପି ଦ୍ୱାରା ଗ୍ରହଣ କେରାଯାଇଥିବା ବିଭିନ୍ନ ପଦକ୍ଷେପ ଉଲ୍ଲେଖ କରି ଡ଼ିଆଇସି ଜଳ ସଂରକ୍ଷଣ ଦିଗରେ ସମସ୍ତଙ୍କ ପ୍ରତିବଦ୍ଧତା ଦୋହରାଇବା ଏବଂ ସଂଗଠନରେ ଜଳ ନିପୁଣତାରେ ଆହୁରି ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜଳକୁ ଦାୟିତ୍ୱଶୀଳ ଭାବରେ ବ୍ୟବହାର କରିବା ଏବଂ ବିଶୁଦ୍ଧ ଓ ନିରାପଦ ପାନୀୟ ଜଳ ପାଇଁ ଆଗଭର ହେବା ନିମନ୍ତେ ସାମୂହିକ ଦାୟିତ୍ୱର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରି ନିଜର ବକ୍ତବ୍ୟ ଶେଷ କରିଥିଲେ। ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ସୂର୍ଯ୍ୟବଂଶୀ ଜଳ ସଂରକ୍ଷଣର ନିତାନ୍ତ ଆବଶ୍ୟକତା ବିଷୟରେ ମାନବଜାତି ମଧରେ ସଚେତନତା ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ ଯାହାଦ୍ୱାରା ବୁଦ୍ଧିଜୀବୀ ଏବଂ ବୈଜ୍ଞାନିକଙ୍କ ଦ୍ୱାରା ଜଳ ଉପରେ ଯୁଦ୍ଧ ବିପଦର ପୂର୍ବାନୁମାନକୁ ଏଡାଇ ଦିଆଯାଇପାରିବ । ଜିରୋ ଲିକ୍ୱିଡ୍ ଡିସଚାର୍ଜ ସିଷ୍ଟମ୍ ଏବଂ ଆରଏସପିରେ ନିୟୋଜିତ ଜଳ ଏବଂ ପ୍ରଭାବଶାଳୀ ଜଳ ବିଶୋଧନ ବ୍ୟବସ୍ଥା ଗୁଡିକର ଉଦାହରଣ ଦେଇ ଶ୍ରୀ ସୂର୍ଯ୍ୟବଂଶୀ ଭବିଷ୍ୟତର ଜଳ ଆହ୍ୱାନର ସମାଧାନ ପାଇଁ ବିକଳ୍ପ ସମାଧାନ ଖୋଜିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପାନୀୟ ଜଳର କ୍ରମବର୍ଦ୍ଧିଷ୍ଣୁ ଅଭାବ ବିଷୟରେ ଆଲୋଚନା କରି ଶ୍ରୀ ତ୍ରିପାଠୀ ଇସ୍ପାତ ଶିଳ୍ପରେ ବର୍ତ୍ତମାନର ଜଳ ଭିତ୍ତିକ ଜ୍ଞାନକୌଶଳକୁ ପୁନଃସଞ୍ଚାଳନ, ପ୍ରତିଫଳନ ଏବଂ ଦୃଢ଼ ଜ୍ଞାନକୌଶଳ ଅବଲମ୍ବନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଡକ୍ଟର ହୋତା ଭୂତଳ ଜଳସ୍ତର ହ୍ରାସର ଉଦବେଗଜନକ ଧାରା ପରିପ୍ରେକ୍ଷୀରେ ସମସ୍ତଙ୍କୁ ଜଳର ଯଥାର୍ଥ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ। ଜଳ ପ୍ରବନ୍ଧନ ବିଭାଗର ଏସ.ଓ.ଏସ.ଟି., ଶ୍ରୀ ଏସ ପଣ୍ଡାଙ୍କ ଦ୍ୱାରା ବେଦଶ୍ଳୋକ ଆବୃତ୍ତି ମଧ୍ୟରେ ଅତିଥି ମାନେ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଦିବସ ପାଳନ ଅବସରରେ କର୍ମଚାରୀ ଓ ବିଦ୍ୟାର୍ଥୀମାନଙ୍କ ପାଇଁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତା ମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମଗୁଡିକ ମଧ୍ୟରେ ବିଦ୍ୟାର୍ଥୀ ମାନଙ୍କ ପାଇଁ କୁଇଜ,ପେଣ୍ଟିଙ୍ଗ ଏବଂ ବକ୍ତୃତା ପ୍ରତିଯୋଗିତା , ଆର.ଏସ.ପି. କର୍ମଚାରୀ ମାନଙ୍କ ପାଇଁ କୁଇଜ ପ୍ରତିଯୋଗିତା ସାମିଲ ଥିଲା। ଏହି ଅବସରରେ ଜଳ ସଂରକ୍ଷଣ ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର 'ପାଣି' ପ୍ରଦର୍ଶିତ ହୋଇଥିଲା। ଉତ୍ସବରେ ପୁରସ୍କାର ବିଜେତା ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଆଦିତି ପଣ୍ଡା ନିଜର ବକ୍ତୃତା ପ୍ରଦାନ କରିଥିଲେ । ୟୁଟିଲିଟିଜ ଓ ପରିବେଶ ବିଭାଗର ସି.ଜି.ଏମ., ଶ୍ରୀ ପି ଏସ କାନନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଚଳିତ ବର୍ଷର ସନ୍ଦର୍ଭ ଉପରେ ସଂକ୍ଷିପ୍ତରେ ଆଲୋକପାତ କରିଥିଲେ। ଜଳ ପ୍ରବନ୍ଧନ ବିଭାଗର ଜି.ଏମ. ଇନ ଚାର୍ଜ, ଶ୍ରୀ ଦେବଜିତ ରାଭା ଧନ୍ୟବାଦ ଜ୍ଞାପନ କରିଥିଲେ। ଜଳ ପରିଚାଳନା ବିଭାଗ ମ୍ୟାନେଜର ଶ୍ରୀ ଦୀପକ ଗର୍ଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୧୯୯୨ ମସିହାରେ ଜାତିସଂଘ ଦ୍ୱାରା ଅନୁମୋଦିତ ବିଧେୟକ ଅନୁଯାୟୀ ମାର୍ଚ୍ଚ ୨୨ ତାରିଖ ସାରା ବିଶ୍ୱରେ ବିଶ୍ୱ ଜଳ ଦିବସ ରୂପେ ପାଳିତ ହେଉଛି।

# ସଫଳ ଚାଷୀଙ୍କର ମୃତ୍ୟୁ

ବେତନଟୀ, ୨୨/୩ (ନି.ପ୍ର): ବେତନଟୀ ବ୍ଲକ ଅଧୀନ ଉଦ୍ଦିପୁରା ଗ୍ରାମର ସଫଳ ଚାଷୀ କାଙ୍ଗାଳି ଚରଣ ବେହେରାଙ୍କର ୮୫ବର୍ଷ ବୟସରେ ଆଜି ଦେହାନ୍ତ ହୋଇଯାଇଛି । ଛାତିରେ କଫ ଜମିଯାଇ ଥିବାରୁ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେବାରୁ ପରିବାରଲୋକେ ବେତନଟୀ ଡାକ୍ତରଖାନା ଆଣିଥିଲେ। ମାତ୍ର ଡାକ୍ତରକାନା ପହଞ୍ଚିବା ପୂର୍ବରୁ ତାଙ୍କର ଦେହାନ୍ତ ହୋଇସାରିଥିଲା। ଜଣେ ସଫଳଚାଷୀ ଭାବରେ କାଙ୍ଗାଳି ଚରଣ ବେହେରା ବେଶ୍ ପରିଚିତ ଥିବାବେଳେ ତାଙ୍କର ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# କେ. କବିତାଙ୍କୁ ମିଳିଲାନି ସୁପ୍ରିମକୋର୍ଟରୁ ଆଶ୍ୱସ୍ତି

ନୂଆଦିଲ୍ଲୀ, ୨୨/୩ (ନି.ପ୍ର): ବିଆରଏସ ନେତା କେ. କବିତାଙ୍କୁ ମିଳିଲାନି ସୁପ୍ରିମକୋର୍ଟରୁ ଆଶ୍ୱସ୍ତି । ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଟ୍ରାଏଲ କୋର୍ଟରେ ଜାମିନ୍ ଆବେଦନ ଦାୟର୍ କରିବାକୁ କହିଛନ୍ତି । କବିତା ନିଜର ଗିରଫଦାରୀ ଏବଂ ରିମାଣ୍ଡରେ ପଠାଯିବାର ନିର୍ଦ୍ଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ୍ କରିଥିଲେ । ଏହା ପୂର୍ବରୁ ମାର୍ଚ୍ଚ ୧୬ ତାରିଖରେ ଦିଲ୍ଲୀର ରାଉଜ ଏଭେନ୍ୟୁ କୋର୍ଟ କବିତାଙ୍କୁ ମାର୍ଚ୍ଚ ୨୩ ତାରିଖ ପର୍ଯ୍ୟନ୍ତ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) ହେପାଜତରେ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ।

# ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

ଜଳେଶ୍ୱର , ୨୨/୩ (ନି.ପ୍ର): ଜଳେଶ୍ୱର ବ୍ଲକର ଉପାନ୍ତ ପଂଚାୟତ ଗୋବରଘଟା ଘରୋଇ କଲ୍ୟାଣମଣ୍ଡପଠାରେ ବିଜେଡିର ମିଶ୍ରଣପର୍ବ ଓ କର୍ମୀ ସମ୍ମଳନୀ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସୂର୍ଯ୍ୟାନନ୍ଦ ପାଳ ସଭାପତିତ୍ୱ କରି ସ୍ୱାଗତ ଜଣାଇଥିଲେ । ଏଥିରେ ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗ ଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସଂପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନୀମଣ୍ଡଳୀସ୍ତରୀୟ ଯୁବ ବିଜେଡି ସଭାପତି ବିଶ୍ୱଜିତ୍ ପାଳ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ପୌର ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଜିଲା ମହିଳା ସଭାପତି ବିନ୍ଦୁବାଳା ନନ୍ଦି, ବାଲେଶ୍ୱର ଜିଲା ସହପର୍ଯ୍ୟବେକ୍ଷକ ରଣଜିତ୍ ମହାପାତ୍ର ପ୍ରମୁଖ ଆସନ୍ତା ନିର୍ବାଚନରେ ଜଣେ ସୃଙ୍ଖଳିତ ମାନବବାଦୀ, ନିତିଗତ ଅଶ୍ୱିନୀ ବାବୁ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଧିକ ଭୋଟ ଦେବାକୁ ଆହ୍ୱାନ ଦେଇଥିଲେ । ଗୋବରଘଟା ପଂଚାୟତର ପୂର୍ବତନ ସରପଂଚ ଦୀନକୃଷ୍ଣ ଗିରି, କ୍ରିଡାବିତ୍ ପ୍ରଦୀପ ଗିରିଙ୍କ ସହିତ ବହୁକର୍ମ ବିଜେଡିରେ ମିଶିଥିଲେ। ସେହିଭଳି ଗୋପିମୋହନପୁର ପଂଚାୟତର ଅବସରପ୍ରାପ୍ତ ଶିକ୍ଷକ ମନୋରଂଜନ ଦାସ, ପୂର୍ବତନ ସରପଂଚ ଖୋକନ ଜେନା, ଆରୁହାର ବିଜୟ ପ୍ରଧାନ, ନରୋତ୍ତମ ଚକ୍ରବର୍ତ୍ତୀ, ସୁଗୋ ପଂଚାୟତର କେତେକ ବ୍ୟକ୍ତି ବିଜେଡିରେ ଯୋଗଦାନ କରିଥିବା ଜଣାଯାଇଛି ।

# ଆଗାମୀ ନିର୍ବାଚନ ପାଇଁ ଆଚରଣ ବିଧି ଲାଗିବା ପରେ ପ୍ରଶାସନ ତତ୍ପର

ଲଙ୍ଗଳେଶ୍ୱର , ୨୨/୩ (ନି.ପ୍ର): ଆଗକୁ ଆସୁଛି ସାଧାରଣ ନିର୍ବାଚନ ଏବେ ପ୍ରଶାସନିକ ଅଧିକାରୀ ହେଲେ ତତ୍ପର, ଇଲେକ୍ଟ୍ରି ପୋଲ, ଗଛ, ଦୋକାନ, ରାସ୍ତା ଆଦି ବିଭିନ୍ନ ସ୍ଥାନରେ ଲାଗିଥିବା ପୋଷ୍ଟର, ବେନର ସହିତ ଲେଖା ଥିବା ସ୍ଥାନରୁ ଲିଭିବା ଓ ଖୋଲିବା ପ୍ରକ୍ରିୟା ଆରମ୍ଭ ହୋଇଛି । ବାଲିଆପାଳ ତହସିଲ ଅଧିନରେ ଥିବା ୨୮ ପଞ୍ଚାୟତ ରେ ଥିବା ରାସ୍ତାରୁ ତହସିଲଦାର ଓ ବିଡ଼ିଓଙ୍କ ସହିତ ସମସ୍ତ କର୍ମଚାରୀ ମାନେ ହୋଡିଙ୍ଗ, ପୋଷ୍ଟର ଓ ବେନର ଖୋଲିବାରେ ବ୍ୟସ୍ତ ଥିବାର ଦେଖିବାକୁ ମିଳିଛି କ୍ଷ ଆଜି ବଳରାମପୁର ଗ୍ରାମ ପଞ୍ଚାୟତ ରେ ବଳରାମପୁର ରାଜସ୍ୱ ନିରୀକ୍ଷକ ସୁନାରୁଇ ହାଟ ରାସ୍ତା ପାର୍ଶ୍ୱରେ ଥିବା ଇଲେକ୍ଟ୍ରି ପୋଲ ରେ ଲାଗିଥିବା ନେତା ମାନଙ୍କ ହୋଡିଙ୍ଗ ଖୋଲିବା ସହିତ, ବଣିଆଡିହା ଗ୍ରାମ ପଞ୍ଚାୟତ ଲଙ୍ଗଳେଶ୍ୱର ଶିବ ମନ୍ଦିର ରାସ୍ତାରେ ଥିବା ବେନରକୁ ବାଲିଆପାଳ ବିଡ଼ିଓଙ୍କ ଦ୍ୱାରା ଖୋଲା ହେଉଥିବା ନଜରକୁ ଆସିଛି ।



କିଛି ସ୍ଥାନରେ କାନ୍ଥରେ ଲେଖାଥିବା ଚିହ୍ନକୁ ଲିଭାଯାଇଛି । ଆଚରଣ ବିଧି ଲାଗିବା ପରେ ସରକାରି ଜାଗାରେ କୌଣସି ନେତା ଓ ମନ୍ତ୍ରୀଙ୍କ ବେନର ବା ଲେଖା ରହିବ ନାହିଁ ବୋଲି ତହସିଲଦାର ଓ ବିଡ଼ିଓ କହିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କଣ୍ଢେଇ ଦିବସ ପାଳିତ



ବେତନଟୀ, ୨୨/୩ (ନି.ପ୍ର): ବେତନଟୀ ଅଧୀନ ଦେବବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ କଣ୍ଢେଇ ଦିବସ ଆଜି ପାଳିତ ହୋଇଯାଇଛି । ପ୍ରଧାନଆଚାର୍ଯ୍ୟ ଲକ୍ଷ୍ମୀଧର ବାରିକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁବାଟିକାର ଗୁରୁଜୀ ଗୁରୁମା, ଅଭିଭାବିକାଙ୍କ ସମେତ ମୋଟ ୪୦ଜଣ ଶିଶୁ ଏଥିରେ ଅଂଶଗ୍ରହଣ କରିଥିଲେ । ପ୍ରାଚୀନ ସମୟରେ କଣ୍ଢେଇନାଚ ମନୋରଞ୍ଜନର ଏକ ମାଧ୍ୟମ ଥିବାବେଳେ କଣ୍ଢେଇନାଚ ମାଧ୍ୟମରେ କିଭଳି ପରମ୍ପରାକୁ ବଜାୟ ରଖିବାରେ ଲୋକକଳା, ସଂସ୍କୃତିର ଛାପ ପରିଲକ୍ଷିତ ହୋଇଥାଏ ସେନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କୁନିକୁନି ପିଲାମାନେ ବିଭିନ୍ନ ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ କରିଥିବା ସୁନ୍ଦର ସୁନ୍ଦର କଣ୍ଢେଇ ଏବଂ ଘର ସାଜସଜ୍ଜା ସରଞ୍ଜାମ ଗୁଡିକର ପ୍ରଦର୍ଶନ କରାଯାଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo